

ଓଏମ୍‌ଜି ୩ରେ ରାନୀ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-192 ♦WEDNESDAY ♦7 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୯୨ ♦ବୁଧବାର ♦୭ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ବାଂଲାଦେଶରେ ଥମୁନି ହିନ୍ଦୁ ବିରୋଧୀ ହିଂସା

## ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା
## ୧୮ ଦିନରେ ଷଷ୍ଠ ଘଟଣା




■ ଢାକା, ୬।୧ (ଏଜେନ୍ସି): ବାଂଲାଦେଶ ସାଧାରଣ ନିର୍ବାଚନକୁ ବନ୍ଦ କରିବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ପ୍ରରୋଚନାରେ ଆରମ୍ଭ ହୋଇଥିବା ହିଂସା ବନ୍ଦ ହେବାର ନା ଧରୁନି । ଏହି ହିଂସାରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ନିଶାଣ କରାଯାଉଛି । କ୍ରମାଗତ ଭାବେ ହିନ୍ଦୁ ବିରୋଧୀ ଅତ୍ୟାଚାର ମାମଲା ବଢ଼ିବାରେ ଲାଗିଛି । ଏହି କ୍ରମରେ ସୋମବାର ରାତିରେ ନରସିନ୍ଦି ଜିଲ୍ଲାର ଜଣେ ହିନ୍ଦୁ ଦୋକାନୀ ଶରତ ଚକ୍ରବର୍ତ୍ତୀ ମିନା (୪୦)ଙ୍କୁ ହତ୍ୟା କରାଯାଇଛି । ଏହାକୁ ମିଶାଇ ଗତ ୧୮ ଦିନରେ ୬ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି । ଗତ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏଭଳି ଆକ୍ରମଣ ହୋଇଛି । ଗତକାଲି ରାତିରେ ଦୋକାନରେ ମିନା ବସିଥିବା ବେ ।ଳେ କେତେକ ଅଜ୍ଞାତ ଆକ୍ରମଣକାରୀ ତାଙ୍କୁ ଅଚାନକ ଆକ୍ରମଣ କରିଥିଲେ । ମିନାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା । ମାତ୍ର ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ହିନ୍ଦୁ ବିରୋଧୀ ହିଂସା ବିରୋଧରେ ଫେସ୍‌ବୁକ ପୋଷ୍ଟକୁ ନେଇ ମିନାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

ଏହାର କିଛି ଘଣ୍ଟା ପୂର୍ବରୁ ଯଶୋର ଜିଲ୍ଲାରେ ଜଣେ ୪୫ ବର୍ଷୀୟ ହିନ୍ଦୁ ସାମ୍ବାଦିକ ରାଣା ପ୍ରତାପଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ସେହିପରି ଶନିବାର ଝିନାଇଦା ଜିଲ୍ଲାରେ ଜଣେ ହିନ୍ଦୁ ବିଧବାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ଅଭିଯୁକ୍ତମାନେ ତାଙ୍କୁ ଟଙ୍କା ମଧ୍ୟ ମାଗିଥିଲେ । ମହିଳା ଚିତ୍କାର କରିବାରୁ ଏକ ଗଛରେ ବାନ୍ଧି ତାଙ୍କ କେଶ କାଟି ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଗତ ୩ ତାରିଖର ୫୦ ବର୍ଷୀୟ ଖୋକନ ଚନ୍ଦ୍ର ଦାସଙ୍କୁ ନିର୍ମମ ଭାବେ ଆକ୍ରମଣ କରି ତାଙ୍କୁ ଜିଅନ୍ତା ଜାଳି ଦିଆଯାଇଥିଲା । ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା । ଡିସେମ୍ବର ୨୪ରେ ରାଜବାରୀ ସହରର ପାଂଶା ଉପଜିଲ୍ଲାରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଅମୃତ ମଣ୍ଡଳଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ପିଟି ପିଟି ହତ୍ୟା କରାଯାଇଥିଲା । ଡିସେମ୍ବର ୧୮ରେ ମୈମନସିଂ ସହରରେ ୨୫ ବର୍ଷୀୟ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରାଯାଇଥିଲା । ଏହାବାଦ୍ ଡିସେମ୍ବର ୨୩ରେ ଚିଟାଗଙ୍ଗ ଉପକଣ୍ଠରେ ଥିବା ରାଉଜାନ ଅଞ୍ଚଳରେ ଅଜ୍ଞାତ ବ୍ୟକ୍ତିମାନେ କାତାରରେ କାମ କରୁଥିବା ପ୍ରବାସୀ ଶ୍ରମିକ ଶୁଖ ଶିଲ୍ ଏବଂ ଅନିଲ୍ ଶିଲ୍‌ଙ୍କ ଘରେ ନିଆଁ ଲଗାଇ ବାହାର ପଟୁ ତାଲା ଦେଇଥିଲେ । ମାତ୍ର ପରିବାର ସଦସ୍ୟ ଘରର କାନ୍ଥ ଭାଙ୍ଗି ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲେ । ବାଂଲାଦେଶରେ ହିନ୍ଦୁଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି ।

# ପରିବହନ ବିଭାଗର 'ଅନ୍ଧ ନୀତି'

## ଗୋଟିଏ ଅପରାଧ ପାଇଁ ଅନେକ ଦଣ୍ଡ

■ ଭୁବନେଶ୍ୱର, ୬।୧ (ସମିସ): ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଜଣେ ବ୍ୟକ୍ତିଙ୍କୁ ଏବେ ମିଳୁଛି ଯାବତୀୟ ମାନସିକ, ଆର୍ଥିକ ଓ ଶାରୀରିକ ଦଣ୍ଡ । ପରିବହନ ବିଭାଗର କଥିତ ୧୩୦୦ କୋଟି ଟଙ୍କା ବକେୟା ଚାଲାଣ ରାଶି ଆଦାୟ ଫନ୍ଦି ଯୋଗୁଁ ରାଜ୍ୟବାସୀ କଲବଲ ହେଉଛନ୍ତି । ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲମ୍ବା ଧାଡ଼ି, ଚାଲାଣ ପାଇଁ ଲାଇନ, ଗ୍ରୀନ୍ ଷ୍ଟିକର ପାଇଁ ଯାତନା ଯୋଗୁଁ ଲୋକେ ତାତିବା ଆରମ୍ଭ କରିଛନ୍ତି । ସରକାର ସବୁଆଡ଼ୁ ସମାଲୋଚନା ଓ ବିରୋଧର ଶିକାର ହୋଇଛନ୍ତି । ଅଦାଲତରେ ଏ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଛି । ଏହା ପରେ ବି ପରିବହନ ବିଭାଗର ଚୈତନ୍ୟୋଦୟ ହୋଇନାହିଁ । ବିଭାଗର ଅନ୍ଧ ନୀତି ଯୋଗୁଁ ଲୋକେ କଲବଲ ହୋଇଛନ୍ତି । ଏପରିକି ସରକାର ଆର୍ଥିକ ଦେବାଳିଆ ହୋଇ ସୁଭଦ୍ରା ଯୋଜନା ପାଇଁ ଅର୍ଥ ଯୋଗାଡ଼ କରୁଥିବା ମଧ୍ୟ ଅଭିଯୋଗ ଉଠିଲାଣି । ଏହି ସମୟରେ ହାଇକୋର୍ଟ ମଙ୍ଗଳବାର ରାଜ୍ୟ ପରିବହନ କମିଶନରଙ୍କ ସ୍ପଷ୍ଟୀକରଣ ଲୋଡିବା ସହ ପୁରୁଣା ଜରିମାନା ଭରଣା ନକଲେ ପଲ୍ୟୁସନ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଛି ତା ଉପରୁ ଦ୍ୱନ୍ଦ୍ୱ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଦୂର ହେଲାନି ପ୍ରଦୂଷଣ ସାର୍ଟିଫିକେଟ୍ ଦ୍ୱନ୍ଦ୍ୱ
### ବାରମ୍ବାର ବଦଳୁଛି 'ଗ୍ରୀନ୍ ଷ୍ଟିକର' ନୀତି
### ଜରିମାନା ସାଙ୍ଗକୁ ସାଇବର ଠକେଇ ଭୟ




ଏନେଇ ପରିବହନ ଆୟୁକ୍ତଙ୍କୁ ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କଠାରୁ ମଧ୍ୟ ହାଇକୋର୍ଟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ।

ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ତେଲ ନମିଳିବା ଲାଗି ମାର୍ଗଦର୍ଶିକା ଜାରି କରିବା ରାଜ୍ୟ ସରକାରଙ୍କୁ ମହଙ୍ଗା ପଡ଼ିଛି । ପ୍ରଦୂଷଣ ସାର୍ଟିଫିକେଟ୍ ପାଇବାକୁ ହେଲେ ପୁରୁଣା ଜରିମାନା ପୈଠ କରିବା ବାଧ୍ୟତାମୂଳକ ବୋଲି ହୋଇଥିବା ନିୟମକୁ ଚାରି ଆଡ଼ୁ ସମାଲୋଚନା ଓ ବିରୋଧ କରାଯାଉଛି । ପରିବହନର ବିଭାଗ ଏଭଳି ନିୟମ ଓ ଜରିମାନା ଭୟ ଯୋଗୁଁ ଲୋକେ ପୁରୁଣା ଜରିମାନା ପୈଠ କରିବାକୁ ଲମ୍ବା ଲାଇନ୍‌ରେ ଠିଆ ହେଉଛନ୍ତି । ଏ ସବୁ ଭିତରେ ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଜବାବ ତଲବ କରିବା ପରେ ସ୍ଥିତି ଆହୁରି ଜଟିଳ ହୋଇଛି ।

▶ପୃଷ୍ଠା-୭

## ହାଇକୋର୍ଟଙ୍କ ଜବାବ ତଲବ

### ଦୁଇ ସପ୍ତାହରେ ସତ୍ୟପାଠ ଦେବାକୁ ପରିବହନ କମିସନରଙ୍କୁ ନିର୍ଦ୍ଦେଶ

■ କଟକ, ୬।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ-ଡିଜେଲ ମିଳିବା କଟକଣା ସମ୍ପର୍କିତ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ବିଜ୍ଞପ୍ତି ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆଯାଉନଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର

▶ପୃଷ୍ଠା-୭

## ଏସ୍‌ଆଇଆର୍ ଚଡ଼କ

# ୟୁପିରେ ୩କୋଟି ଭୋଟର ବାଦ୍




■ ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍ ପ୍ରକ୍ରିୟାରେ ଉତ୍ତର ପ୍ରଦେଶରେ ବାଦ୍ ପଡ଼ିଛନ୍ତି ପ୍ରାୟ ତିନି କୋଟି ଭୋଟର । ଦେଶର ୧୨ଟି ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ବିଭିନ୍ନ ରାଜ୍ୟରେ ବାଦ୍ ପଡ଼ିଥିବା ଭୋଟର ସଂଖ୍ୟା ମଧ୍ୟରେ ଏହା ହେଉଛି ସର୍ବାଧିକ । ଉତ୍ତର ପ୍ରଦେଶରେ ମୋଟ ଭୋଟର ସଂଖ୍ୟା ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକ୍ରିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି । ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି । ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ ।

### ସୁପ୍ରିମ କୋର୍ଟ ଗଲେ ମମତା

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନୱା ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ସମସ୍ତ ୭୫ଟି ଜିଲ୍ଲା ଏବଂ ୪୦୩ ବିଧାନସଭା ନିର୍ବାଚନମଣ୍ଡଳୀରେ ସଂଶୋଧନ ପ୍ରକ୍ରିୟା ଚାଲିଥିଲା । ଭୋଟର ତାଲିକାରୁ ଯେଉଁ ୨ କୋଟି ୮୯ ଲକ୍ଷ ଲୋକ ବାଦ୍ ପଡ଼ିଛନ୍ତି ସେମାନଙ୍କ ମଧ୍ୟରେ ମୃତ ଓ ଅନୁପସ୍ଥିତ ଭୋଟର ରହିଛନ୍ତି । ୪୬ ଲକ୍ଷ ୨୩ ହଜାର (୨.୯୯%) ଭୋଟର ମୃତ୍ୟୁ ବରଣ କରିଥିବା ବେଳେ ୨ କୋଟି ୫୭ ଲକ୍ଷ (୧୪.୦୬%) ଭୋଟର ସର୍ଭେ ବେଳେ ଅନୁପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ ଅନେକ ସ୍ଥାୟୀ ରୂପେ ବାହାର ରାଜ୍ୟକୁ ଚାଲିଯାଇଥିବାର ଅନୁମାନ କରାଯାଉଛି । ଅନ୍ୟ ୨୫ ଲକ୍ଷ ୪୭ ହଜାର (୧.୬୫%) ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ପଞ୍ଜୀକରଣ ହୋଇଛି । ତେବେ ଆଜି ଯେଉଁ ତଥ୍ୟ ଦିଆଯାଇଛି ଯେ ତାହା ଚୂଡ଼ାନ୍ତ ନୁହେଁ । ଏହା ହେଉଛି ଚିଠା ଭୋଟର ତାଲିକା । ଆସନ୍ତାମାସ ୬ ତାରିଖ ସୁଦ୍ଧା ବାଦ୍ ପଡ଼ିଥିବା ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଏହାପରେ ଯାଇ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ପଶ୍ଚିମ ବଙ୍ଗରେ ଆତଙ୍କ ସୃଷ୍ଟି କରିଥିବା ଏସ୍‌ଆଇଆର୍ ବିରୋଧରେ

▶ପୃଷ୍ଠା-୭

## ଫେରିଲା ଶୀତ: ୪୮ ଘଣ୍ଟାରେ ୭ ଡିଗ୍ରୀ ଖସିଲା ପାରଦ

# ୧୦ ଡିଗ୍ରୀ ତଳେ ରାଜ୍ୟର ୧୯ ସହର

■ ଭୁବନେଶ୍ୱର, ୬।୧ (ସମିସ): ଗତ ୪୮ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୬ରୁ୭ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ରାତି ଭଳି ଦିନର ତାପମାତ୍ରା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ କମିଛି । ଫଳରେ ସୋମବାର ରାତିରୁ ରାଜ୍ୟକୁ ପୁଣି ଶୀତ ଫେରିଛି । ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ କାଲୁଆ ଶୀତ ଅନୁଭୂତ ହୋଇଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଶୀତ ଲହରୀ ଜାରି ହୋଇଛି ।

### ଝାରସୁଗୁଡ଼ାରେ ଭାଙ୍ଗିଲା ୭୨ ବର୍ଷର ରେକର୍ଡ
### ୯ ତାରିଖ ପର୍ଯ୍ୟନ୍ତ ଜାରି ହେଲା ଶୀତ ସତର୍କତା

ଅନ୍ୟପଟେ ତଳମୁହାଁ ପାରଦ ଝାରସୁଗୁଡ଼ାରେ ୭୨ ବର୍ଷର ରେକର୍ଡ ଭାଙ୍ଗିଛି । ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୫.୧ ଡିଗ୍ରୀକୁ ଖସିଛି । ୧୯୫୩ରୁ ଏଯାବତ୍ ଝାରସୁଗୁଡା ଇତିହାସ ସବୁଠାରୁ ଥଣ୍ଡା ରାତିରେ ପରିଣତ ହୋଇଛି । ଝାରସୁଗୁଡ଼ା ସମେତ ରାଜ୍ୟର ମୋଟ୍ ୧୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରେକର୍ଡ ହୋଇଛି । ଝାରସୁଗୁଡା ୫.୧ ଡିଗ୍ରୀ ସହ ରାଉରକେଲା ୬.୬, କିରେଇ ଓ ଜି.ଉଦୟଗିରି ୬.୮, ଦାରିଙ୍ଗବାଡି ୭.୫, ସୁନ୍ଦରଗଡ ୭.୬ , ସେମିଳିଗୁଡା ୮.୫, ବଲାଙ୍ଗୀର

▶ପୃଷ୍ଠା-୭

# ଦ୍ୱୈତନଗରୀରେ ପ୍ରଦୂଷଣ କଟକଣା

## ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ ମନା

■ ଭୁବନେଶ୍ୱର,୬।୧ (ସମିସ): ରାଜ୍ୟରେ ପ୍ରଦୂଷଣ ଉପର ମୁହାଁ ହେବା ପରେ ବିଭିନ୍ନ ସହରରେ କଟକଣା ଜାରି ହୋଇଛି । ପ୍ରଥମେ ତାଳଚେର ଓ ବାଲେଶ୍ୱରରେ କଟକଣା ଲାଗୁ ହେବା ପରେ ଏବେ ଟ୍ୱିନ ସିଟି କଟକ-ଭୁବନେଶ୍ୱରରେ ମଧ୍ୟ କଟକଣା ଜାରି ହୋଇଛି । ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ନିୟମ ଲାଗୁ କରାଯାଇଛି । ଏଥିରେ ପ୍ରମୁଖ ପଦକ୍ଷେପ ଭାବେ ଦୁଇ ସହରରେ ସନ୍ଧ୍ୟା ୬ ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ନିର୍ମାଣ କାମ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି । ମଙ୍ଗଳବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏହି କଟକଣା ବିଷୟରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଓଡ଼ିଶା ବିଭିନ୍ନ ସହରରେ କିଛି ମାତ୍ରାରେ ପ୍ରଦୂଷଣ ବଢ଼ିଛି । ମାତ୍ର ପାଣିପାଗ ସ୍ଥିତି ଯୋଗୁଁ ଏହା ସାମୟିକ ବୃଦ୍ଧି ପାଇଛି । ଏହାକୁ ରୋକିବା ପାଇଁ କିଛି ପଦକ୍ଷେପ ନିଆଯାଇଛି । ପ୍ରଦୂଷଣ ପିକ୍‌ରେ ରହୁଥିବା ସମୟରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ସହିତ ରାସ୍ତାରେ ଧୂଳି କଣିକା ଯୋଗୁଁ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ପାଣି ଛିଞ୍ଚନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କଟକ ଏବଂ ଭୁବନେଶ୍ୱରର ବାୟୁ ପ୍ରଦୂଷଣ ସ୍ଥିତିକୁ ବିଭାଗ ପକ୍ଷରୁ

▶ପୃଷ୍ଠା-୭

# 'ଭିବି ଜି ରାମ ଜି'ର ଲକ୍ଷ୍ୟ ବିକଶିତ ଭାରତ: ମୁଖ୍ୟମନ୍ତ୍ରୀ



### ମନରେଗାରେ ବିଭିନ୍ନ ରାଜ୍ୟରେ ଦୁର୍ନୀତିର ଛିଟା ଲାଗିଛି
### ଲୋକଙ୍କୁ ରୋଜଗାର ଦେବାରେ ମନରେଗା ବିଫଳ
### ଭିବି ଜି ରାମ ଜି ଆଇନରେ ୧୨୫ ଦିନ ରୋଜଗାର ସୁନିଶ୍ଚିତ

■ ଭୁବନେଶ୍ୱର, ୬।୧ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି ରାମ ଜି) ବିଲ୍ ସଂସଦରେ ପାଶ୍ ହୋଇ ଆଇନ୍‌ରେ ପ୍ରଣୟନ ହୋଇଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ କୌଣସି ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ । ବିରୋଧୀ ଦଳଗୁଡ଼ିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି । ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ସେମାନେ ଦର୍ଶାଉଛନ୍ତି । କିନ୍ତୁ କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନ୍‌ରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଶ୍ରୀ ମାଝୀ କହିଛନ୍ତି ଯେ ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ନରେଗା) ଆରମ୍ଭ କରାଯାଇଥିଲା । ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତ ଯୋଜନା (ମନରେଗା)ରେ ନାମିତ କରାଯାଇଥିଲା । ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା । ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ୟୁପିଏ ସରକାର ଏହି ଯୋଜନା କାର୍ଯ୍ୟ କରିଥିଲା । ଏଥିରେ ୧୦୦ ଦିନର ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା । ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା । ଏହି ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ୍ୟ ଦେଖିବାକୁ ମିଳିଥିଲା । ବିହାରରେ ୬୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଯୋଜନାର

▶ପୃଷ୍ଠା-୭

# 'ଓମ୍‌ସା' ଆନ୍ଦୋଳନ ଉପରେ 'ଏସ୍ମା'

## ଡାକ୍ତର ସଂଘ-ସରକାର ମୁହାଁମୁହିଁ

■ ଭୁବନେଶ୍ୱର, ୬।୧ (ସମିସ): ୧୦ ଦାବି ନେଇ ରାଜ୍ୟବ୍ୟାପୀ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ)ର ଆନ୍ଦୋଳନକୁ ନେଇ କଠୋର ହୋଇଛନ୍ତି ରାଜ୍ୟ ସରକାର । ଡାକ୍ତରଙ୍କ ଆନ୍ଦୋଳନ ଉପରେ ମଙ୍ଗଳାବାରଠାରୁ ଏସ୍ମା ଲାଗୁ କରିଛନ୍ତି । ଆସନ୍ତା ୬ ମାସ ଯାଏଁ ଡାକ୍ତରମାନେ ଆନ୍ଦୋଳନ/ ଧର୍ମଘଟ କରିପାରିବେ ନାହିଁ । ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅପରପକ୍ଷେ ଏସ୍ମା ଲାଗୁ ସତ୍ତ୍ୱେ ଆନ୍ଦୋଳନ ଜାରି ରହିବ ବୋଲି ଓମସାର ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ କହିଛନ୍ତି ।

### ୬ ମାସ ଯାଏଁ କରିପାରିବେନି ଧର୍ମଘଟ
### ଆନ୍ଦୋଳନ ଜାରି ରଖିବାକୁ ଡାକ୍ତରଙ୍କ ଧମକ

ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ସରକାରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଡାକ୍ତର, ନର୍ସିଂ ଅଧିକାରୀ, ଫାର୍ମାସୀ ଅଧିକାରୀ, ପାରାମେଡିକାଲ ଷ୍ଟାଫ୍, ଟେକ୍ନିସିଆନ ଏବଂ ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଉପରେ ଏହି କଟକଣା ଲାଗୁ କରାଯାଇଛି । ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ସର୍ଜନ କରିଛି ଓମସା । ଦିନବେଳା ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଓମସା ଓପିଡି ସେବାରେ ସହଯୋଗ କରୁନଥିବାରୁ ରାଜ୍ୟବ୍ୟାପୀ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଏନେଇ ଗତକାଲି ପ୍ରତିକ୍ରିୟା ରଖିବା ସହ ଡାକ୍ତରମାନେ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବାକୁ ନିବେଦନ କରିଥିଲେ । ଏହାର ଦିନକ ପରେ ସରକାର ଡାକ୍ତରଙ୍କ ଧର୍ମଘଟ ଉପରେ ଏପରି କଟକଣା ଜାରି କରିଛନ୍ତି ।

# ଅଡ଼ି ବସିଛନ୍ତି ମିଲର, ଧାନ କିଣା ବନ୍ଦ

## ଦାବିରେ ଯଥାର୍ଥତା ନାହିଁ, ଆନ୍ଦୋଳନ ଅନ୍ୟଦ୍ୱାରା ପରିଚାଳିତ: ମନ୍ତ୍ରୀ

■ ଭୁବନେଶ୍ୱର, ୬।୧ (ସମିସ): ସାରା ରାଜ୍ୟରେ ଧାନ କିଣାରେ ଅଚଳାବସ୍ଥା । ମଣ୍ଡିରେ ଧାନବସ୍ତା ପାହାଡ଼ ପ୍ରମାଣ ଗଦା ହୋଇଥିବାବେଳେ ମିଲର ଧାନ କିଣୁ ନାହାନ୍ତି । ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାନ ଉଠାଯିବ ନାହିଁ ବୋଲି ମିଲର ରୋକଠୋକ୍ ଧମକ ଦେଇଛନ୍ତି । ମିଲର ଓ ସରକାରଙ୍କ ମଧ୍ୟରେ ଅନେକବାର ଆଲୋଚନା ହୋଇଥିଲେ ହେଁ ନିଷ୍କର୍ଷ ବାହାରି ନାହିଁ । ମିଲରମାନେ ସରକାରଙ୍କୁ ବିଶ୍ୱାସକୁ ନେଉ ନାହାନ୍ତି । ଫଳରେ ଆଜି ମଧ୍ୟ ରାଜ୍ୟର କୌଣସି ମଣ୍ଡିରେ ଧାନ ଉଠିନାହିଁ । ସାରା ରାଜ୍ୟରେ ଧାନ ବିକିବାକୁ ଆସି ଚାଷୀମାନେ ଧାନ ଜଗି ବସି ରହିଛନ୍ତି । ଚାରି ଆଡ଼ୁ ଚାଷୀଙ୍କ ଦୁର୍ଦ୍ଦଶାର ଚିତ୍ର ସାମନାକୁ ଆସୁଥିବା ବେଳେ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ସବୁ ଆଡ଼େ ମଣ୍ଡିରେ ଚାଷୀ ହନ୍ତସନ୍ତ ହେଉଛନ୍ତି ।

ଅନ୍ୟପଟେ ରାଜ୍ୟରେ ଚାଲିଥିବା ମିଲର୍ସ ଆନ୍ଦୋଳନକୁ ନେଇ ସମବାୟ ମନ୍ତ୍ରୀ ଆଜି ଏକ ଅଜବ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଆନ୍ଦୋଳନ ସ୍ୱାଭାବିକ ନୁହେଁ, ଏହା ଅନ୍ୟ କାହା ଦ୍ୱାରା ପରିଚାଳିତ ହେଉଛି । ସରକାରଙ୍କୁ ହରଡ଼ଘଣାରେ ବା ଅଡୁଆରେ ପକାଇବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା । ଆନ୍ଦୋଳନ କରୁଥିବା ମିଲର୍ସମାନଙ୍କ ଦାବିରେ କୌଣସି ଯଥାର୍ଥତା ନାହିଁ । ଯଦିଓ ଯୋଗାଣ ବିଭାଗ ପକ୍ଷରୁ ମିଲର୍ସମାନଙ୍କ ସହ ବାରମ୍ବାର ଆଲୋଚନା ଓ ବିଚାରବିମର୍ଶ କରାଯାଉଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ନିଷ୍କର୍ଷ ବାହାରି ପାରିନାହିଁ । ସରକାର ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି । କିନ୍ତୁ ମିଲର୍ସମାନଙ୍କ ଅସହଯୋଗ କାରଣରୁ ପ୍ରକ୍ରିୟା ଅଟକି ରହିଛି । ମନ୍ତ୍ରୀ କହିଛନ୍ତି, ଯଦି ମିଲର୍ସମାନେ ଧାନ ରଖିବେ, ତେବେ ଯାଇ ମିଲିଂ ପ୍ରକ୍ରିୟା ଆଗକୁ ବଢ଼ିପାରିବ । ସରକାର ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଅନ୍ୟପଟେ ସରକାର ଓ ମିଲର୍ସଙ୍କ ମଧ୍ୟରେ ବିବାଦ ଯୋଗୁଁ

▶ପୃଷ୍ଠା-୭

# ନାବାଳିକା ଦୁଷ୍କର୍ମ ଓ ହତ୍ୟାକାରୀକୁ ଫାଶୀ ଦଣ୍ଡ



■ ବରଗଡ଼, ୬।୧ (ସମିସ): ୨୦୨୪ ମସିହାରେ ପାଇକମାଳ ଥାନା ଅଞ୍ଚଳରେ ୭ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଭଳି ସଂଗିନ୍ ମାମଲାର ବିଚାର କରି ବରଗଡ଼ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ କମ୍ ସ୍ପେସାଲ୍ ପକ୍ସୋ କୋର୍ଟ ଅଭିଯୁକ୍ତ ପ୍ରଶାନ୍ତ ବାଗ(୨୫) ଓରଫ୍ ବରିହାକୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ମୃତ ନାବାଳିକାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଅପରାଧକୁ କୋର୍ଟ ବିରଳରୁ

▶ପୃଷ୍ଠା-୭

# ସୋନିଆ ଗାନ୍ଧୀ ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି



ନୂଆଦିଲ୍ଲୀ, ୬।୧ (ଏଜେନ୍ସି):ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି । ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ହୃତ୍‌ପିଣ୍ଡ ବିଶେଷଜ୍ଞ ଡାକ୍ତର ତୀକ୍ଷଣ ନଜର ରଖିଥିବା ସୂଚନା ମିଳିଛି । ମାତ୍ର ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କଂଗ୍ରେସ କିମ୍ବା ହସ୍ପିଟାଲ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ । ସୋନିଆ ଗାନ୍ଧୀ ଗତ କିଛି ବର୍ଷ ଧରି ସ୍ୱାସ୍ଥ୍ୟା ସମସ୍ୟାରେ ପୀଡ଼ିତ ଅଛନ୍ତି । ସେ ନିୟମିତ ଯାଞ୍ଚ ଏବଂ ଚିକିତ୍ସା ପାଇଁ ସମୟ ସମୟରେ ହସ୍ପିଟାଲକୁ ଆସୁଛନ୍ତି । ଚଳିତ ଥର ସୋମବାର ସନ୍ଧ୍ୟାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ କଫ ଯାଞ୍ଚ ସହିତ ନିୟମିତ ସ୍ୱାସ୍ଥ୍ୟା ପରୀକ୍ଷା ପାଇଁ ଆସିଥିବା ମଧ୍ୟ କୁହାଯାଉଛି । ବିଶେଷ କରି ଦିଲ୍ଲୀରେ ଜାରି ଭୟଙ୍କର ବାୟୁ ପ୍ରଦୂଷଣକୁ ଦେଖି ସେ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଉଛନ୍ତି । ଗତ ଡିସେମ୍ବରରେ ସୋନିଆ ୭୯ ବର୍ଷରେ ପଦାର୍ପଣ କରିଥିଲେ ।

# ଅଭିନେତା ବିଜୟଙ୍କୁ ସିବିଆଇ ନୋଟିସ



ଚେନ୍ନଇ, ୬।୧ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ତାମିଲିଗା ଭେଟ୍ରି କଝଗମ (ଟିଭିକେ) ମୁଖ୍ୟ ବିଜୟଙ୍କୁ ସିବିଆଇ ସମନ କରିଛି । କରୁର ଦଳାଚକଟା ମାମଲାରେ ୧୨ ତାରିଖରେ ତାଙ୍କୁ ହାଜର ହେବାକୁ କୁହାଯାଇଛି । ସିବିଆଇ ଏହି ମାମଲାର ତଦନ୍ତ କରୁଛି । ଏ ନେଇ ତାଙ୍କୁ ଜେରା କରାଯିବ । ଏହି ଆଧାରରେ ଆରୋପପତ୍ରରେ ବିଜୟଙ୍କ ନାମ ରହିବ କି ନାହିଁ ସିବିଆଇ ତାହାର ନିଷ୍ପତ୍ତି ନେବ । ୨୦୨୫ ସେପ୍ଟେମ୍ବର ୨୭ରେ କରୁର ଜିଲ୍ଲା ଭେଲୁସ୍ୱାମୀପୁରମରେ ଏହି ଦଳାଚକଟା ଘଟଣା ଘଟିଥିଲା । ବିଜୟ ଆସିବାରେ ବିଳମ୍ବ ହେବାରୁ ଦଳଚକଟା ଆରମ୍ଭ ହୋଇଯାଇଥିଲା । ଏହି ଘଟଣାରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା । ପ୍ରଥମେ ତାମିଲନାଡୁର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ମାମଲାର ତଦନ୍ତ କରୁଥିଲା । ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେସ ପରେ ସିବିଆଇ ଏହି ମାମଲା ନେଇଥିଲା ।ସିବିଆଇ କାର୍ଯ୍ୟକ୍ରମ ପାଇଁ ଦିଆଯାଇଥିବା ଅନୁମତି, ଭିଡ଼ ପରିଚାଳନା ପଦକ୍ଷେପ, ପୁଲିସ ମୁତୟନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଆଦିକୁ ନେଇ ଯାଞ୍ଚ କରୁଛି । ପୂର୍ବରୁ ଏହି ମାମଲାରେ ଟିଭିକେ କର୍ମକର୍ତ୍ତା ଏବଂ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇସାରିଛି ।

# ଅମର୍ତ୍ତ୍ୟ ସେନ୍‌ଙ୍କୁ ଏସଆଇଆର ନୋଟିସ

କୋଲକାତା, ୬।୧ (ଏଜେନ୍ସି):ନୋବେଲ ବିଜେତା ଭାରତୀୟ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କୁ ଏସ୍‌ଆଇଆର୍ ନୋଟିସ୍ ପଠାଯାଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ଏହାକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ସମାଲୋଚନା କରିଛନ୍ତି । ଜାଣିଶୁଣି ଇସି ରାଜ୍ୟର ନାଗରିକଙ୍କୁ ନିଶାଣ କରୁଥିବା ସେ ଅଭିଯୋଗ କରିଛନ୍ତି । ଅଭିଷେକ ବାନାର୍ଜୀ ଏକ




ରାଲିକୁ ସମ୍ବୋଧନ କରି କହିଛନ୍ତି ଯେ ନୋବେଲ ବିଜେତା ଅର୍ଥନୀତିଜ୍ଞଙ୍କୁ ସମନ କରିବା ଅତ୍ୟନ୍ତ ଦୁଃଖଦ ଘଟଣା । ଭାରତ ପାଇଁ ନୋବେଲ ପୁରସ୍କାର ଜିତି ଦେଶ ବିଦେଶରେ ଭାରତକୁ ଅଧିକ ପ୍ରସିଦ୍ଧି କରିଥିବା ଅମର୍ତ୍ତ୍ୟ ସେନଙ୍କୁ ନୋଟିସ ପଠାଇବା ଦୁଃଖର ବିଷୟ । ବିଶ୍ୱକପ୍‌ରେ ଭାରତ ପାଇଁ ଖେଳିଥିବା କ୍ରିକେଟର ମହମ୍ମଦ ସାମି ଏବଂ ଅଭିନେତା ଦେବଙ୍କୁ ମଧ୍ୟ ନୋଟିସ ପଠାଯାଇଛି । ସମସ୍ତଙ୍କୁ ବଦନାମ ଏବଂ ହଇରାଣ କରିବାକୁ ଏପରି କରାଯାଉଛି । ଏସଆଇଆର ନାମରେ ବିଜେପି-ଇସି ମେଣ୍ଟ କରି ପଶ୍ଚିମବଙ୍ଗ ଲୋକଙ୍କୁ ନିଶାଣ କରୁଛନ୍ତି । ଅନ୍ୟପଟେ ଇସି ଏ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୈଇତିଆଇଲିର ଲାଭା ବ୍ଲକର ବିଡିଓଙ୍କୁ ଏସଆଇଆର ନୋଟିସ ଜାରି କରାଯାଇଛି । ସେ ଶୁଣାଣି ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଦେଖାଯାଇଛି ।ଅନ୍ୟମାନଙ୍କ ପରି ବିଡିଓ ଭାରତୀ ଚିକ ବାରାଇକ ଧାଡ଼ିରେ ଛିଡ଼ା ହୋଇଥିବା ଦେଖାଯାଉଛି । ସୂଚନା ଅନୁଯାୟୀ, ବିଡିଓଙ୍କ ତତ୍ତ୍ୱାବଧାନରେ ଏସଆଇଆର କାମ ଚାଲିଛି । କିନ୍ତୁ ରାଜ୍ୟରେ ବିଡିଓ ଏବଂ ତାଙ୍କ ବାପା କପିଲ ଚିକ ବାରାଇକ, ଭାଇ ପ୍ରଣବ ଚିକ ବାରାଇକ, ଭଉଣୀ ଆରତୀ ଚିକ୍ ବାରାଇକଙ୍କୁ ନୋଟିସ କରାଯାଇଥିଲା । ୨୦୦୨ ଭୋଟର ତାଲିକାରେ ତାଙ୍କ ନାମ ନ ଥିବା କୁହାଯାଇଥିଲା ।

# ସୁରେଶ କାଲମାଡୀଙ୍କ ପରଲୋକ

ପୁନେ, ୬।୧ (ଏଜେନ୍ସି): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କାଲମାଡୀଙ୍କ ପରଲୋକ ହୋଇଛି । ସେ ୮୧ ବର୍ଷ ବୟସରେ ମଙ୍ଗଳବାର ସକାଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । କାଲମାଡୀ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ । ପୁନେର



ଦୀନାନାଥ ମଙ୍ଗେସକର ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା । ସନ୍ଧ୍ୟାରେ ବୈକୁଣ୍ଠ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ୧୯୯୪ ମେ' ୧ରେ ଜନ୍ମିତ କାଲମାଡୀ ଭାରତୀୟ ବାୟୁସେନାର ପାଇଲାଟ ଭାବେ କାର୍ଯ୍ୟ କରିଥିଲେ । ସେ ସ୍କ୍ୱାଡ୍ରନ ଲିଡର ପଦରୁ ଅବସର ନେବା ପରେ କଂଗ୍ରେସ ସହ ମିଶି ରାଜନୀତିରେ କ୍ୟାରିୟର ଆରମ୍ଭ କରିଥିଲେ । କାଲମାଡୀ ୩ ଥର ଲୋକସଭା ଏବଂ ସମାନ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ସେ ନରସିମ୍ହା ରାଓଙ୍କ ସରକାରରେ ୧୯୯୫-୯୬ରେ ରେଳ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୧୯୮୧-୮୬ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ କଂଗ୍ରେସ (ସମାଜବାଦୀ)ର ଅଧ୍ୟକ୍ଷ ଥିଲେ । ରାଜନୀତି ସହିତ ଖେଳ ପ୍ରଶାସନ ପାଇଁ ମଧ୍ୟ ସେ ପରିଚିତ ଥିଲେ । ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁର୍ନୀତିକୁ ନେଇ ସେ ବିବାଦରେ ଥିଲେ । ଏହି ମାମଲା ୧୫ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ତାଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ ଲାଗିଥିଲା । ତାଙ୍କୁ ଜେଲ୍ ବି ଯିବାକୁ ପଡ଼ିଥିଲା । କାଲମାଡ଼ୀ ଭାରତୀୟ ଅଲମ୍ପିକ ସଂଘ (ଆଇଓଏ)ର ଅଧ୍ୟକ୍ଷ ଥିଲେ । ୨୦୧୦ରେ ଦିଲ୍ଲୀରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କମିଟିର ମଧ୍ୟ ସେ ଅଧ୍ୟକ୍ଷତା କରିଥିଲେ ।

# କାର୍ ଉପରେ କଟକଣା ଲଗାଇବୁନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ସେଣ୍ଟର ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟର କମିସନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି । ପ୍ରଦୂଷଣକୁ ରୋକିବାରେ ସିଏକ୍ୟୁଏମ ବିଫଳ ହୋଇଛି । ବାୟୁ ମାନ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ କମିସନ କ'ଣ କରୁଥିଲେ ବୋଲି କୋର୍ଟ ପ୍ରଶ୍ନ ପଚାରିଛନ୍ତି । ଏହାସହିତ ପ୍ରଦୂଷଣ ପାଇଁ କାର୍ ଉପରେ କଟକଣା ଲଗାଇବାକୁ କୋର୍ଟ ମନା କରିଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହାକୁ ଷ୍ଟାଟସର ପ୍ରତୀକ ଧରାଯାଏ । ତେଣୁ ଏହାକୁ ରୋକିପାରିବୁ ନାହିଁ । ଲୋକେ କାର୍ କିଣିବା ପାଇଁ ଅର୍ଥ ସଞ୍ଚୟ କରୁଛନ୍ତି । ଲୋକେ ସାଇକଲ ବ୍ୟବହାର ମଧ୍ୟ ବନ୍ଦ କରିଦେଇଛନ୍ତି । ସିଏକ୍ୟୁଏମ ଦେଇଥିବା ପ୍ରସ୍ତାବ ଉପରେ ସିଜେଆଇ ଏହି ଟିପ୍ପଣୀ ଦେଇଛନ୍ତି ।

# ଇରାନରେ ତେଜୁଛି ଆନ୍ଦୋଳନ

## ପରିବାର ସହ ରୁଷ୍ ପଳାଇବାକୁ ସୁପ୍ରିମ ନେତା ଖାମନେଇଙ୍କ ଯୋଜନା






ତେହରାନ, ୬।୧ (ଏଜେନ୍ସି): ଇରାନରେ ଦରଦାମ ବୃଦ୍ଧିକୁ ବିରୋଧ କରି ଯୁବ ଗୋଷ୍ଠୀ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ଏହାକୁ ଦମନ କରିବାକୁ ସରକାର ବଳ ପ୍ରୟୋଗ କରୁଛନ୍ତି । ରିଭୋଲ୍ୟୁସନାରୀ ଗାର୍ଡକୁ ଲଗାଇ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳି ମାଡ଼ କରୁଛନ୍ତି । ଏହା ସତ୍ତ୍ୱେ ଆନ୍ଦୋଳନ ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରିଛି । ଏହା ଦେଖି ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲାହ ଅଲି ଖାମନେଇ (୮୬)ଙ୍କୁ କ୍ଷମତା ହରାଇବାର ଭୟ ଘାରିଛି । ଯେକୌଣସି ସମୟରେ ଆନ୍ଦୋଳନକାରୀ ଆକ୍ରମଣ କରିପାରନ୍ତି ବୋଲି ସେ ଭୟ କରୁଛନ୍ତି । ଏଥିପାଇଁ ଖାମନେଇ ପରିବାର ସହ ରୁଷ୍ ପଳାଇବାକୁ ଯୋଜନା କରିଛନ୍ତି । ବିକ୍ଷୋଭ ପ୍ରଦର୍ଶନ ବନ୍ଦ ନ ହେଲେ ଖାମନେଇ ଦେଶ ଛାଡ଼ି ପଳାଇବେ । ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ ହୋଇସାରିଛି । ଗୁଇନ୍ଦା ରିପୋର୍ଟ ଆଧାରରେ ବ୍ରିଟେନ ଖବରକାଗଜ 'ଦ ଟାଇମ୍ସ' ପକ୍ଷରୁ ଏହି ଦାବି କରାଯାଇଛି ।

ରିପୋର୍ଟ ଅନୁଯାୟୀ, ଖାମନେଇ ନିଜ ଉତ୍ତରାଧିକାରୀ ମୁଜତବା ସମେତ ପ୍ରାୟ ୨୦ ଲୋକଙ୍କୁ ଧରି ତେହରାନ ଛାଡ଼ିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି । ଦେଶରେ ୮ ଦିନ ହେଲା ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ମାନବାଧିକାର କର୍ମୀଙ୍କ ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ୭୮ ସହରର ୨୨୨ରୁ ଅଧିକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେଲାଣି । ଏଥିରେ ଅତିକମରେ ୩୫ ଜଣ ପ୍ରାଣ ହରାଇଲେଣି । ୧୨୦୦ରୁ ଅଧିକ ଲୋକଙ୍କୁ ପୁଲିସ ଗିରଫ କରିଛି । ଏହା ସତ୍ତ୍ୱେ ଆନ୍ଦୋଳନ ଭୟଙ୍କର ରୂପ ଧାଣର କରିଛି । ତେଣୁ ସଠିକ ସମୟରେ ଦେଶ ଛାଡ଼ିବାକୁ ଖାମନେଇ ସମସ୍ତ ପ୍ରସ୍ତୁତି ଶେଷ କରିସାରିଛନ୍ତି । ଅନେକ ଦାତବ୍ୟ ପ୍ରତିଷ୍ଠାନ ମାଧ୍ୟମରେ କୋଟି କୋଟି ଡଲାରର ସମ୍ପତ୍ତି ଉପରେ ଖାମନେଇଙ୍କ ନିୟନ୍ତ୍ରଣ ରହିଛି । ଏଗୁଡ଼ିକ ମଧ୍ୟରେ 'ସେତାଦ' ସବୁଠାରୁ ଆଗରେ ରହିଛି । ଏହି ସଂସ୍ଥା ପାଖରେ ଅନେକ ବିଲିୟନ ଡଲାରର ସମ୍ପତ୍ତି ରହିଛି ।

ରିପୋର୍ଟ ଅନୁଯାୟୀ, ଅନେକ ବରିଷ୍ଠ ଶାସକଙ୍କ ସମ୍ପର୍କୀୟ ପୂର୍ବରୁ ଆମେରିକା, କାନାଡ଼ା ସହିତ ଉପସାଗରୀୟ ଦେଶରେ ବାସ କରୁଛନ୍ତି । ଏହା ଯୋଜନା ମାଧ୍ୟମରେ ବିଦେଶରେ ସମ୍ପତ୍ତି ଏବଂ ନଗଦ ଅର୍ଥ ସୁରକ୍ଷିତ କରି ରଖାଯାଉଛି । ଏହା ଦ୍ୱାରା ଆବଶ୍ୟକ ପଡ଼ିଲେ ନେତା ତୁରନ୍ତ ତୁରନ୍ତ ଦେଶ ଛାଡି ଯାଇପାରିବେ । ଏବେ ଇରାନର ଆର୍ଥିକ ସ୍ଥିତି ଭୁଶୁଡ଼ି ଯାଇଛି । ଡଲାର ତୁଳନାରେ ଇରାନ ମୁଦ୍ରା ରିୟାଲ ହ୍ରାସ ପାଇ ପ୍ରାୟ ୧.୪୫ ନିୟୁତରେ ପହଞ୍ଚି ଯାଇଛି । ଏହା ଦରଦାମ ବୃଦ୍ଧି ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବାକୁ ସୂଚାଉଛି । ଏଥିପାଇଁ ଜେନ୍ ଜେଡ୍ ଗୋଷ୍ଠୀ ଉଗ୍ର ବିକ୍ଷୋଭ କରୁଛନ୍ତି । ଗତ ସପ୍ତାହରେ ବିକ୍ଷୋଭକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଥିଲେ । ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କହିଥିଲେ ।

# ଟ୍ରମ୍ପଙ୍କୁ ୭ ୟୁରୋପୀୟ ରାଷ୍ଟ୍ରଙ୍କ ବିରୋଧ

ୱାସିଂଟନ, ୬।୧ (ଏଜେନ୍ସି): କ୍ଷମତା ଗ୍ରହଣ କରିବା ଦିନଠାରୁ ଆମେରିକା ରାଷ୍ଟ୍ରପତି ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛନ୍ତି । କେତେବେଳେ ଶୁଳ୍କ ଲଗାଇ ତ ଆଉ କେତେବେଳେ ପ୍ରବାସୀଙ୍କୁ ବନ୍ଦୀ ଭଳି ହଟାଇ ମାନବିକତାର କଣ୍ଠରୋଧ କରିଛନ୍ତି । ପୁଣି ଦେଶମାନଙ୍କୁ ଧମକ ଦେଇ ଭୟର ବାତାବରଣ ସୃଷ୍ଟି କରିଛନ୍ତି । ଏକଚାଟିଆ ନୀତି ଆପଣାଇ ଟ୍ରମ୍ପ ବିଶ୍ୱ ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛନ୍ତି । ମିଳିତ ଜାତିସଂଘ ଏବଂ ବିଶ୍ୱରେ ଥିବା ଆଇନକାନୁନର ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି । ଭେନେଜୁଏଲାରେ ରାତି ଅଧିଆ ଆକ୍ରମଣ କରି ଟ୍ରମ୍ପ ସବୁ ସୀମା ଟପି ଯାଇଛନ୍ତି । ଏତିକିରେ ଟ୍ରମ୍ପ ଅଟକି ଯାଇନାହାନ୍ତି । ସେ କଲମ୍ବିଆ, ଗ୍ରୀନଲାଣ୍ଡ, କ୍ୟୁବା ଆଦି ଦେଶକୁ ଅକ୍ତିଆର କରିବେ ବୋଲି ମଧ୍ୟ ଧମକ ଦେଇଛନ୍ତି । ଟ୍ରମ୍ପ ଭେନେଜୁଏଲା କାର୍ଯ୍ୟାନୁଷ୍ଠାନକୁ ସାରା ବିଶ୍ୱରେ ବିରୋଧ କରାଯାଉଥିବାବେଳେ ଗ୍ରୀନଲାଣ୍ଡକୁ ଦେଇଥିବା ଧମକ ପାଇଁ ଆମେରିକା ନେତୃତ୍ୱରେ ଚାଲିଥିବା ସାମରିକ ସଂଗଠନ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ଦେଶରେ ଫାଟୋ ସୃଷ୍ଟି ହୋଇଛି । ୭ ୟୁରୋପୀୟ ରାଷ୍ଟ୍ର ଖୋଲାଖୋଲି ଭାବେ ଆମେରିକା ରାଷ୍ଟ୍ରପତିଙ୍କ ଆଭିମୁଖ୍ୟକୁ ତୀବ୍ର ବିରୋଧ କରିଛନ୍ତି । ଏପରି ସମୟରେ ଡେନମାର୍କ ଏବଂ କଲମ୍ବିଆ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ଧମକ ଦେଇଛନ୍ତି । ଯଦି ଆମେରିକା ଗ୍ରୀନଲାଣ୍ଡ ଉପରେ ଆକ୍ରମଣ ପ୍ରୟାସ କରେ ତେବେ ନାଟୋ ସମାପ୍ତ ହୋଇଯିବ ବୋଲି ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକସନ କହିଛନ୍ତି ।

ଏକ ସାକ୍ଷାତକାରରେ ଫ୍ରେଡେରିକ୍ସେନ କହିଛନ୍ତି ଯେ ଯଦି ଆମେରିକା କୌଣସି ନାଟୋ ସଦସ୍ୟ ଦେଶ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ସମଗ୍ର ନାଟୋ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ । ଆଉ କିଛି ବାକି ରହିବ ନାହିଁ । ସେହିପରି ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ପୋଲାଣ୍ଡ, ସ୍ପେନ୍ ଏବଂ ବ୍ରିଟେନର ନେତାମାନେ ମଧ୍ୟ ଟ୍ରମ୍ପଙ୍କୁ ବିରୋଧ କରିଛନ୍ତି । ଏହି ନେତାମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଗ୍ରୀନଲାଣ୍ଡ ହେଉଠି ସେଠାକାର ନାଗରିକଙ୍କର । ଗ୍ରୀନଲାଣ୍ଡ

- **ଗ୍ରୀନଲାଣ୍ଡରେ ଆକ୍ରମଣ କଲେ ନାଟୋ ଶେଷ ହୋଇଯିବ**
- **ଟ୍ରମ୍ପଙ୍କୁ ମାଦୁରୋଙ୍କ ଭଳି କଲମ୍ବିଆ ରାଷ୍ଟ୍ରପତିଙ୍କ ଚାଲେଞ୍ଜ**

ସହ ଜଡିତ ଯେକୌଣସି ନିଷ୍ପତ୍ତି ନେବାର ଅଧିକାର କେବଳ ଗ୍ରୀନଲାଣ୍ଡ ଏବଂ ଡେନମାର୍କର ରହିଛି ।

ଏହା ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଗ୍ରୀନଲାଣ୍ଡକୁ ଆମେରିକାରେ ମିଶାଇବା ବିଷୟରେ କହିଥିଲେ । ସେ ଭେନେଜୁଏଲା ଉପରେ ଆକ୍ରମଣ ବିଷୟରେ ସାମ୍ବାଦିକଙ୍କ ସହ କଥା ହେଉଥିଲେ । ଏହି ସମୟରେ ଟ୍ରମ୍ପ କହିଥିଲେ ଯେ ସେ ୨୦ଦିନ ମଧ୍ୟରେ ଗ୍ରୀନଲାଣ୍ଡ ବିଷୟରେ ଆଲୋଚନା କରିବେ । ଏହା ପୂର୍ବରୁ ଗ୍ରୀନଲାଣ୍ଡକୁ ଆମେରିକା ନିୟନ୍ତ୍ରଣକୁ ନେବା ପାଇଁ ସେ ଅନେକ ଥର ମନ୍ତବ୍ୟ ଦେଇଥିଲେ । ଗ୍ରୀନଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱାୟତ୍ତ ଅଞ୍ଚଳ । ଏହା ନାଟୋର ମଧ୍ୟ ଅଂଶବିଶେଷ । ଟ୍ରମ୍ପ କେବେ ବି ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ଭାବନାକୁ ଅସ୍ୱୀକାର କରିନାହାଁନ୍ତି । ଡେନମାର୍କ ଏବଂ ଆମେରିକା ଉଭୟେ ନାଟୋର ସଦସ୍ୟ ଅଛନ୍ତି ।

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ପନ୍ଥା ଆପଣାଇଛନ୍ତି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ । ଭେନେଜୁଏଲା କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଗୁସ୍ତାଭୋ କହିଛନ୍ତି ଯେ 'ଆସି ମୋତେ ନେଇଯାଅ, ମୁଁ ତୁମକୁ ଅପେକ୍ଷା କରି ବସିଛି । ଯଦି ଆମେରିକା ବୋମା ପକାଇବ ତେବେ ହଜାର ହଜାର କୃଷକ ପାହାଡ଼ରେ ଲୁଚୁଥିବା ଗରିଲା ଯୋଦ୍ଧା ପାଲଟି ଯିବେ । ଯଦି ଲକ୍ଷାଧିକ ଲୋକ ଭଲ ପାଉଥିବା ନିଜ ରାଷ୍ଟ୍ରପତିଙ୍କୁ ଟ୍ରମ୍ପ ବନ୍ଦୀ ବନାଇବେ ତେବେ ସେ ଜନତାଙ୍କ ଜାଗୁଆର ଛାଡ଼ିଦେବେ । ୧୯୯୦ରେ ଅସ୍ତ୍ରଶସ୍ତ୍ର ଛାଡ଼ିବା ପୂର୍ବରୁ ବାମପନ୍ଥୀ ଗରିଲା ଭାବେ ଲଢୁଥିବା ପେଟ୍ରୋ ଚେତାବନୀ ଦେଇ ଟ୍ରମ୍ପଙ୍କୁ କହିଛନ୍ତି ଯେ ପୁଣିଥରେ ଅସ୍ତ୍ର ନ ଧରିବା ପାଇଁ ମୁଁ ଶପଥ ନେଇଛି । କିନ୍ତୁ ମାତୃଭୂମି ପାଇଁ ପୁଣିଥରେ ଅସ୍ତ୍ର ଉଠାଇବି । ସୂଚନା ଅନୁଯାୟୀ, ଭେନେଜୁଏଲା ଆକ୍ରମଣ ପରେ ଆମେରିକାର ସହ କଲମ୍ବିଆର ବିବାଦ ବଢ଼ିଥିଲା । ଏଭଳି କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରି ଟ୍ରମ୍ପଙ୍କୁ କଲମ୍ବିଆ ରାଷ୍ଟ୍ରପତି ନିନ୍ଦା କରିଥିଲେ । ଏହାକୁ ନେଇ ଟ୍ରମ୍ପ ତାଙ୍କୁ ଧମକ ଦେଇଥିଲେ । ଗୁସ୍ତାଭୋ ନିଶା କାରବାରର ସାମ୍ରାଜ୍ୟ ଚଳାଉଥିବା ଦାବି କରିଥିଲେ । ନିକୋଲାସଙ୍କ ଭଳି ସ୍ଥିତି କରିବାକୁ ଟ୍ରମ୍ପ ତାଙ୍କୁ ଧମକ ଦେଇଥିଲେ ।

# ମୋଦୀ ମୋର ଉତ୍ତମ ବନ୍ଧୁ; କିନ୍ତୁ ଶୁଳ୍କ ପାଇଁ ଖୁସି ନାହାନ୍ତି: ଟ୍ରମ୍ପ

ୱାସିଂଟନ, ୬।୧ (ଏଜେନ୍ସି): ରୁଷରୁ ତୈଳ କିଣିବାକୁ ନେଇ ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋ ଉପରେ ସେତେ ଖୁସି ନାହାନ୍ତି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ୱାସିଂଟନରେ ମଙ୍ଗଳବାର ଅନୁଷ୍ଠିତ ହାଉସ ରିପବ୍ଲିକାନ ପାର୍ଟିର ସଦସ୍ୟଙ୍କ ବୈଠକରେ ଟ୍ରମ୍ପ ଏହି ଟିପ୍ପଣୀ ଦେଇଛନ୍ତି । ଟ୍ରମ୍ପ କହିଥିଲେ ଯେ ଆପାଚେ ହେଲିକପ୍ଟର ପାଇଁ ଭାରତ ଦୀର୍ଘବର୍ଷ ହେଲା ମୋ ପାଖକୁ ଆସୁଥିଲା । ଏବେ ଆମେ ଏହାକୁ ବଦଳାଉଛୁ । ଭାରତ ମଧ୍ୟ ୬୮ ଆପାଚେ ହେଲିକପ୍ଟର ମଗାଇଛି । ମୋଦୀଙ୍କୁ ନେଇ ମଧ୍ୟ ଟ୍ରମ୍ପ ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ମୋତେ ଭେଟିବାକୁ ଆସିଥିଲେ । ସେ ମୋ ପାଖକୁ ଆସିଥିଲେ ଏବଂ ସାର୍ ଆପଣଙ୍କୁ ଭେଟିପାରିବି କି ବୋଲି ପଚାରି ଥିଲେ । ଆଉ ମୁଁ ଭେଟିବା ପାଇଁ ହଁ କରିଥିଲି । ତେବେ ଏହି କଥାବାର୍ତ୍ତା କେଉଁଠି ଏବଂ କେବେ ହୋଇଥିଲା ତାହାର କୌଣସି ସୂଚନା ଟ୍ରମ୍ପ ଦେଇ ନାହାନ୍ତି ।

### କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟ

# ମୋଦୀଙ୍କୁ ଟ୍ରମ୍ପ ଅପହରଣ କରିନେବେ କି?

ମୁମ୍ବଇ, ୬।୧ (ଏଜେନ୍ସି): କଂଗ୍ରେସ ନେତା ୪ଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚଭନ ଭେନେଜୁଏଲା ସ୍ଥିତିକୁ ନେଇ ବିବଦାୟ ମନ୍ତବ୍ୟ ଦେଇଛନ୍ତି । ଭେନେଜୁଏଲାରେ ଯାହା ଘଟିଲା ତାହା ଭାରତରେ ହୋଇପାରେ ବୋଲି ସେ କହିଛନ୍ତି । ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି । ଆଉ କିଛି ଲୋକ ଚଭନଙ୍କୁ ପରିହାସ କରୁଛନ୍ତି । ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ସେନା ଉଠାଇ ନେଇଥିଲା । ଏହି ପ୍ରସଙ୍ଗକୁ ନେଇ ଚଭନ ଚର୍ଚ୍ଚା କରିଥିଲେ । ଭାରତ ଉପରେ ଆମେରିକା ଲଗାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ନେଇ



କଂଗ୍ରେସ ନେତା ପୃଥ୍ୱୀରାଜ କହିଲେ ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ବନ୍ଦ ହୋଇସାରିଛି । ଭେନେଜୁଏଲାରେ ଯାହା ଘଟିଲା ତାହା ଭାରତରେ ହେବ କି ବୋଲି ଏବେ ପ୍ରଶ୍ନ ଉଠୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅପହରଣ କରିନେବେ କି? ଏବେ କେବଳ ଏହା ବାକି ରହିଛି । ଚଭନଙ୍କ ଏହି ମନ୍ତବ୍ୟକୁ ବକ୍ତବ୍ୟକୁ ବିଜେପି ଭାରତ ବିରୋଧୀ ଏବଂ ଅବାନ୍ତର ବୋଲି କହିଛି । ତୀବ୍ର ସମାଲୋଚନା ପରେ କଂଗ୍ରେସ ନେତା ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି । ଚଭନ କହିଛନ୍ତି ଯେ ଆମେରିକା ଯାହା କରିଛି ତାହା ଜାତିସଂଘ ଚାର୍ଟାର ଏବଂ ଅନ୍ତର୍ଜାତୀୟ ଆଇନ ବିରୋଧୀ ବୋଲି ମୁଁ କହିଛ । ଜଣେ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅପହରଣ କରି ନିଆଯାଇଛି । ଏହା ଜାତିସଂଘ ଚାର୍ଟରର ଉଲ୍ଲଂଘନ । ଟ୍ରମ୍ପ ପଡ଼ୋଶୀ କଲମ୍ବିଆର ରାଷ୍ଟ୍ରପତିଙ୍କୁ ମଧ୍ୟ ଧମକ ଦେଇଥିଲେ । ସେ ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା କଥା କହୁଛନ୍ତି । ସେ ପାନାମା କେନାଲକୁ ନିୟନ୍ତ୍ରଣ କରିବାକୁ ଚାହାନ୍ତି । ଯଦି ସହମତି ନହୁଏ, ତେବେ ଜାତିସଂଘ ବ୍ୟବସ୍ଥା ଭୁଶୁଡ଼ି ପଡ଼ିପାରେ । ତେଣୁ ଯଦି ସମସ୍ତ ଏକାଠି ହୋଇ ସତର୍କ ନ ହୁଅନ୍ତି ତେବେ ଯେକୌଣସି ବ୍ୟକ୍ତି ସହ ଏପରି ହୋଇପାରେ । ଟ୍ରମ୍ପ ଯେପରି ମୋଦିଜୀଙ୍କୁ ଧମକ ଦେଉଛନ୍ତି ତାହାକୁ ଦେଖି ଆମେ ମଧ୍ୟ ସତର୍କ ରହିବା ଉଚିତ ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ଟ୍ରମ୍ପଙ୍କ ନିକଟରେ ମୁଣ୍ଡ ନୁଆଁଇଛନ୍ତି ତାହା ସେ ବୁଝିପାରୁନାହିଁ । ଏହା ଦେଶ ପାଇଁ ଭଲ ନୁହେଁ । ଆପଣ ଦେଶ ପାଇଁ ଠିଆ ହେବା ଉଚିତ । ମୁଣ୍ଡ ହଲାଇବା ପାଇଁ ଦେଶ ଆପଣଙ୍କୁ ପ୍ରଧାନମନ୍ତ୍ରୀ ନିର୍ବାଚିତ କରିନାହିଁ । ରୁଷଠାରୁ ତୈଳ କ୍ରୟ ହ୍ରାସ ନେଇ ଟ୍ରମ୍ପ ଦେଇଥିବା ବୟାନ ପରେ ଖଡଗେ ଏହି ପ୍ରତିକ୍ରିୟା ଦେଇଛନ୍ତି । ଭେନେଜୁଏଲା ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ସେ କହିଛନ୍ତି ଯେ ସେଠାକାର ପରିସ୍ଥିତି ବିଶ୍ୱ ପାଇଁ ଭଲ ନୁହେଁ । ଭୟଭୀତ କରିବା ଏବଂ ବିସ୍ତାରବାଦ ନୀତି ଅଧିକ ଦିନ ପର୍ଯ୍ୟନ୍ତ ଚାଲିପାରେ ନାହିଁ । ହିଟଲର ଏବଂ ମୁସୋଲିନି ଭଳି ଲୋକ ଇତିହାସ ପାଲଟି ଯାଇଛନ୍ତି । ବିଶ୍ୱ ଶାନ୍ତିକୁ ବିପଦରେ ପକାଇବା ଭଳି ଭାବିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି ।

# ଜେଏନୟୁରେ ମୋଦୀ-ବିରୋଧୀ ସ୍ଲୋଗାନ

ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ) ପୁଣି ବିବାଦରେ ରହିଛି । ସୋମବାର ବିଳମ୍ବିତ ରାତିରେ ସାବରମତୀ ହଷ୍ଟେଲ ବାହାରେ ବିଶ୍ୱବିଦ୍ୟାଳୟର କିଛି ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ବିବାଦୀୟ ସ୍ଲୋଗାନ ଦେଇଥିବା ଅଭିଯୋଗ ହୋଇଛି । ୩୫ସେକେଣ୍ଡର ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ମଙ୍ଗଳବାର ଏହା ସାମ୍ନାକୁ ଆସିଛି । ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ବିରୋଧ କରି ଏବଂ ୨୦୨୦ ଜାନୁଆରି ୫ରେ କ୍ୟାମ୍ପସ ଉପରେ ହୋଇଥିବା ଆକ୍ରମଣର ଷଷ୍ଠ ବାର୍ଷିକୀ ପାଳନ ପାଇଁ ଏହି ପ୍ରତିବାଦ ଆୟୋଜନ କରାଯାଇଥିଲା । ଭାଇରାଲ ଭିଡିଓରେ ଜେଏନୟୁ ମାଟିରେ ମୋଦୀ-ଶାହାଙ୍କ କବର ଖୋଳାଯିବ ବୋଲି ସ୍ଲୋଗାନ ଦିଆଯାଉଛି । ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଉମର ଖାଲିଦ ଏବଂ ସରଜିଲ ଇମାମ ସମର୍ଥନରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ବୋଲି ବିଜେପି ପ୍ରବକ୍ତା ପ୍ରଦୀପ ଭଣ୍ଡାରୀ ଦାବି କରିଛନ୍ତି । ଏହା ବିକ୍ଷୋଭ ନୁହେଁ, ବରଂ ରାଷ୍ଟ୍ର ବିରୋଧୀ ପ୍ରସାର ବୋଲି ସେ କହିଛନ୍ତି । ସେହିପରି ଏହା କ୍ରୋଧ ପ୍ରକାଶ କରିବାର ଏକ ମାଧ୍ୟମ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

# ଫ୍ୟାନ ହୋଲ୍‌ରେ ଫସିଗଲା ଚୋର



କୋଟା, ୬।୧ (ଏଜେନ୍ସି): ରାଜସ୍ଥାନ କୋଟାରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି । ଚୋରି କରିବାକୁ ଏକ ଘରେ ପଶିଥିବା ଚୋର ଏକଜଷ୍ଟ ଫ୍ୟାନର ହୋଲ୍‌ରେ ଫସି ଯାଇଛି । ସ୍ଥିତି ଏଭଳି ହୋଇଥିଲା ଯେ ଚୋର ଆଉ ବାହାରି ପାରି ନ ଥିଲା । ତା' ମୁଣ୍ଡ, ହାତ ଘର ଭିତରକୁ ଏବଂ ଗୋଡ଼ ବାହାରକୁ ଝୁଲି ରହିଥିଲା । ଘର ମାଲିକ ସୁବାଷ କୁମାର ରାୱତ ରବିବାର ରାତିରେ ମନ୍ଦିରରୁ ଘରକୁ ଫେରିବା ପରେ ଏହା ଦେଖି କାବା ହୋଇ ଯାଇଥିଲେ ଏବଂ କ'ଣ କରୁଛ ବୋଲି ପଚାରି ଥିଲେ । ପରେ ଉକ୍ତ ବ୍ୟକ୍ତି ନିଜକୁ ଚୋର ବୋଲି କହିଥିଲା । ଏଭଳି ସ୍ଥିତିରେ ଚୋର ଉକ୍ତ ବ୍ୟକ୍ତିଙ୍କୁ ଧମକ ଦେଇଥିଲା । ଦମ୍ପତିଙ୍କୁ କହିଥିଲା ଯେ ତାର କିଛି ସହଯୋଗୀ ନିକଟରେ ଅଛନ୍ତି । ଯଦି ସେ ଯିବାକୁ ଛାଡ଼ିବେ ନାହିଁ ତେବେ ସେମାନେ ଆକ୍ରମଣ କରିବେ । ଏହା ଶୁଣି ରାୱତ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ବାହାର କରିବାକୁ ପ୍ରୟାସ କରୁଥିବାବେଳେ ଚୋର ଯନ୍ତ୍ରାଣରେ ଛଟପଟ ହେଉଥିଲା । ଶେଷରେ ଚୋର ଗାତରୁ ବାହାରିବା ପରେ ପୁଲିସ ତାକୁ ଗିରଫ କରିଥିଲା ।

# ନେପାଳରେ ହିଂସା; ଭାରତ ସୀମା ସିଲ୍

କାଠମାଣ୍ଡୁ, ୬।୧ (ଏଜେନ୍ସି): ନେପାଳରେ ପୁଣି ହିଂସା ହୋଇଛି । ପର୍ସା ଜିଲ୍ଲାର ବୀରଗଞ୍ଜରେ ଥିବା ଏକ ମସଜିଦରେ ଭଙ୍ଗାରୁଜା ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି । ବିକ୍ଷୋଭ ପ୍ରଦର୍ଶନକୁ ଦେଖି ଜିଲ୍ଲା ପ୍ରଶାସନ କର୍ଫ୍ୟୁ ଲଗାଇ ଦେଇଛି । ନିଷେଧାଜ୍ଞା ସତ୍ତ୍ୱେ ଦୁଇ ବିରୋଧୀ ଗୋଷ୍ଠୀ ରାସ୍ତାକୁ ଓହ୍ଲାଇ ଥିବାରୁ ସ୍ଥିତି ବିଗିଡ଼ି ଯାଇଥିଲା । ଏହା ପରେ ପ୍ରଶାସନ କଠୋର ପଦକ୍ଷେପ ନେଇଥିଲା । ଏହି କର୍ଫ୍ୟୁ ତିନି ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ । ଲୋକଙ୍କୁ କେବଳ ଜରୁରୀ ସ୍ଥିତିରେ ଘରୁ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନେପାଳ ସ୍ଥିତିକୁ ଦେଖି ଭାରତୀୟ ସୀମା ସିଲ୍ କରିଦିଆଯାଇଛି ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ନେପାଳର ତିନି ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା, କେପି ଶର୍ମା ଓଲି ଏବଂ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଦଳ ମେଣ୍ଟ ପାଇଁ ପ୍ରସ୍ତୁତି କରୁଛନ୍ତି ।

## ରାୟଗଡ଼ାରେ ଲଜ୍ଜା! ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣଦୁଷ୍କର୍ମ

ଗୁଡ଼ାରି, ୬।୧ (ସମିସ): ରାଜ୍ୟରେ ଥମୁନି ନାରୀ ଉତ୍ପୀଡ଼ନ। ପ୍ରତିଦିନ କେଉଁଠୁ ନା କେଉଁଠୁ ନାରୀ ନିର୍ଯାତନାର ଖବର ଆସୁଛି। ରାୟଗଡ଼ା ଜିଲ୍ଲାରୁ ପୁଣି ଏକ ସାଂଘାତିକ ଖବର ଆସିଛି। କପା ତୋଳିବାକୁ ଚାଷ ଜମିକୁ ଯାଇଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ କିଛି ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି। ଗୁଡ଼ାରୀ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ୩ଜଣ ଯୁବକ ତାଙ୍କୁ ଏକ ବାଇକ୍‌ରେ ଟେକିନେଇ ଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କ ମା'ଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ବୋଲି ଥାନାଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି। ଅପରପକ୍ଷେ, ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ମୁତାବକ, ପୀଡ଼ିତା ନିଜର ଦୁଇ ସାନ ଭଉଣୀଙ୍କ ସହ ଗତକାଲି କପା ତୋଳିବାକୁ କ୍ଷେତକୁ ଯାଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଯୁବତୀଜଣଙ୍କ ଏକୁଟିଆ ଘରକୁ ଫେରୁଥିବା ବେଳେ ନିକଟସ୍ଥ ଗ୍ରାମର ୩ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କର ବାଟ ଓଗାଳିଥିଲେ। ସେ କିଛି ବୁଝିବା ପୂର୍ବରୁ ତାଙ୍କୁ ବାଇକ୍‌ରେ ଟେକିନେଇ ପ୍ରାୟ ଏକ କିମି ଦୂରରେ ଥିବା ଏକ ନିଛାଟିଆ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ପରେ ତାଙ୍କୁ ସେହିଠାରେ ଛାଡ଼ି ପଳାଇଥିଲେ। ଦୁଷ୍କର୍ମକାରୀଙ୍କ ମଧ୍ୟରେ ଦୁଇଜଣ ବିବାହିତ ଓ ଜଣେ ଅବିବାହିତ ଯୁବକ ବୋଲି ପୀଡ଼ିତାଙ୍କ ମା' କହିଛନ୍ତି।

## ମହିଳା ପୁଲିସ ଅଫିସରଙ୍କୁ ଆକ୍ରମଣ: ୧୫ ଗିରଫ

ଟିକିରି, ୬।୧(ସମିସ): ପୁଲିସକୁ ଆକ୍ରମଣ ଅଭିଯୋଗରେ ଟିକିରି ଥାନା ଆଜି ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୬ ଜଣ ମହିଳା ରହିଛନ୍ତି। ଏନେଇ ଥାନାରେ ନଂ ୨୧୧/୨୫ରେ ଏକ ମାମଲା ରୁଜୁ ହୋଇଛି। ଗତ ଡିସେମ୍ବର ୮ ତାରିଖ ଦିନ କାଳିଆପଡ଼ା କାଡସିଲ ଘାଟିରେ ଏକ ଟ୍ରେଲର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉତ୍ତକ୍ତ୍ୟ ଲୋକେ ତୁମୁଳକାଣ୍ଡ ଘଟାଇଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଟିକିରି ଥାନାର ମହିଳା ପୁଲିସ ଅଧିକାରୀମାନଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଏସ୍‌ଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ଟିକିରି ଆଇଆଇସି ବିଶ୍ୱବନ୍ଦିନୀ ବାଗ, କାଶୀପୁର ଆଇଆଇସି ଦେବଦତ୍ତ ମଲ୍ଲିକ, ଦୋରାଗୁଡା ଆଇଆଇସି କିରଣ ବାଲା ସାମଲ, ଅଣ୍ଡିରାକଞ୍ଚ ଆଇଆଇସି ବିଦ୍ୟୁଲତା ନାୟକ ସମସ୍ତ ଥାନାର କର୍ମଚାରୀ ଓ ୪ପ୍ଲାଟୁନ୍ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ, ଶଙ୍କରଡା ଗ୍ରାମର ଶପ୍ତ ଖୁରା, କୁଷ୍ଟ ଖୁରା, ବିକାଶ ହିଆଲ, ଏସ ଡଙ୍ଗାସିଲ ଗ୍ରାମର ବିପିନ ମାଝୀ, ଶରତ ମାଝୀ, ମାଲେ ମାଝୀ, ଆଲାଇ ମାଝୀ, କୁଡଞ୍ଜୀ ମାଝୀ, ନିଲାମ ମାଝୀ, କୁନ୍ତି ମାଝୀ, ମିନି କା ମାଝୀ, ବରିଗୁମା ଗ୍ରାମର ଶର୍ମା ମାଝୀ, କାଡନୀପାଇ ଗ୍ରାମର ମିଟୁ ମାଝୀ, ତଳସୁପେଲ ଗ୍ରାମର ରତ୍ନାକର ମାଝି ଓ ତୟାପୁଟ ଗ୍ରାମର ଅମିନ ମାଝୀ।

## କଥା କଥାକେ ନୀତିକାନ୍ତି ଓ ଦର୍ଶନ ବନ୍ଦ

# ପ୍ରଶିକ୍ଷଣରେ କ'ଣ ଦିଆଯାଉଛି ଶିକ୍ଷା?

ପୁରୀ, ୬।୧ (ସମିସ): ନିଜନିଜ ଭିତରେ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ କରୁଛନ୍ତି। ପରସ୍ପର ଭିତରେ ଯୁକ୍ତିତର୍କ ହେଉଛି। ପରବର୍ତ୍ତୀ ସମୟରେ ଏହି କଥା କଟାକଟି ଓ ଗଣ୍ଡଗୋଳ ନେଉଛି ଉଗ୍ରରୂପ। ଏପରିକି, ମହାପ୍ରଭୁଙ୍କ ସମ୍ମୁଖରେ ବି ହାତାହାତି ହେବାକୁ ପଛାଉନାହାନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ହେଲା ସେମାନଙ୍କ ଭିତରେ ବିବାଦ ପାଇଁ ଭକ୍ତ-ଭଗବାନ ମଧ୍ୟରେ ଅନ୍ତରାୟ ସୃଷ୍ଟି ହେଉଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନରୁ ପ୍ରଭାବିତ ହେଉଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିରରେ ସେବାୟତଙ୍କ ମଧ୍ୟରେ ବିବାଦ ହେଉ କିମ୍ବା ସେବାୟତ-କର୍ମଚାରୀ ଅବା ଅଧିକାରୀଙ୍କ ସହ ମନୋମାଳିନ୍ୟ ହେଲେ, ସଙ୍ଗେସଙ୍ଗେ ନୀତିକାନ୍ତି ବନ୍ଦ କରି ଦିଆଯାଉଛି। ବେଳେବେଳେ ଦ୍ୱାର ବନ୍ଦ କରି ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି କରାଯାଉଛି। ପୂର୍ବରୁ ଏମିତି ଘଟଣାର ଏକାଧିକ ନଜିର ରହିଥିବା ବେଳେ ନିକଟରେ ପୁଣି ଏହାର ପୁନରାବୃତ୍ତି ଘଟିଛି।

ରବିବାର ଶ୍ରୀମନ୍ଦିରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଥିଲା। ପୁଲିସ-କମାଣ୍ଡର-ଜେଟିପି ଓ କିଛି ନିର୍ଦ୍ଦିଷ୍ଟ ସେବକଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ କିଛି ଜେଟିପି ସାତପାହଚ ଦ୍ୱାର ବନ୍ଦ କରିଦେଇଥିଲେ। ଫଳରେ ଅଧ ଘଣ୍ଟାଏରୁ ଊର୍ଦ୍ଧ୍ୱ ଭକ୍ତମାନେ ବାହାରେ ଛିଡ଼ା ହୋଇଥିଲେ। ଭକ୍ତ-ଭଗବାନଙ୍କ ମଧ୍ୟରେ ଏକପ୍ରକାର ବାଡ଼ ପକାଇ ଦେଇଥିଲେ।

ଏଠି ପ୍ରଶ୍ନ ଉଠୁଛି, କିଛିବର୍ଷ ହେବ ଶ୍ରୀମନ୍ଦିର ସେବାୟତ, କର୍ମଚାରୀ ଏବଂ ଜେଟିପିଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମୁଖ୍ୟତଃ ଏଥିରେ ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ନୀତିକାନ୍ତି ବିଷୟରେ ସେମାନଙ୍କୁ ତାଲିମ ଦିଆଯାଉଛି। ଯାହାକୁ ଶିକ୍ଷା ନେଉଛନ୍ତି ତାହାକୁ ଶ୍ରୀମନ୍ଦିରରେ କାର୍ଯ୍ୟକାରୀ କରିବେ। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଭଲ ଅନୁଭୂତି ନେଇ ଫେରିବେ ଏବଂ ଶ୍ରୀକ୍ଷେତ୍ର ପୁରୀ



ପ୍ରଶଂସା ସାଉଣ୍ଟିବ। ବାସ୍ତବ ସ୍ଥିତି କିନ୍ତୁ ଓଲଟା। ଭଲ ଅନୁଭୂତି ପରିବର୍ତ୍ତେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଭକ୍ତ ଏବଂ ଅଯଥାରେ ଶ୍ରୀମନ୍ଦିର ବଦ୍‌ନାମ ହେଉଛି।

ଶ୍ରୀମନ୍ଦିରରେ ନିର୍ଘଣ୍ଟ ସମୟରେ ନୀତିକାନ୍ତି ସମ୍ପନ୍ନ କରିବା ଏବଂ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ଏଥିପାଇଁ ଏକାଧିକ ବୈଠକ ବସି ଆଲୋଚନା ଓ ତର୍ଜମା ହେଉଛି। ଅନେକ କଟକଣା ବି ଲାଗୁ କରାଯାଉଛି। ହେଲେ କିଛି ସେବାୟତ, କର୍ମଚାରୀଙ୍କୁ ଏସବୁର ଫରକ୍ ପଡୁନାହିଁ। ସେମାନେ ତାଙ୍କ ଆଚାରବ୍ୟବହାରରେ ସଂଯମତା ଆଣୁନାହାନ୍ତି। ଫଳରେ ଅନେକ ସମୟରେ ଶ୍ରୀମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ରବିବାର ବି ଏଭଳି ଏକ ସ୍ଥିତି ଉପୁଜିଥିଲା। ଗୋଟିଏପଟେ କମାଣ୍ଡର୍, ଜେଟିପି ଓ କିଛି ସେବାୟତ ଏବଂ ଅନ୍ୟପଟେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷାବାହିନୀ ମୁହାଁମୁହିଁ ହୋଇଥିଲେ। ହଜାରହଜାର ଭକ୍ତଙ୍କ ସମ୍ମୁଖରେ କଥା କଟାକଟି ଏପରିକି, ଠେଲପେଲା ପର୍ଯ୍ୟନ୍ତ କଥା ଯାଇଥିଲା। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସାତପାହାଚ ଦ୍ୱାର ବନ୍ଦ କରି ଦିଆଯାଇଥିଲା। ଯଦିଓ ଏହାର ସମାଧାନ ପାଇଁ ସୋମବାର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ବସିଥିଲା, କିନ୍ତୁ ଏହା ଯେ ପୁନରାବୃତ୍ତି ନ ହେବ, କିଏ କହିବ?

ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ଦର୍ଶନ ଆଦି କ୍ଷେତ୍ରରେ ସେବକଙ୍କ ସମେତ ଶ୍ରୀମନ୍ଦିର କର୍ମଚାରୀ, ଜେଟିପି ପ୍ରମୁଖଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଥମେ ଏହିମାନଙ୍କୁ ଆଚରଣ, ଉଚ୍ଚାରଣରେ ସଂଯମତା ରଖିବାକୁ ପଡ଼ିବ। "କାହାକୁ କଟୁ କଥା କହିବେ ନାହିଁ। ମହାପ୍ରଭୁଙ୍କ ସେବା ପ୍ରତି ସର୍ବଦା ସମର୍ପଣ ଭାବ ରଖି ଶ୍ରଦ୍ଧାଳୁଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ"; ଏମିତି ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କିଛି ବର୍ଷ ହେବ ସେବକ, ମନ୍ଦିର କର୍ମଚାରୀ, ଜେଟିପି ପ୍ରମୁଖଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବିଶେଷକରି ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ, ସମର୍ପଣ, ପବିତ୍ରତା, ପ୍ରଶାସନ ଓ ସେବକଙ୍କ ମଧ୍ୟରେ ସମନ୍ୱୟ ଆଦି ବିଭିନ୍ନ ବିଷୟରେ ସେବକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସେହିପରି ଜେଟିପିଙ୍କୁ ଶୃଙ୍ଖଳାଜ୍ଞାନ, ଆଚାର ବ୍ୟବହାର, ସମୟାନୁବର୍ତ୍ତିତା ନେଇ ପ୍ରଶିକ୍ଷଣ ଦିଆଯାଇଛି। ସମସ୍ତ ଜେଟିପିମାନେ ଉତ୍ସର୍ଗୀକୃତ ଭାବେ ତଥା ଉତ୍ତରଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରିବା ନେଇ ପରାମର୍ଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ହେଲେ ବାସ୍ତବ କ୍ଷେତ୍ରରେ କିନ୍ତୁ ଏସବୁ ପ୍ରଶିକ୍ଷଣ କିଛି ସେବକ, କିଛି ଜେଟିପିଙ୍କ ପାଇଁ ଅଲୋଡ଼ା ସଦୃଶ। ସେମାନେ ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ବଦଳରେ ବିବାଦର କାରଣ ପାଲଟୁଛନ୍ତି। ଯେଉଁଥିପାଇଁ ଅନେକ ଭକ୍ତ ରବିବାର ମହାପ୍ରଭୁଙ୍କ ଦର୍ଶନୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ଭକ୍ତଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ମନ୍ଦିର ପ୍ରଶାସନ ଟଙ୍କା ଖର୍ଚ୍ଚ କରି କି' ପ୍ରଶିକ୍ଷଣ ଦେଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି।

## ବାଲି ନେଇଗଲା ଦୁଇ ଜୀବନ; ଅଧା ରହିଗଲା ଜଗାଦର୍ଶନ

# ବସ୍ ଧକ୍କାରେ ମହିଳା ସାମ୍ବାଦିକାଙ୍କ ସମେତ ୨ ମୃତ

ପିପିଲି, ୬।୧(ସମିସ): ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟ ଜମାଲପୁର ସିଡ଼ିଠାରେ ବସ୍ ଧକ୍କାରେ ଦୁଇ ଜଣ ମହିଳା ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଭୁବନେଶ୍ୱର କଳିଙ୍ଗ ନଗରର ଶୀଳା ପଟ୍ଟନାୟକ(୪୦) ଓ ଘାଟିକିଆ ଖଣ୍ଡଗିରି ଅଞ୍ଚଳର ସିପିକା ନାୟକ (୩୬)। ଶୀଳା ପଟ୍ଟନାୟକ ଏକ ଘରୋଇ ଟିଭି ଚ୍ୟାନେଲରେ ସାମ୍ବାଦିକା ଭାବେ କାର୍ଯ୍ୟରତ ଥିଲେ ବୋଲି ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଶୀଳା ଓ ସିପିକା ଆଜି ଭୁବନେଶ୍ୱରରୁ ଏକ ସ୍କୁଟି ଯୋଗେ ପୁରୀ ଯାଉଥିଲେ। ଜମାଲପୁର ସିଡିଠାରେ ଜାତୀୟ ରାଜପଥ ଉପରେ ଏକ ଟ୍ରିପ୍ ବାଲି ଖେଳାଇ ହୋଇ ପଡ଼ିଥିଲା। ସେହି ବାଲିରେ ଭାରସାମ୍ୟ ହରାଇ ସ୍କୁଟି ସହିତ ଶୀଳା ଓ ସିପିକା ରାଜପଥ ଉପରେ ପଡ଼ିଯାଇଥିଲେ। ସେହି ସମୟରେ ପଛରୁ ଦ୍ରୁତଗତିରେ ଆସୁଥିବା ସାରଳା ନାମକ ଏକ ଘରୋଇ ଯାତ୍ରୀ ବସ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ମଙ୍ଗଳପୁର ମେଡିକାଲରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଲାଗି ରହିଥିଲା।



ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଥାନା ଏସ୍‌ଆଇ ସୁରମା ସ୍ୱାଇଁ, ନାରାୟଣ ବେହେରା ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ପ୍ରମୁଖ ପହଞ୍ଚି ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରି ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲେ। ପିପିଲି ପୁଲିସ ମଙ୍ଗଳପୁର ମେଡିକାଲରେ ଦୁଇ ମହିଳାଙ୍କ ମୃତଦେହକୁ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ସାକ୍ଷୀଗୋପାଳ ଥାନାରେ ଅଟକ ରହିଥିବା ସହ ବସ୍‌କୁ ଜବତ କରାଯାଇଛି। ମୃତ ସିପିକାଙ୍କ ସ୍ୱାମୀ ପ୍ରଦୀପ୍ତ ରାଉତଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ଏନେଇ ୧୫/୨୬ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ତେବେ ଏଠାରେ ପ୍ରଶ୍ନ ଉଠୁଛି ରାଜପଥ ଉପରକୁ ବାଲି ଆସିଲା କେଉଁଠୁ? ଏନ୍‌ଏଚ୍‌ଏଆଇ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯାଉଥିବା ବେଳେ ଦୀର୍ଘ ୮ ଘଣ୍ଟା ଧରି ରାଜପଥ ଉପରେ ଏତେ ପରିମାଣର ବାଲି ପଡ଼ିରହିଲା କାହିଁକି? ଏହା ସହିତ ପୁଲିସ ପକ୍ଷରୁ ହାଇୱେ ପାଟ୍ରୋଲିଂ କରାଯାଉଥିବା ବେଳେ ପୁଲିସ କେମିତି ବାଲି ସମ୍ପର୍କରେ ଜାଣିପାରିଲା ନାହିଁ? ଯାହା ଫଳରେ ଦୁଇଟି ଅମୂଲ୍ୟ ଜୀବନ ଅକାଳରେ ଲିଭିଗଲା।

## ■ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ମାମଲା

# ହାଇକୋର୍ଟରେ ଜବାବ ରଖିଲେ ସରକାର

କଟକ, ୬।୧ (ସମିସ): ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି, ବିଶେଷକରି ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରୁଥିବା ଦୁଇଟି ନିୟମକୁ ଅସାମ୍ବିଧାନିକ ଘୋଷଣା ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିବା ବେଳେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ୧୨ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ

### ୧୨ରେ ପୂର୍ଣ୍ଣାଙ୍ଗ ଶୁଣାଣି

ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉମେ ଶଚନ୍ଦ୍ର ବେହେରାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟେ, ଓଡ଼ିଶା ପଞ୍ଚାୟତ ସମିତି ଆକାଉଣ୍ଟ କାର୍ଯ୍ୟବିଧି ନିୟମାବଳୀ, ୨୦୦୨ ଗତ ସେପ୍ଟେମ୍ବର ୧୯ର ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇଥିବା ନେଇ ସରକାର ଅବଗତ କରିଥିଲେ। ଆବେଦନକାରୀ ଉକ୍ତ ଗେଜେଟ୍ ବିଜ୍ଞପ୍ତିକୁ ଚାଲେଞ୍ଜ କରିନଥିବାରୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସଂଶୋଧିତ ପିଟିସନ ଦାଖଲ କରିବାକୁ ଅନୁମତି ଲୋଡ଼ିଥିଲେ। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ସମାନ ପ୍ରସଙ୍ଗରେ ରୁଜୁ ଅନ୍ୟ ସମସ୍ତ ମାମଲାର ଏକତ୍ର ଶୁଣାଣି କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ, ଓଡ଼ିଶା ପଞ୍ଚାୟତ ସମିତି ଆକାଉଣ୍ଟ କାର୍ଯ୍ୟବିଧି ନିୟମାବଳୀ, ୨୦୦୨ର ନିୟମ ୧୬(୧) ଓ ୧୬(୨) ପାଇଁ ବିଡିଓ ସ୍ୱାଧୀନ ଆର୍ଥିକ କ୍ଷମତା ଉପଭୋଗ କରୁଥିବା ବେଳେ ଏହା ପଞ୍ଚାୟତ ସମିତିର କ୍ଷମତାକୁ ସଙ୍କୁଚିତ କରୁଥିବା ଅଭିଯୋଗ ହୋଇଛି। ଏପରି ନିୟମ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିନା ଅନୁମୋଦନରେ ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ) ବିଲ୍ ପାସ୍ କରିପାରିବେ। ଏପରିକି, ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦସ୍ତଖତ ମିଳିବାରେ ବିଳମ୍ବ ଘଟିଲେ ବିଲ୍‌ରେ ଡିଆରଡିଏ ପିଡି ବା ଉପ-ଜିଲ୍ଲାପାଳଙ୍କ ଦସ୍ତଖତ ନେବା ପାଇଁ ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ପାରିବେ।

ଉଲ୍ଲେଖଯୋଗ୍ୟ ଯେ ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ ପାଇଁ ବିଡିଓଙ୍କ ଆର୍ଥିକ କ୍ଷମତା ୨ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏପରି ନିୟମ ପାଇଁ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଂକୁଚିତ ହୋଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥାର ଏପରି ନିୟମ ଉଲ୍ଲଂଘନ ହୋଇଥିବାରୁ ଏହାକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସୁକାନ୍ତ କୁମାର ଦଳେଇ ପ୍ରମୁଖ ପରିଚାଳନା କରୁଛନ୍ତି।

# ଭିଜିଲାନ୍ସ ଜାଲରେ ବନ କର୍ମଚାରୀ

ମୁରିବାହାଲ, ୬।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହଲ ରେଞ୍ଜ ଅଧୀନ ଗୁଲୁମି ସେକ୍ସନର ଫରେଷ୍ଟର ଅଶୋକ କୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଟିଟିଲାଗଡ଼ ଥାନା ମହୁଲପଡା ପଞ୍ଚାୟତ କୁଟୁରାକେନ୍ ଗ୍ରାମର କୌଶିକ(ବାବୁଲାଲ) ଭୋଇଙ୍କୁ ସେ କିଛି ଦିନ ତଳେ ତାଙ୍କ ନିଜ ଜମିରୁ କଟା ହୋଇଥିବା ଗୋଟିଏ ସାଗୁଆନ ଏବଂ ଗୋଟିଏ ଶାଳଗଛ ପରିବହନ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ସରକାରୀ ନିୟମ ଅନୁଯାୟୀ ବିନା ଅନୁମତିରେ ଗଛ



କଟା ଯାଇଥିବାରୁ ଫରେଷ୍ଟର ତାଙ୍କୁ ପ୍ରଥମେ ୨ ହଜାର ଟଙ୍କା ଜରିମାନା କରିଥିଲେ; ହେଲେ କାଠ ପରିବହନ ପାଇଁ ଅନୁମତି ଦେବାକୁ ୧୦ ହଜାର ଟଙ୍କା ପାଇଁ ଜିଦ୍ ଧରିଥିଲେ। ନ ଦେଲେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ। ଏନେଇ ବାବୁଲାଲ ଭିଜିଲାନ୍ସରେ ଜଣାଇଥିଲେ। ସେହି ଅନୁସାରେ ଫରେଷ୍ଟରଙ୍କୁ ଧରିବାକୁ ଭିଜିଲାନ୍ସ ଯୋଜନା ପ୍ରସ୍ତୁତ କରିଥିଲା। ମଙ୍ଗଳବାର ଫରେଷ୍ଟର ଶ୍ରୀ ନାୟକ ବାବୁଲାଲଙ୍କଠାରୁ ୧୦ ହଜାର ଲାଞ୍ଚ ଟଙ୍କା ଏବଂ ୨ ହଜାର ଟଙ୍କା ଜରିମାନା ନେଉଥିବା ବେଳେ ଧରା ପଡିଥିଲେ। ଭିଜିଲାନ୍ସର ଏକ ଦଳ ନେହେରୁନଗରସ୍ଥିତ ତାଙ୍କ ଅଫିସ ପାଖ ବାସଭବନରେ ଚଢ଼ଉ କରି ଗିରଫ କରିଥିଲା। ତାଙ୍କଠାରୁ ୧୨ ହଜାର ଟଙ୍କା ଜବତ କରାଯାଇଛି। ସେହିଭଳି ତାଙ୍କ ବାସଭବନରୁ ପୁଳା ପୁଳା ଟଙ୍କା ମିଳିଛି।

## ଟିକିଟି ମଦ ମୃତ୍ୟୁ ମାମଲା

# ହାଇକୋର୍ଟରେ ୯ ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ, ୬।୧(ସମିସ): ବହୁଚର୍ଚ୍ଚିତ ଗଞ୍ଜାମ ଜିଲ୍ଲା ଟିକିଟି ମଦମୃତ୍ୟୁ ମାମଲାରେ ଗିରଫ ୯ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଭାକର ସାହୁ, ବିପିନ ସାହୁ, ବାୟା ସାହୁ, ରାଜେନ୍ଦ୍ର ସାହୁ, ସୁଦାମ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ରବି ସାହୁଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅନ୍ୟପଟରେ ଅନ୍ୟତମ ଅଭିଯୁକ୍ତ ବଳରାମ ବିଷୋୟୀଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସମସ୍ତ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ଅଗଷ୍ଟ ୧୯ତାରିଖ ରାତିରେ ସ୍ଥାନୀୟ ଜେନାପୁର, କାଉଁଦାପୁର ଓ କାରବଲୁଆ ଗ୍ରାମର ଏକାଧିକ ଲୋକ ବିଷାକ୍ତ ମଦ୍ୟପାନ କରିଥିଲେ। ଏମାନଙ୍କ ମଧ୍ୟରୁ ୫ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଅଧିକ ଗୁରୁତର ହୋଇଥିଲେ। ଏ ସଂକ୍ରାନ୍ତରେ କେ ନୂଆଗାଁ ଥାନାରେ ଏସଆଇ ରଂଜିତ ମହାପାତ୍ର ଏକ ଏତଲା ଦେଇଥିଲେ। ବାୟା ସାହୁ ଓ ତା'ର ଦୁଇପୁଅ ବିପିନ ଓ ପ୍ରଭାକର, ରବି ସାହୁ ଓ ତା'ର ଦୁଇଭାଇ ପୂର୍ଣ୍ଣଚନ୍ଦ୍ର ଓ ରାଜେନ୍ଦ୍ରଙ୍କ ସହ ଗାଁ ମୁଖିଆ ବଳରାମଙ୍କଠାରୁ ଲୋକେ ବିଷାକ୍ତ ମଦ କିଣି ପିଇଥିଲେ ବୋଲି ଅଭିଯୋଗ ହୋଇଥିଲା। ସେହିଭଳି ସୁଦାମ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ ମଦ ପ୍ରସ୍ତୁତ କରି ଯୋଗାଣ କରୁଥିବା ଜଣାପଡ଼ିଥିଲା। ତେବେ ବଳରାମଙ୍କ ମଦ ବ୍ୟବସାୟ ସହ ସମ୍ପୃକ୍ତି ତଥ୍ୟ ମିଳି ନଥିବାରୁ ଅଦାଲତ ତାଙ୍କର ଜାମିନକୁ ମଞ୍ଜୁର କରିଛନ୍ତି ଓ ଅନ୍ୟମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।

# ଫେବୃଆରୀ ତୃତୀୟ ସପ୍ତାହରେ ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୬।୧(ସମିସ): ଫେବୃଆରୀ ତୃତୀୟ ସପ୍ତାହରେ ବସିପାରେ ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ ସରକାର ଆଗାମୀ ଆର୍ଥିକ ବର୍ଷ ପାଇଁବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହିକ୍ରମରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାଧାରଣ ଲୋକ ତଥା ନାଗରିକ ସମାଜ ଓ ବିଶେଷଜ୍ଞଙ୍କଠାରୁ ମତାମତ ଲୋଡ଼ିଛି ଅର୍ଥ ବିଭାଗ। ହ୍ୱାଟ୍ସଆପ ସାଙ୍ଗକୁ ଏକାଧିକ ସାମାଜିକ ଗଣମାଧ୍ୟମରେ ଆସନ୍ତା ୩୧ ତାରିଖ ମଧ୍ୟରେ ମତାମତ ଦେବାକୁ ବିଭାଗ ଅନୁରୋଧ କରିଛି। ତେବେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ଅଣ୍ଟା ଭିଡୁଥିବା ବେଳେ ଚଳିତ ବର୍ଷର ବଜେଟ ଖର୍ଚ୍ଚ ଆଖିଦୃଶିଆ ହୋଇପାରି ନାହିଁ। ବିଶେଷକରି ଡିସେମ୍ବର ଶେଷ ସୁଦ୍ଧା ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ବେଳେ ମାତ୍ର ୫୧.୩୧ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଆସନ୍ତା ୩ ମାସ ମଧ୍ୟରେ ଅତିବେଶିରେ ଆଉ ୧୫ରୁ ୨୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବ ବୋଲି ଆକଳନ କରୁଛନ୍ତି ଅର୍ଥନୀତି ବିଶେଷଜ୍ଞ।

୨୦୨୪-୨୫ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ବଜେଟ ଆବଣ୍ଟିତ ଅର୍ଥର ୫୨ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିଲା। ଚଳିତ ଆର୍ଥିକ ବର୍ଷର

- ■ ବଜେଟ୍ ବ୍ୟୟରେ କଚ୍ଛପ ଗତି : ୮ ମାସରେ ୫୧%
- ■ ୨୦୨୬-୨୭ ବଜେଟ ପାଇଁ ଅଣ୍ଟା ଭିଡିଲେ ସରକାର
- ■ ଲୋକଙ୍କଠାରୁ ମତାମତ ଲୋଡ଼ିଲା ରାଜ୍ୟ ଅର୍ଥ ବିଭାଗ

ଖର୍ଚ୍ଚ ଏହାଠାରୁ ପଛରେ ରହିଛି। ଗ୍ରାମାଞ୍ଚଳରେ ବିକାଶ ମୂଳକ କାମ ସେପରି ଆଗକୁ ବଢୁନଥିବା ବେଳେ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉ ନାହିଁ। ବଜେଟ ଅର୍ଥ ଖର୍ଚ୍ଚ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଭାଗ ଯଥା ପଞ୍ଚାୟତିରାଜ, ଜଳସମ୍ପଦ, ଶିଳ୍ପ, କ୍ରୀଡ଼ା, ରାଜସ୍ୱ, ଖଣି ଓ ଇସ୍ପାତ ଆଦି ବିଭାଗ ଗୁଡ଼ିକର ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ଡିସେମ୍ବର ଶେଷ ସୁଦ୍ଧା ପଞ୍ଚାୟତିରାଜ ବିଭାଗ ମାତ୍ର ୩୫.୬୫ ପ୍ରତିଶତ ଅର୍ଥ ବ୍ୟୟ କରିପାରିଛି। କ୍ରୀଡ଼ା ବିଭାଗ ମାତ୍ର ୧୨ ପ୍ରତିଶତ, ରାଜସ୍ୱ ବିଭାଗ ୧୨.୫୦ ପ୍ରତିଶତ, ଇସ୍ପାତ ଓ ଖଣି ବିଭାଗ ୨୧ ପ୍ରତିଶତ, ଶିଳ୍ପ ବିଭାଗ ୨୬.୮୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। ତେବେ ବାଣିଜ୍ୟ, ପରିବହନ, ପର୍ଯ୍ୟଟନ ଓ ମିଶନ ଶକ୍ତି ପରି ବିଭାଗଙ୍କ ଆଖିଦୃଶିଆ ବଜେଟ ଅର୍ଥ ଖର୍ଚ୍ଚ ମୋଟ ଖର୍ଚ୍ଚକୁ ୫୦ ପ୍ରତିଶତ ପାର୍ କରିଛି।

ବିଶେଷଜ୍ଞ ମହଲର ମତ ଅନୁଯାୟୀ କେବଳ ସୁଭଦ୍ରା ଟଙ୍କା, ଧାନ କିଣା ବାବଦରେ ଇନପୁଟ ସବସିଡି ଏବଂ ଗଣଶିକ୍ଷା ବିଭାଗର କେତେକ ଯୋଜନା ବ୍ୟୟକୁ ଛାଡ଼ିଦେଲେ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ଭୁଶୁଡ଼ି ପଡ଼ିଛି। ବିଶେଷକରି ଗ୍ରାମାଞ୍ଚଳ ଭିତ୍ତିଭୂମି ମନ୍ଥର ହୋଇ ପଡ଼ିଥିବାରୁ ଏହା ଏକାଧିକ ବିଭାଗକୁ ପ୍ରଭାବିତ କରିଛି। ତେଣୁ ଆସନ୍ତା ଆର୍ଥିକ ବର୍ଷରେ ସରକାର ବଜେଟ ଅର୍ଥ ଖର୍ଚ୍ଚ ଉପରେ ଗୁରୁତ୍ୱ ଦେବା ଓ ଏଥିପାଇଁ ନିୟମିତ ସମୀକ୍ଷା ସହ ଜନକଲ୍ୟାଣ ଯୋଜନାଗୁଡ଼ିକରେ ଅଧିକ ବ୍ୟୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ଫେବୃଆରୀ ମାସର ତୃତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସାଧାରଣ ବଜେଟ ଆଗତ କରିବାର ସମ୍ଭାବନା ରହିଛି।

## ୪ ସହପାଠୀଙ୍କୁ ପୋଡ଼ିଦେବା ଘଟଣା

# ସବୁ ଶିକ୍ଷକଙ୍କ ଦରମା ବନ୍ଦ

ବିଷମ କଟକ, ୫।୧ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ପାଇକଡ଼ାକୁଲୁଗୁଡ଼ାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୪ ଛାତ୍ର ପୋଡ଼ି ହୋଇଯିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ଆଜି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାରେ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ୫ଜଣ ଶିକ୍ଷକଙ୍କୁ ବିଷମକଟକ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହାସହ ସମସ୍ତ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି। ଗତକାଲି ନିଆଁରେ ପୋଡ଼ି ହୋଇଥିବା ଛାତ୍ରଙ୍କ ମଧ୍ୟରୁ ବିରାଜ ଟାକ୍ରିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଆଜି ସକାଳେ ଆହତ ଛାତ୍ରଙ୍କ ପରିବାରଲୋକ ବିଦ୍ୟାଳୟରେ ପହଞ୍ଚି ଅସନ୍ତୋଷ ଜାହିର୍ କରିଥିଲେ। କେଉଁ ପରିସ୍ଥିତିରେ ଏପରି ଅଭାବନୀୟ ଘଟଣା ଘଟିଲା ଏବଂ କିପରି ଶିକ୍ଷକମାନେ ଜାଣିପାରିଲେ ନାହିଁ ବୋଲି ଅଭିଭାବକମାନେ ପ୍ରଶ୍ନ କରିବା ସହ ପାଟିତୁଣ୍ଡ ହୋ-ହଲ୍ଲା କରିଥିଲେ। ଏହାକୁ ନେଇ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମୁନିଗୁଡ଼ା ଓ ବିଷମକଟକ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅପରପକ୍ଷେ, ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା



ଓ ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାତ୍ରୀଙ୍କ ସମେତ ବିଷମକଟକ ଅଗ୍ନିଶମ ଅଧିକାରୀ ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ୪ ଛାତ୍ରଙ୍କ ଦେହରେ କିପରି ନିଆଁ ଲାଗିଲା, ସେ ସଂକ୍ରାନ୍ତରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ପଚାରି ବୁଝିଥିଲେ। ପରେ ପୁଲିସ ମେଡିକାଲରେ ଚିକିତ୍ସିତ ଛାତ୍ରମାନଙ୍କ ବୟାନ ରେକର୍ଡ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ସ୍କୁଲର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପୁଅ ଏଭଳି କାଣ୍ଡ ଭିଆଇଛି। ପିଲାମାନଙ୍କୁ ବିଦ୍ୟାଳୟର ଉପର ମହଲାର ଏକ କୋଠରିକୁ ଡାକି ନେଇ ସେଠାରେ ସେମାନଙ୍କ ଥିନର୍ ଢାଳି ନିଆଁ ଲଗାଇ ଦେଇଛି। ସ୍କୁଲ ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଆଧାରରେ ମୁନିଗୁଡ଼ା ପୁଲିସ ଉକ୍ତ

- ■ କାରଣ ଦର୍ଶାଅ ନୋଟିସ
- ■ ଅଭିଯୁକ୍ତ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

ଛାତ୍ର ବିରୋଧରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସେହିପରି ବିଷମକଟକ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି ମେଡିକାଲରେ ପହଞ୍ଚି ଆହତ ଛାତ୍ର ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଭେଟି ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ସ୍କୁଲରେ ଏଭଳି କାଣ୍ଡ ଘଟିଲା, ତାକୁ ନେଇ ପ୍ରଧାନ ଶିକ୍ଷକଙ୍କ ସମେତ ପାଞ୍ଚଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବିଷମକଟକ ବିଧାୟକ ନୀଳମାଧବ ହିକକା ମଧ୍ୟ ଆଜି ସକାଳେ ସ୍କୁଲରେ ପହଞ୍ଚି ସ୍ଥିତି ପରିଖିଛନ୍ତି।

## ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମୂହ ଗଛକଟା ଘଟଣା

# ୩ ସପ୍ତାହ ସମୟ ମାଗିଲେ ସରକାର

ବାରିପଦା, ୬।୧(ସମିସ): ପାଲବଣୀଠାରେ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ହୋଇଥିବା ମାମଲାର ଆଜି ଶୁଣାଣି ହୋଇଛି। ତେବେ ମାମଲା ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ ପାଇଁ ଓଡ଼ିଶା ସରକାର ତିନି ସପ୍ତାହ ସମୟ ମାଗିବାରୁ ପରବର୍ତ୍ତୀ ଶୁଣାଣିକୁ ଫେବୃଆରି ୧୨ ତାରିଖକୁ ରଖାଯାଇଛି। ଅଭିଯୋଗକାରୀଙ୍କ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଏହି ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ପାଲବଣିଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟା ହୋଇଛି। ସରକାରୀ ନିୟମ ଉଲ୍ଲଂଘନ କରି ଏହି ବେନିୟମ କାର୍ଯ୍ୟ କରାଯିବା ସହ ଏହାଦ୍ୱାରା ପରିବେଶର କ୍ଷତି ହୋଇଛି। ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ଏହାକୁ ବିରୋଧ କରି ବିକ୍ଷୋଭ ମଧ୍ୟ କରିଥିଲେ। ଯୁବ କଂଗ୍ରେସ ନେତା ପ୍ରମୋଦ କୁମାର ହେମ୍ବ୍ରମ ଏନେଇ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ କୋଲକାତାସ୍ଥିତ ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚରେ ଏ ସଂପର୍କିତ ଏକ ମାମଲା ରୁଜୁ ହୋଇଥିଲା। ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ଇଶ୍ୱର ସିଂ ମାମଲା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ





ଦେଇଥିଲେ। ମଙ୍ଗଳବାର ଏହାର ଶୁଣାଣି ଥିବା ବେଳେ ଶ୍ରୀ ହେମ୍ବ୍ରମଙ୍କ ପକ୍ଷରୁ ସମସ୍ତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ଆଇନଜୀବୀ ୨୧ଦିନର ସମୟ ମାଗିଥିବାରୁ ଶୁଣାଣି ଘୁଞ୍ଚିଛି। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସଡ଼କ ପରିବହନ ନିଗମର ମ୍ୟାନେଜିଂ ଡାଇରେକ୍ଟର୍, ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର

# ଜିଲ୍ଲାର ସମସ୍ତ ପାଥୋଲୋଜି କ୍ଲିନିକ୍‌କୁ ନୋଟିସ୍

ଧର୍ମଗଡ଼, ୬ ।୧(ସମିସ)

ଗତ କିଛିଦିନ ତଳେ 'ସକାଳ'ରେ ବିନା ଭିତ୍ତିଭୂମିରେ ଜିଲ୍ଲାରେ ବେସକାରୀ ପାଥୋଲୋଜି କ୍ଲିନିକ ଗୁଡିକ ଖୋଲି ରୋଗୀଙ୍କ ଠାରୁ ଶୋଷଣ କରୁଥିବା ଖବର ପ୍ରକାଶ ହୋଇଥିଲା ।ଏହାର ପ୍ରଭାବରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଚେଇଁ ଉଠି ବେସରକାରୀ ପାଥୋଲୋଜି କ୍ଲିନିକମାନଙ୍କୁ ନୋଟିସ ଜାରି କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧-୨୦୨୬ ରେ ନୋଟିସ ଦେବା ସହ ନିଜ ନିଜ କ୍ଲିନିକ ପାଥୋଲୋଜିମାନଙ୍କରେ ୧୫ଦିନ ଭିତରେ ରୋଗୀ ଅପେକ୍ଷା ଗୃହ, ପରୀକ୍ଷା ଗୃହ ସହ ଶୌଚ ପାଇଁ ସୁବିଧା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଯାହାକୁ ନେଇ ମାଲିକମାନଙ୍କ ମଧ୍ୟରେ ଛନକା ପଶିଥିବା ଦେଖିବାକୁ ମିଳିଛି ।ତେବେ ନୋଟିସ ଜାରି ହେବା ପରେ ଜିଲ୍ଲାର ଅନେକ ପାଥୋଲୋଜି କ୍ଲିନିକ ମାଲିକମାନେ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଚର୍ଚ୍ଚା ହେଉଛି। ଏପରିକି ମାଲିକମାନେ ଘଟଣାକୁ ଚପାଇ ଦେବାକୁ ପ୍ରୟାସ କରୁଥିବା ଆଲୋଚନା ହେଉଛି। ଆଲୋଚନାରେ ଅଧିକାରୀଙ୍କୁ ଲୋଭାନୀୟତା ଦେଖାଇ ନୋଟିସ ଉପରେ ଗୁରୁତ୍ୱ ନ ଦେବାକୁ ଚାପପକାଇ ଥିବା ଚର୍ଚ୍ଚା ହେଉଛି। ହେଲେ ସ୍ୱାସ୍ଥ୍ୟ ସେବା ଭଳି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ନରମି ଯିବ ନା ତତ୍ପରତା ଦେଖାଇବ ତାହା ଉପରେ ଜିଲ୍ଲାବାସୀଙ୍କ ନଜର ରହିଛି ।ବର୍ତ୍ତମାନ ସ୍ୱାସ୍ଥ୍ୟସେବା ବ୍ୟବସାୟରେ ପରିଣତ ହୋଇ ସାରିଛି। ମନ

**୧୫ଦିନ ଭିତରେ ଭିତ୍ତିଭୂମି ନିର୍ମାଣ ପାଇଁ ନିର୍ଦ୍ଦେଶ**

ଇଚ୍ଛା ଯିଏ ଯୋଉଠି ପାରିଲା ବିନା ଭିତ୍ତିଭୂମିରେ ପାଥୋଲୋଜି ଖୋଲି ଲୋକଙ୍କୁ ଶୋଷଣ କରିଚାଲିଛନ୍ତି ।ଏଥିପ୍ରତି ନା ପ୍ରଶାସନ ନିଘା ରଖୁଛି ନା ସରକାର ଦୃଷ୍ଟି ଦେଉଛି ।ଧର୍ମଗଡ଼ ଡାକ୍ତରଖାନା ମୁଖ୍ୟ ରାସ୍ତା ରେ ଅନେକ ପାଥୋଲୋଜି କ୍ଲିନିକ ଗଢି ଉଠିଛି ।ହେଲେ କୌଣସି ପାଥୋଲୋଜି କ୍ଲିନିକ ଭିତରେ ରୋଗୀ ଅପେକ୍ଷା ଗୃହ କିମ୍ବା ଶୌଚ ପାଇଁ ବ୍ୟବସ୍ଥା ନ ଥିବା ଅଭିଯୋଗ ହେଉଛି। ସାଧାରଣ ଭାବେ ଝାଡା ପରିସ୍ରା ନମୁନା ପରୀକ୍ଷା କରିବା ପାଇଁ ରୋଗୀଙ୍କ କ୍ଷେତ୍ରରେ ଅନେକ ଅସୁବିଧା ହେଉଥିବା ନଜିର ରହିଛି। ପରୀକ୍ଷା ନିମନ୍ତେ ନିକଟରେ ଥିବା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଗୋଷ୍ଠୀ ଶୌଚଳୟ ଉପରେ ନିର୍ଭର କରୁଛନ୍ତି। ତାହା ବି ଅପରିଷ୍କାର ପରିବେଶ ଓ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଅନ୍ୟପଟେ ପରୀକ୍ଷା ବାବଦରେ ବେସରକାରୀ ପାଥୋଲୋଜି କ୍ଲିନିକ ଗୁଡିକ ମନଇଚ୍ଛା ମୂଲ୍ୟ ନେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।ଏପରିକି ପାଥୋଲୋଜି କ୍ଲିନିକ ମାଲିକମାନେ ଅନେକ ଦଲାଲକୁ ନିଯୁକ୍ତି ରଖି ରୋଗୀଙ୍କୁ ପରୀକ୍ଷା ନିଜ ପାଥୋଲୋଜି କ୍ଲିନିକରେ ବାଧ କରୁଥିବା ଦେଖାଯାଉଛି। ବିଭିନ୍ନ ପରୀକ୍ଷା ପାଇଁ ମୂଲ୍ୟ ନିର୍ଦ୍ଧାରଣ ବିବରଣୀ ବେସରକାରୀ ପାଥୋଲୋଜି, କ୍ଲିନିକମାନଙ୍କରେ କାନ୍ଥରେ ଦର ତାଲିକା ଲିଷ୍ଟ ଟଣା ଯିବା ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ସରକାର ନିର୍ଦ୍ଦେଶକୁ ଅଣଦେଖା କରି ପାଥୋଲୋଜି କ୍ଲିନିକରେ ମନଇଚ୍ଛା ଟଙ୍କା ନେଉଥିବା ବାରମ୍ବାର ଅଭିଯୋଗ ହେଉଛି। 'ସକାଳ'ରେ ଖବର ପ୍ରସାରଣ ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ଗ୍ରହଣ କରିଛନ୍ତି ।ତେବେ ସ୍ୱାସ୍ଥ୍ୟ ବିଭାଗ ସମ୍ବେଦନଶୀଳ ଘଟଣା ପ୍ରତି ନରମି ଯିବ ନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଦେଖିବାକୁ ବାକି ରହିଲା।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଭବାନୀପାଟଣା, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟଜିଲ୍ଲାପାଳଓଆରକ୍ଷୀଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୦ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୦୫ଟି ଓ ସାମୂହିକ ୧୫ଟି ରହିଥିବା ବେଳେ ୨୪ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ରେଡ୍‌କ୍ରସ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ସମାଜକଲ୍ୟାଣ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍, ସମବାୟ ସମିତି, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା



ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା.ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ପିଡି ଜଳ ଛାୟା ପ୍ରଭାକର ନାୟକ, ପିଏଆଇଟିଡି ଏ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ବ୍ୟାଡମିଣ୍ଟନ ପ୍ରତିଯୋଗିତା



କୋକସରା, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ 'କଳାହାଣ୍ଡି' ଉତ୍ସବ ପାଇଁ ଆମପାଣିଠାରେ ସ୍ଥାନୀୟ ବୁଢ଼ାରଜା ବ୍ୟାଡ୍ ମିଣ୍ଟନ ଆସୋସିଏସନ୍ ପକ୍ଷରୁ ସୋମବାର ବ୍ଲକସ୍ତରୀର ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳର ଉଦ୍‌ଘାଟନ କରିଥିଲେ। ନାରୀନେତ୍ରୀ ତିଲୋତ୍ତମା ନାଏକ, ଆଏା ଅଧ୍ୟକ୍ଷ ରୁତୁରାଜ ମାଝୀ, ଜିତେନ୍ଦ୍ର କୁମାର ପଣ୍ଡା, ମନୋରଞ୍ଜନ ବାଣୁଆ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ସନ୍ତୋଷ ମାଝୀ, ବିଘ୍ନେଶ୍ୱର ନାଏକ, ଟିକିଚନ୍ଦ୍ର ଧ.ମାଝୀ, ସିଆରସିସି କେଦାରନାଥ ନାଏକ, ସୁରେଶ ଚନ୍ଦ୍ର ସାହୁ, ଦୟାନିଧି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏଥିରେ ୧୨ଟି ଟିମ୍ ଭାଗନେଇଥିଲେ। ରାଏଫରି ଭାବରେ ପ୍ରଣବ କୁମାର ଯୋଷୀ ଓ ବରିଷ୍ଠ ଖେଳାଳି ତ୍ରିନାଥ ପ୍ରଶ୍ନ ରାୟ ଖେଳ ପରିଚାଳନା କରିଥିଲେ। ସ୍କୋରର ବିନୋଦ କୁମାର ସିଂ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଲାଇନ୍ସ ମେନ୍ ତରୁଣ ମହାପାତ୍ର, ଅଂଶୁମାନ ଠାକୁର, ଗଣେଶ ଅଗ୍ରୱାଲ ଓ ଅବ୍ରାର ଅହମ୍ମଦ ପ୍ରମୁଖ ରହିଥିଲେ। ଶିକ୍ଷକ ଇଶ୍ୱରୀ ପ୍ରସାଦ ଅଗସ୍ତି ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଏସଏଚ୍‌ଜି ମହିଳା ଓ ଗ୍ରାମବାସୀ




ଜୁନାଗଡ଼, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଚିଚାଇଗୁଡା ପଞ୍ଚାୟତ ଶାନ୍ତିପୁର ଗ୍ରାମରେ ନିଶାମୁକ୍ତ ଗ୍ରାମ କରିବା ପାଇଁ ଗ୍ରାମର ଶତାଧିକ ମହିଳା ଓ ଗ୍ରାମବାସୀ ଏକଜୁଟ ହୋଇ ମଦମୁକ୍ତ ଗ୍ରାମ ଅଭିଯାନ ଆରମ୍ଭ କରିଛନ୍ତି ।ଗ୍ରାମରେ କିଛି ଲାଭଖୋର ବ୍ୟକ୍ତି ଖୋଲା ମଦ ଆଣି ବିକ୍ରି କରୁଥିବାରୁ ଗ୍ରାମର ପୁରୁଷମାନେ ମଦପିଇ ନିଜ ସ୍ତ୍ରୀମାନଙ୍କୁ ମାରପିଟ୍ କରିବା ସହ ଘରେ ଅନେକ ସମୟରେ ଅଶାନ୍ତି ସୃଷ୍ଟି ହେଉଛି। ମଦପିଇ ଗ୍ରାମର ଅନେକ ଲୋକଙ୍କ କିଡନୀ ଓ ଲିଭର ଜନିତ ରୋଗରେ ପୀଡିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଚୋରା ମଦ ବନ୍ଦ କରିବା ପାଇଁ ଅବକାରୀ ଓ ପୁଲିସକୁ ବାରମ୍ବାର ଜଣାଇଲା ପରେମଧ ଉଭୟ ବିଭାଗ କିଛି ପଦଷେପ ନେଉନଥିବା ଅଭିଯୋଗ କରିଛନ୍ତି। ଗ୍ରାମକୁ ମଦମୁକ୍ତ କରିବା ପାଇଁ ମହିଳା ଓ ପୁରୁଷ ଅଣ୍ଟା ଭିଡିଛନ୍ତି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମଦମୁକ୍ତ ଗ୍ରାମ କରିବା ପାଇଁ ଗ୍ରାମ ପରିଭ୍ରମଣ କରି ମଦ ବନ୍ଦ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଛନ୍ତି ।ମଦବନ୍ଦ ହେଲେ ଆମେ ଶାନ୍ତିରେ ବଞ୍ଚିପାରିବୁ ବୋଲି ପ୍ରଶାସନକୁ ଗୁହାରି କରିଛନ୍ତି। ମଦ ବନ୍ଦ ନହେଲେ ଆଗାମି ଦିନରେ ରାସ୍ତା ଅବରୋଧ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ

## ଛାତ୍ରଛାତ୍ରୀଙ୍କ ସାମୂହିକ ଶପଥ ଗ୍ରହଣ

ନୂଆପଡ଼ା, ୬ ।୧(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶନାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ର, ଶିକ୍ଷା ବିଭାଗ ଓ ସହଯୋଗୀ ବିଭାଗମାନଙ୍କ ସାମୂହିକ ଉଦ୍ୟମରେ ଜିଲ୍ଲାରେ ବାଲ୍ୟବିବାହ ନିଷେଧ ଓ ଶିଶୁ ସୁରକ୍ଷା ସଚେତନତା ଅଭିଯାନ ଏକ ସଜୀବ ଆନ୍ଦୋଳନର ରୂପ ନେଇଛି। ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ର, ନୂଆପଡ଼ାଙ୍କ ଆନୁକୂଲ୍ୟରେ ଜିଲ୍ଲାର ସମସ୍ତ ସ୍କୁଲରେ ଜାତୀୟସ୍ତରରେ ଚାଲୁଥିବା ୧୦୦ ଦିନର ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବାଲ୍ୟ ବିବାହ ନିଷେଧ ପାଇଁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ ପିଏମଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ରର ସମସ୍ତ



କର୍ମଚାରୀ ଯୋଗ ଦେଇଥିଲେ। ବାଲ୍ୟ ବିବାହକୁ କିପରି ଭାବରେ ସରକାରୀ ଓ ସାମାଜିକ ଭାବରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ ନିଷେଧ କରାଯାଇ ପାରିବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଶିଶୁ ସ୍ୱପ୍ନ ସୁରକ୍ଷାରେ ନୂଆପଡ଼ା ଜିଲ୍ଲାର ସଂକଳ୍ପ ୧୦୮୧ଟି ସ୍କୁଲରେ ବାଲ୍ୟବିବାହ ବିରୋଧରେ ସଚେତନତା ସୃଷ୍ଟି ହୋଇଛି। ଏହି ଅଭିଯାନ ଜିଲ୍ଲାର ସମସ୍ତ ବ୍ଲକରେ ଅବସ୍ଥିତ ୧୦୮୧ଟି ସ୍କୁଲରେ ଗୋଟିଏ ଦିନରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କ ମନରେ ସଚେତନତାର ଦୀପ ଜଳାଇଛି। ଅଭିଯାନର ଏଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ୧୮୧, ୧୦୯୮, ୧୧୨ ଚାଇଲ୍ଡ ହେଲ୍ପଲାଇନ ସମ୍ବନ୍ଧରେ ସୂଚନା ଦେଇ ଶିଶୁମାନଙ୍କୁ ନିର୍ଭୟ ହୋଇ ଦରକାର ବେଳେ ସାହାଯ୍ୟ ମାଗିବାକୁ ଉତ୍ସାହିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ବାଲ୍ୟବିବାହ ବିରୋଧରେ ସଚେତନ ରହିବା, ଏହାକୁ ରୋକିବା ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସାମୂହିକ ଶପଥ ନେଇଥିଲେ।

## ତରାପୁରରେ ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

ଧର୍ମଗଡ଼, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରାପୁରରେ ଧର୍ମଗଡ଼ ତହସିଲ ପକ୍ଷରୁ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ



ପଟ୍ଟା ବଣ୍ଟନ କରାଯାଇଥିଲା ।ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ବିଡ଼ିଓ ସଦାଶିବ ନାୟକ, ଅତିରିକ୍ତ ତହସିଲଦାର ସମ୍ପଦ କୁମାର ମାଝୀ, ତରାପୁର ସରପଞ୍ଚ ସୁଷମା ସାହୁ, ବଗାଡ଼ ସରପଞ୍ଚ ବିନୋଦିନୀ ଗୌଡ଼, ସହକାରୀ ନିର୍ବାହୀଯାନ୍ତ୍ରୀ ସର୍ବେଶ୍ୱର ପଧାନ, ସେକସନ ଅଫିସର ରାମବିହାରୀ ମହାନନ୍ଦ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ବୋଡେନ ରାଜସ୍ୱ ନିରୀକ୍ଷକ ଅଞ୍ଚଳର ତରାପୁର ଗ୍ରାମର ୮୦, ବଗାଡ଼ ଗାଁର ୨୨, ପୋଡ଼ବେଡା ଗାଁର ୧୦ ଜଣ ହିତାଧିକାରୀ ସମେତ ୧୧୨ ଜଣ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଥିଲେ ।କାର୍ଯ୍ୟକ୍ରମଙ୍କୁ ସ୍ୱାସ୍ଥ୍ୟ କର୍ମଚାରୀ ସୁଦେଶ କୁମାର ଦୁରିଆ ପରିଚାଳନା କରିଥିଲେ। ରେଭେନ୍ୟୁ ସୁପର ଭାଇଜର ଚତୁର୍ଭୁଜ ନାଏକ, ରେକର୍ଡ କିପର ପ୍ରଣବ ଶବର, ସୋମ୍ୟା ମେହେର, ପ୍ରିୟଙ୍କା ମହାନ୍ତି, ଡିଇଓ ଚନ୍ଦ୍ରକାନ୍ତ ଦୁରିଆ, ବୋଡେନ ରାଜସ୍ୱ ନିରୀକ୍ଷକ ଆଶିଷ କୁମାର ସାମଲ, ସରପଞ୍ଚ ପ୍ରତିନିଧି ସଞ୍ଜୀବ କୁମାର ସାହୁ ଏବଂ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

### ବିପଦସଙ୍କୁଳ କୋମନା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ


# ଛାତରୁ ଖସୁଛି ସିମେଣ୍ଟ

କୋମନା, ୬ ।୧(ସମିସ)



ସରକାର ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି। ହେଲେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ଶିକ୍ଷା ପ୍ରଶାସନ ସମ୍ଭାଳୁଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବେ ବିପଦରେ। ଦୀର୍ଘ ଦିନ ଧରିଜରାଜୀର୍ଣ୍ଣ ତଥା ଭଙ୍ଗା ଦଦରା କୋଠାରେ କାର୍ଯ୍ୟାଳୟ ଚାଲିଥିବା ବେଳେ, କର୍ମଚାରୀମାନେ ଅତି ଭୟଭୀତ ଅବସ୍ଥାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଛାତରୁ ଖସୁଛି ସିମେଣ୍ଟ, ଦିଶୁଛି କଳଙ୍କି ଲାଗିଥିବା ଲୁହା ରଡ୍। କାର୍ଯ୍ୟାଳୟ ଭିତରର ଦୃଶ୍ୟ ଅତ୍ୟନ୍ତ ଭୟାବହ। ଘରର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି କଂକ୍ରିଟର ଲୁହା ରଡ୍ ଗୁଡ଼ିକ ବାହାରକୁ ଦିଶିଲାଣି। ଯେକୌଣସି ମୁହୂର୍ତ୍ତରେ ଏହି ବଡ଼ ଧରଣର ଅଘଟଣ ଘଟିବା ସମ୍ଭାବନା ରହିଛି।

ବିଶେଷ କରି କମ୍ପ୍ୟୁଟର ଓ ଦପ୍ତରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହୁଥିବା ସ୍ଥାନର ଠିକ୍ ଉପରୁ ଛାତ ଫାଟି ଯାଇଥିବାରୁ କର୍ମଚାରୀମାନେ ନିଜ ଜୀବନକୁ ପାଣି ଛଡ଼ାଇ କାମ କରୁଥିବା ଦେଖିବାକୁ ମିଳିଛି। ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ପରିଚାଳନା କରୁଥିବା ଏହି କାର୍ଯ୍ୟାଳୟର ଅବସ୍ଥା ଯଦି ଏପରି, ତେବେ ସାଧାରଣ ଶିକ୍ଷାନୁଷ୍ଠାନ ଗୁଡ଼ିକରସ୍ଥିତି କିପରି ଥିବ, ତାହା ସହଜରେ ଅନୁମେୟ। ଛାତର ଦୁର୍ବଳ ଅବସ୍ଥା ଯୋଗୁଁ ବର୍ଷା ଦିନେ ପାଣି ଗଳିବା ସହ ବିଦ୍ୟୁତ୍ ସର୍ଟସର୍କିଟ ହେବାର ମଧ୍ୟ ଭୟ ରହିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ କର୍ମଚାରୀଙ୍କ ମହଲରେ ଏହାକୁ ନେଇ ତୀବ୍ର ଅସନ୍ତୋଷ



ପ୍ରକାଶ ପାଇଛି। କାର୍ଯ୍ୟାଳୟକୁ ତୁରନ୍ତ ଏକ ନୂତନ କିମ୍ବା ସୁରକ୍ଷିତ କୋଠାକୁ ସ୍ଥାନାନ୍ତର କରିବା ପାଇଁ ଦାବି ହେଉଛି। ଯଦି କୌଣସି କର୍ମଚାରୀଙ୍କ ଜୀବନ ହାନି ହୁଏ, ତେବେ ଏଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି ।ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

### ● ରୁପ୍ରା ହାଇସ୍କୁଲ ରଜତ ଜୟନ୍ତୀ

## ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ




ଭବାନୀପାଟଣା, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରାସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ରଜତ ଜୟନ୍ତୀ ପାଳିତ ହେଉଛି। ସୋମବାର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟ ବକ୍ତା ଭାବେ ଏଡିଇଓ ହେମସାଗର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଦ୍ଧୁ ମହାଲିଙ୍ଗ, ଭୂମୀଦାତା ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ବିଜୟ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ତେଜରାଜ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ରୀ ସୁଶ୍ରୀ ମଧୁସ୍ମିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିକ୍ଷା ପ୍ରୀୟଦର୍ଶନୀ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ସଂସଦର କୋଷାଧ୍ୟକ୍ଷ ଆଦିତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁଙ୍କ ତତ୍ୱାବଧାନରେ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜନ୍ମେଜୟ ପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି


ଧର୍ମଗଡ଼, ୬ ।୧(ସମିସ): ଧର୍ମଗଡ଼ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱର୍ଗତ ଜନ୍ମେଜୟ ପାତ୍ରଙ୍କର ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଧର୍ମଗଡ଼ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାତ୍ର କେବଳ ଛାତ୍ରବତ୍ସଳ ଉତ୍ତମ ଶିକ୍ଷକ ନଥିଲେ ମଣିଷ ପରି ମଣିଷ ଟିଏ। ସାହିତ୍ୟ କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ। ସୃଜନଶୀଳତା ଓ ସରଳତା ତାଙ୍କର ଭୂଷଣ ଥିଲା। ଶିକ୍ଷାଧିକାରୀ ଭାବରେ ତାଙ୍କର କାର୍ଯ୍ୟ ଶୈଳୀ ଅତୁଳନୀୟ। ଏପରି ଏକ ବାଗ୍ମୀ ପ୍ରତିଭାର ଅଧିକାରୀଙ୍କ ବିୟୋଗ ଏକ



ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଥମେ ସ୍ୱର୍ଗତ ଜନ୍ମେଜୟ ପାତ୍ରଙ୍କର ଫଟୋଚିତ୍ରରେ ପୁଷ୍ପାର୍ପଣ, ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇ ସ୍ମୃତିଚାରଣ କରାଯାଇଥିଲା ।ବିଶିଷ୍ଟ ଶିକ୍ଷାବିତ୍ ପ୍ରତାପ କିଶୋର ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚିନ୍ତାମଣି ପାତ୍ର, ଡ.ଅଜିତ କୁମାର ନେଗୀ, ରାଜେନ୍ଦ୍ର ଭୋଇ, ବଙ୍କିମ ମୁଣ୍ଡ, ରାଜେଶ ମୁଣ୍ଡ, ନୃସିଂହାନନ୍ଦ ସାସମଲ, ସୁଧିର କୁମାର ମେହେର, ବିଶ୍ୱପତି ମୁଣ୍ଡ, ଅକ୍ଷୟ ପଟ୍ଟନାୟକ, ଗଣପତି ବାଗ, ଜଗନ୍ନାଥ ଠାକୁର, ମୋହନ ଚରଣ ବିଷି, ଲକ୍ଷ୍ୟପତି ନାଏକ, ଚନ୍ଦନ ପାତ୍ର ଉପସ୍ଥିତ ଥିଲେ। ଗୋବିନ୍ଦ ସାହୁ ସଭା ପରିଚାଳନା କରିଥିଲେ ଓ ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।
















ଡାକ୍ତରଙ୍କ ଆନ୍ଦୋଳନ

# ୨ ଘଣ୍ଟା ଓପିଡ଼ି ବନ୍ଦ; ରୋଗୀ ହନ୍ତସନ୍ତ



**ବଣାଇଁ, ୬।୧(ସମିସ)**

ବଣାଇଁ ଉପଖଣ୍ଡସ୍ତରୀୟ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ତରଫରୁ ରାଜ୍ୟସ୍ତରୀୟ ଓମସାର ନିଷ୍ପତ୍ତିକୁ ପାଳନ କରି ୧୮ ଦଫା ଦାବି ନେଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରଙ୍କ ଦୁଇ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ପୂର୍ବରୁ ୧୦ଟାରୁ ଦିନ ୧୧ ପର୍ଯ୍ୟନ୍ତ ଡାକ୍ତରମାନେ ଓପିଡିରେ ରୋଗୀଦେଖିବା ବନ୍ଦ କରୁଥିବା ବେଳେ ଆଜି ଠାରୁ ଓମ୍‌ସାର ନିର୍ଦ୍ଦେଶ କ୍ରମେ ସକାଳ ୯ଟା ରୁ ୧୧ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ବନ୍ଦ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଯାହା ଫଳରେ ରୋଗୀମାନେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି। ସରକାର ଏହି ସମସ୍ୟାକୁ ଗୁରୁତର ସହ ଗ୍ରହଣ କରିବା ପାଇଁ ସମସ୍ତ ଡାକ୍ତର ନିବେଦନ କରିଛନ୍ତି। ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ସମେତ ସରସରା, ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ ସମସ୍ତ ଡାକ୍ତରମାନେ ଆଜି ଓପିଡି ସେବା ଦୁଇ ଘଣ୍ଟା ବନ୍ଦ କରିଥିବା ଦେଖିବାକୁ ମିଳିଥିଲା। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ନ ଶୁଣିଛନ୍ତି, ସେ ପର୍ଯ୍ୟନ୍ତ ପ୍ରତିଦିନ ଦୁଇ ଘଣ୍ଟା ଓପିଡି ସେବା ବନ୍ଦ ରହିବ ବୋଲି ବଣାଇଁ ଓମସା ଶାଖା ତରଫରୁ ସୂଚନା ଦିଆଯାଇଛି।

## ଇନ୍ସପେକ୍ଟର ଓ ଏସ୍‌ଆଇସ୍ତରରେ ଅଦଳବଦଳ

**ରାଉରକେଲା, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପୁଲିସ ଅଧୀନରେ କାର୍ଯ୍ୟରତ ଇନ୍ସପେକ୍ଟର ଓ ଏସ୍‌ଆଇ ସ୍ତରରେ ଅଦଳବଦଳ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ୬ ଜଣ ଇନ୍ସପେକ୍ଟର ତଥା ହାତୀବାଡି ଥାନାରୁ ସୁରେନ୍ଦ୍ର କୁମାର ନାୟକଙ୍କ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ମୁଖ୍ୟାଳୟରୁ ଦିବ୍ୟ କୁମାର ଓରାମଙ୍କ ରାଇବୋଗ ଥାନା, ଗୀତାଞ୍ଜଳି ମିର୍ଦ୍ଧାଙ୍କ ହାତୀବାଡି ଥାନା, ଅମର ହୋତାଙ୍କ ଉସ୍ଲା ଥାନା, ଯଶୋବନ୍ତୀ ବାଗଙ୍କ ତଳସରା ଥାନା ଓ ଅନିଲ କୁମାର ସାମଲଙ୍କ ରାଜଗାଙ୍ଗପୁର ଥାନାକୁ ବଦଳି ହୋଇଛି। ସେହିପରି ୪ ଜଣ ଏସଆଇ ତଥା କୁଆଁରମୁଣ୍ଡା ଫାଣ୍ଡିରୁ ଅଭୟ କୁମାର ମହାପାତ୍ରଙ୍କ ବୀରମିତ୍ରପୁର ଥାନା, ବିଜୟ କୁମାର ଦେହୁରୀଙ୍କ ବୀରମିତ୍ରପୁର ଥାନାରୁ କୁଆଁରମୁଣ୍ଡା ଫାଣ୍ଡି, ସୁଶିଲ କୁମାର ବର୍ଗତ୍ତିଙ୍କ ସଦର ଥାନାରୁ ବୋଲିଙ୍ଗା ଫାଣ୍ଡି ଓ ପ୍ରହ୍ଲାଦ କୁମାର ପ୍ରଧାନଙ୍କ ରାଇବୋଗା ଥାନାରୁ ଲେଫ୍ରିପଡ଼ା ଥାନାକୁ ବଦଳି ହୋଇଥିବା ଜଣାପଡ଼ିଛି।

## ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ



**ରାଉରକେଲା, ୬।୧(ସମିସ):** ସୁନ୍ଦରଗଡ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ଆଜି ସେକ୍ଟର-୧୯, ଶାରଳା ମନ୍ଦିର ପ୍ରାଙ୍ଗଣରେ ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହ ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଜିଲ୍ଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର, ଜିଲ୍ଲା ବିଏସଟି ମହାମନ୍ତ୍ରୀ ଆରତୀ ସାହୁ, ଜିଲ୍ଲା ମହିଳା ମହମନ୍ତ୍ରୀ ରଞ୍ଜିତା ପାଣିଗ୍ରାହୀ, ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଯୋଗ ଶିକ୍ଷକ ମାନସ ରଣଜନ ସାହୁ, ବିଷ୍ଣୁପ୍ରୀୟା ଦାଶ, କୌଶଲ୍ୟା ପୃଷ୍ଟି, ସସ୍ମିତା ସାହୁ, ଅଜିତ ପୃଷ୍ଟି, କଳ୍ପନା ପଣ୍ଡା, ଅନୁସୂୟା ବାରିକ, ତପସ୍ୱିନୀ ସାହୁ, ରଶ୍ମୀ ରେଖା ଦାସ, କଳ୍ପନା କୁମ୍ଭାର, ନିବେଦିତା ବେହେରା, ଟିକେଶ୍ୱର କାଲୋ, ସତ୍ୟାନନ୍ଦ ବିଶ୍ୱାଳ, ବିଜୟଲକ୍ଷ୍ମୀ ମହାନ୍ତ, ଗୀତାଞ୍ଜଳି ବେହେରା, ସୀତା ମୁର୍ମୁ, ନିବେଦିତା ବେହେରା, ଉର୍ମିଳା ସାହୁ, ଗଙ୍ଗାଧର ପୂହାନ, ଜ୍ୟୋସ୍ନା ରାଣୀ ରାଉତ, ରେବତୀ ବେହେରା, ଗାୟତ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ କେନ୍ଦ୍ର ପରିଚାଳିକା କୁନ୍ତଳା ସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ମାମଲାରେ ୩ ଗିରଫ

**ରାଉରକେଲା, ୬।୧(ସମିସ):** ଛେଣ୍ଡ ଥାନା ଅନ୍ତର୍ଗତ ୨ଟି ଘରୁ ଚୋରି କରିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଫେଜ୍ ୧, ଏଲ୍/୬୬ ଘରର ସନ୍ଧ୍ୟାରାଣୀ ମହାପାତ୍ର ପରିବାର ସହ ଗତ ୨୨ ଡିସେମ୍ବରରେ ଭୁବନେଶ୍ୱରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ଚୋରି କରି ଫେରାର ହୋଇଯାଇଥିଲେ। ୨ ଜାନୁଆରୀରେ ସେ ଘରେ ପହଞ୍ଚିବା ପରେ ଚୋରି ସମ୍ପର୍କରେ ଜାଣି ପାରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ମାଲଗୋଦାମ ବସ୍ତିର ଚନ୍ଦନ ସିଂ(୩୩) ଓ କାଶୀନାଥ ମାଝୀ (୩୬)କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଠାରୁ ସ୍କୁଟି, ୩ ହଜାର ଟଙ୍କା, ସୁନା ଘଣ୍ଟା ସମେତ ରୁପା ସାମଗ୍ରୀ ଜବତ କରାଯାଇଛି। ଗିରଫ ଚନ୍ଦନଙ୍କ ନାଁରେ ଉଦିତନଗର, ରଘୁନାଥପାଲି, ଛେଣ୍ଡ, ଟାଙ୍ଗରପାଲି ଓ ବନ୍ଧମୁଣ୍ଡା ଥାନାରେ ମୋଟ ୩୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କଳିଙ୍ଗ ବିହାର ଏମଆଇ/୨୦ରେ ରହୁଥିବା ସୁବ୍ରତ କୁମାର ସାହୁ ତାଙ୍କ ଘରୁ ଗତକାଲି ଜଣେ ଦୁର୍ବୃତ୍ତ ଗ୍ୟାସ ସିଲିଣ୍ଡର ଚୋରି କରି ଫେରାର ହେଉଥିବା ବେଳେ ସ୍ଥାନୀୟବାସିନ୍ଦାଙ୍କ ସହାୟତାରେ ସେ ଚୋରକୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ଚୋରକୁ ପୁଲିସ ଜିମା ଦେଇଥିଲେ। ପୁଲିସ ଅଭିଯୁକ୍ତ ସେକ୍ଟର-୧୪ ଶାନ୍ତିନଗର ବସ୍ତିର ପ୍ରକାଶ ରାୟ (୨୭)କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିବା ସହ ତା'ଠାରୁ ଗୋଟିଏ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଜବତ କରିଛି। ତା' ନାଁରେ ପୂର୍ବରୁ ଛେଣ୍ଡ ଓ ସେକ୍ଟର-୧୫ ଥାନାରେ ମୋଟ ୬ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଆର୍‌ଏସ୍‌ପିରେ ସଡକ ସୁରକ୍ଷା ରଥର ଶୁଭାରମ୍ଭ

**ରାଉରକେଲା, ୬।୧(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ବିଭିନ୍ନ ସଡକ ସୁରକ୍ଷା ଦିଗ ଉପରେ ଜନସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ଇଡି (ୱାର୍କସ) ବିଲ୍ଡିଂ ନିକଟରେ ଦୁଇଟି ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ସଡ଼କ ଦୁର୍ଘଟଣା ପରିପ୍ରେକ୍ଷୀରେ ମାନବ ଜୀବନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନିଜର, ପରିବାର, ବନ୍ଧୁ, ସହକର୍ମୀ ଏବଂ ସମୁଦାୟ ସମାଜର ଉନ୍ନତି ପାଇଁ ନିଜେ ସୁରକ୍ଷା ଓ ଟ୍ରାଫିକ ନିୟମର କଡାକଡି ଅନୁପାଳନ କରିବା ସହିତ ଅନ୍ୟମାନଙ୍କୁ ମଧ କାରଖାନା ତଥା ବାହାରେ ଅନୁରୂପ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଟ୍ରାଫିକ ଓ କଞ୍ଚାମାଲ ବିଭାଗର ଜୁନିୟର ଇଞ୍ଜିନିୟର ଆରସି ମହାନ୍ତି ଏବଂ ବିଭାଗୀୟ ଦଳ ଦ୍ୱାରା ଏକ ସୁରକ୍ଷା ନାଟକ ମଞ୍ଚସ୍ଥ ହୋଇଥିଲା। ସୁରକ୍ଷା ଦାୟିତ୍ୱ ସନ୍ଦର୍ଭରେ ଏକ ସ୍ୱାକ୍ଷର ଅଭିଯାନ ମଧ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଏକ ସୁରକ୍ଷା ବୁଲେଟିନ ଉନ୍ମୋଚିତ ହୋଇଥିଲା।



ସାରା ବର୍ଷ ପ୍ରତିଷେଧକମୂଳକ ଗାଡି ଚାଳନାର ସ୍ୱୀକୃତି ସ୍ୱରୂପ ଦୁଇ ଜଣ ଅଧିକାରୀ, ଦୁଇ ଜଣ କର୍ମଚାରୀ ଓ ଦୁଇଟି ଏଜେନ୍ସିକୁ ପୁରସ୍କୃତ କରାଯାଇଥିଲା। ଏନପିଏମ, ଏସପିପି ଓ ଡିଜିଟାଲାଇଜେସନ ବିଭାଗର ସିଜିଏମ ଆରକେ ମୁଦୁଲି, ପିପିସି ବିଭାଗର ସିଜିଏମ ସୁଶ୍ରୀ ସୁନିତା ସିଂହ, ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଏସି ସରକାର ଯଥାକ୍ରମେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ସୁରକ୍ଷା ସଂକଳ୍ପ ପାଠ କରାଇଥିଲେ। ଏହି ଉପଲକ୍ଷେ ଶୁଭାରମ୍ଭ ହୋଇଥିବା ଦୁଇଟି ସୁରକ୍ଷା ରଥରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତତନତା ବାର୍ତ୍ତା ସମ୍ବଳିତ ବ୍ୟାନର ଓ ଚିତ୍ର ରହିଛି। ଗୋଟିଏ ସୁରକ୍ଷା ରଥ କାରଖାନାର ବିଭିନ୍ନ ୟୁନିଟ୍ ଦେଇ ଯାତ୍ରା କରିବ ଏବଂ ଅନ୍ୟଟି ସହରାଞ୍ଚଳରେ ସୁରକ୍ଷା ବାର୍ତ୍ତା ପ୍ରସାର କରିବ ବୋଲି ସୂଚାଯାଇଛି। ସଡକ ସୁରକ୍ଷା ମାସ ପାଳନ ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହ ମିଳିତ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ରଣନୀତିକ ସ୍ଥାନରେ ସଡକ ସୁରକ୍ଷା ମାନବ ଶୃଙ୍ଖଳ ଆୟୋଜିତ ହେଉଛି। କାରଖାନାର ଗେଟଗୁଡିକରେ ସଡକ ସୁରକ୍ଷା ଲିଫଲେଟ ବିତରଣ, ଗାଡି ଷ୍ଟିକରିଙ୍ଗ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ପାଇଁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ସୁରକ୍ଷା ତାଲିମ ପ୍ରଭୃତି ଏହି କାର୍ଯ୍ୟକ୍ରମର ପର୍ଯ୍ୟାୟଭୁକ୍ତ ରହିଛି। ଅଗ୍ନିଶମ ଓ ସୁରକ୍ଷା ବିଭାଗର ସିଜିଏମ୍ ହିରଲାଲ ମହାପାତ୍ର, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ୍ ବିକ୍ରମ ପାଢ଼ୀଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ପ୍ରୟାସ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅଭିଯୋଗ ଶୁଣାଣି

**ରାଉରକେଲା, ୬।୧(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଜାନୁୟାରୀ ମାସ ପାଇଁ ବିଶେଷ ଅଭିଯୋଗ ଶୁଣାଣିର ଆୟୋଜନ ହେବ। ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି। ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ନିମ୍ନଲିଖିତ ତାରିଖ ଅନୁଯାୟୀ ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲା ସ୍ଥିତ ଟିପିଡବ୍ଲୁଡିଏଲର ବିଭିନ୍ନ ସେକ୍ସନ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ। ରାଉରକେଲା ସହରରେ ଆସନ୍ତା ୮ ତାରିଖ ଦିନ ପାୱାର ହାଉସ ସ୍ଥିତ ସେକ୍ସନ ଅଫିସଠାରେ ଏହି ଅଭିଯୋଗ ଶୁଣାଣି ଶିବିରର ଆୟୋଜନ ହେବ। ସେହିପରି ଜାନୁୟାରୀ ୧୨ ତାରିଖ ଦିନ ଲାଠିକଟା, ଜାନୁୟାରୀ ୧୫ ତାରିଖ ଦିନ ଝିରପାଣି, ଜାନୁୟାରୀ ୧୯ ତାରିଖ ଦିନ ବାସନ୍ତୀ, ଜାନୁୟାରୀ ୨୦ ତାରିଖ ଦିନ ମହୁଲଡିହା, ଜାନୁୟାରୀ ୨୭ ତାରିଖ ଦିନ ବନ୍ଧମୁଣ୍ଡା ସ୍ଥିତ ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଥିବା ସୂଚନା ମିଳିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସବଡେଗା ସ୍ଥିତ ସେକ୍ସନ ଅଫିସଠାରେ ବୁଧବାର ତଥା ଜାନୁୟାରୀ ୭ ତାରିଖ, ଜାନୁୟାରୀ ୧୩ ତାରିଖରେ କଲୁଙ୍ଗା, ଜାନୁୟାରୀ ୧୭ ତାରିଖରେ ହାତୀବାରି, ଜାନୁୟାରୀ ୨୧ ତାରିଖରେ ଗୋପାଳପୁର, ଜାନୁୟାରୀ ୨୨ ତାରିଖରେ କାଂସବାହଲ ସ୍ଥିତ ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।

## ବସୁଧୈବ କୁଟୁମ୍ବକମ୍ ପକ୍ଷରୁ କମ୍ବଳ ବଣ୍ଟନ



**ରାଉରକେଲା, ୬।୧(ସମିସ):** ରାଉରକେଲା ସହରର ଏକ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରରେ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଳ ଶୀତର ପ୍ରକୋପ ସାରା ସହରରେ ଅନୁଭୂତ ହୋଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ୭୫ରୁ ଉର୍ଦ୍ଧ୍ୱ ଛେଣ୍ଡ ବସ୍ତିର ଅସହାୟ ବରିଷ୍ଠ ନାଗରିକମାନଙ୍କୁ କମ୍ବଳ ବଣ୍ଟନ ସହିତ ଜଳପାନର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ସଭାନେତ୍ରୀ ବିଜୟ ଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆବାହକ ହରିହର ଶତପଥୀ, ସାଧାରଣ ସମ୍ପାଦକ ଅନୀଲ ଦାଶଙ୍କ ମିଳିତ ସହଯୋଗରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ନଳିନୀପ୍ରଭା ପଟ୍ଟନାୟକ, ମହେନ୍ଦ୍ର କୁମାର ପଟ୍ଟନାୟକ, ନବଘନ ସାହୁ, ଗୋଲାକବିହାରୀ ମଙ୍ଗରାଜ, ସୁବାଷଚନ୍ଦ୍ର ମହାପାତ୍ର, ଅଭୟ କୁମାର ଦାସ, ଶ୍ରୀନିବାସ ରାୟ, ଶମ୍ଭୁନାଥ ପରିଡ଼ା, ନଗେନ ସାମନ୍ତରାୟ, ସଚ୍ଚିକାନ୍ତ ବିଶ୍ୱାଳ, ପ୍ରଭାତୀ ଗୋସ୍ୱାମୀ, ପ୍ରତିମା ମିଶ୍ର, ସ୍ମିତାରାଣୀ ପ୍ରଧାନ, କୁଞ୍ଜବିହାରୀ ରାଉତ, ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସୂର୍ଯ୍ୟନାରାୟଣ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ରାଉରକେଲା, ୬।୧(ସମିସ):** ସୁନ୍ଦରଗଡ଼ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଜିଲ୍ଲାର ୧୭ ଗୋଟି ବ୍ଲକରୁ ୧୨୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମତ୍ସ୍ୟ ଓ ପ୍ରାଣୀ ପାଳକ ଭାଗ ନେଇଛନ୍ତି। ଏହି ଜିଲ୍ଲାସ୍ତରୀୟ ମେଳାରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର ଅତିଥି ଭାବରେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ସନ୍ତୋଷ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସଭା ପରିଚାଳନା ଦାୟିତ୍ୱ କୋଇଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ଆକାଂକ୍ଷା ଦାସ ତୁଲାଇ ଥିଲେ। ସଭାରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ହେମଗିରି ବ୍ଲକର ସଫଳ କୁକୁଡା ଚାଷୀ ପ୍ରଦୀପ କୁମାର ସାହୁ, କୁଆରମୁଣ୍ଡା ବ୍ଲକର ସଫଳ ଛେଳି ପାଳକ ସୁନ୍ଦର ବିଞ୍ଝିଆ, ଲହୁଣୀପଡ଼ା ବ୍ଲକର ସଫଳ ଛେଳି ପାଳନ ପାଇଁ ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମତ୍ସ୍ୟ ସମ୍ପଦ ବିଭାଗ ତରଫରୁ ରାଜଗାଙ୍ଗପୁର ବ୍ଲକର ବଦ୍ରୀନାଥ ମିଞ୍ଜ ଓ ଲାଠିକଟା ବ୍ଲକର ବିଜଚନ୍ଦ୍ର ଖାଲୋକୋଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବରେ ସମ୍ବର୍ଦ୍ଧିତ କରଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଆୟୋଜିତ କୃଷକ ବୈଜ୍ଞାନିକ ଆଲୋଚନାଚକ୍ରରେ ଡଃ ବସନ୍ତ କୁମାର ଧଳ, ଡଃ ନବୀନ କୁମାର ମିଶ୍ର, ମତ୍ସ୍ୟ ବିଭାଗ ତରଫରୁ ନଳିନୀକାନ୍ତ ଦାସ ଓ ମୃତ୍ୟୁଞ୍ଜୟ ଘଡେଇ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଧମୁଣ୍ଡାରେ ଷଣ୍ଢ ଉପଦ୍ରବ

## ୩ ଦିନରେ ୩ ଆହତ, ଜଣେ ଗୁରୁତର

**ରାଉରକେଲା, ୬।୧(ସମିସ):** ବନ୍ଧମୁଣ୍ଡା ଡିଜେଲ କଲୋନୀଠାରେ ଏକ ବୁଲା ଷଣ୍ଢର ଉପଦ୍ରବ ଦେଖିବାକୁ ମିଳିଛି। ଗତ ୩ ଦିନରେ ଷଣ୍ଢ ଆକ୍ରମଣରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଥିବା ବେଳେ ଘରୁ ବାହାରିବାକୁ ଭୟ କରୁଛନ୍ତି। ମଙ୍ଗଳବାର ରାଉରକେଲା ମହାନଗର ନିଗମର କର୍ମଚାରୀମାନେ ପହଞ୍ଚି ଷଣ୍ଢକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଷଣ୍ଢ ଆକ୍ରମଣରେ ଭେଙ୍କଟ ରାଓ, ନୀତିଶ କୁମାର ଓ ଅବତାର ଆହତ ହୋଇଥିବା ବେଳେ ୱାଇ. ରାଜୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ତେବେ ଉକ୍ତ ଅଞ୍ଚଳରେ ବୁଲା ଷଣ୍ଢଙ୍କ ଆତଙ୍କ ଦୁଇ ବର୍ଷ ଧରି ଜାରି ରହିଛି। ଗତ ଦୁଇ ବର୍ଷ ଧରି ରାସ୍ତା, ଖେଳ ପଡ଼ିଆରେ ଷଣ୍ଢ ଲଢ଼େଇ ସାଧାରଣ ହୋଇଗଲାଣି। ସ୍ଥାନୀୟ ସି ସେକ୍ଟର ଓ ଡିଜେଲ କଲୋନୀର ମୁଖ୍ୟ ବଜାର ଭଳି ବ୍ୟସ୍ତବହୁଳ ଅଞ୍ଚଳରେ ଷଣ୍ଢ ତାଣ୍ଡବ ପରିସ୍ଥିତିକୁ ଆହୁରି ଗମ୍ଭୀର ଅବସ୍ଥାକୁ ନେଇ ଯାଇଥାଏ। ପ୍ରାୟ ସମୟରେ ବଡ଼ ଦୁର୍ଘଟଣା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ତେବେ ଉକ୍ତ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଗମ ପକ୍ଷରୁ ସମାଧାନ ହୋଇପାରୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେଣୁ ଉକ୍ତ ଅଞ୍ଚଳରେ ବୁଲା ଷଣ୍ଢଙ୍କ ଉପଦ୍ରବ ଦିଗକୁ ନେଇ ପ୍ରଶାସନ ବିଶେଷ ଧ୍ୟାନ ଦେବାକୁ ଦାବି କରାଯାଇଛି।



## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ପାଣ୍ଡରାଟୋଲି ଚାମ୍ପିଅନ୍



**କୁତ୍ରା, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବିରତୋଲାଠାରେ ଆୟୋଜିତ ତ୍ରିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପାଣ୍ଡରାଟୋଲି ଚାମ୍ପିଅନ୍ ହୋଇଥିବା ବେଳେ ତରୁନ ବ୍ରଦରସ ରନର୍ସଅପ୍, ବି.କେ ବ୍ରଦରସ ଲାଇନ ତୃତୀୟ ସ୍ଥାନ ଓ ଜୟ ବଜରଙ୍ଗବଳି କ୍ଲବ୍ ଚତୁର୍ଥ ସ୍ଥାନରେ ରହିଥିଲେ। ବିଜେତା ଦଳକୁ ୩୦ହଜାର ଓ ଟ୍ରଫି, ରନର୍ସଅପ୍‌କୁ ୨୦ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେପି ବ୍ଲକ ସଭାପତି ରାଜେଶ ଲାକ୍ରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ରମେଶ ସିଂ, ରାଜେନ କେରକେଟା, ଦିପକ ମହାନନ୍ଦିଆ, ବ୍ରହ୍ମ ହେସ, ପ୍ରକାଶ କେରକେଟା, ଅଜୟ ହେସ, ପୂର୍କାପଲି ପୂର୍ବତନ ସରପଞ୍ଚ ଶଶୀଧର ଲାକ୍ରା, ଏଲଆଇସି ଅଫିସର ମକୁନ ନାଥ ଯୋଗଦେଇଥିଲେ। କମିଟିର ବସନ୍ତ ମାଝୀ, ବିକାଶ ମାଝୀ, ଲବଣୀ ମାଝୀ, ଚମିନ୍ଦ୍ର ମାଝୀ, ମକୁନ୍ଦ ମାଝୀ ଓ ବିପିନ ମାଝୀ ସହଯୋଗ କରିଥିଲେ।

ଲୋକନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଶିଳ୍ପ ବିସ୍ଥାପିତଙ୍କ ସଂଘର୍ଷର କାହାଣୀ ବଖାଣିଲା 'ରଣକୁହୁଡ଼ି'

**ରାଉରକେଲା, ୬।୧(ସମିସ)**

ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ରାଉରକେଲାର କଲଚରାଲ ଏକାଡ଼େମୀ ପକ୍ଷରୁ ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବର ତୃତୀୟ ସଂଧ୍ୟାରେ କାର୍ତ୍ତିକ ଜେନାଙ୍କ ନିର୍ଦ୍ଦେଶନାରେ କଳାବିକାଶ କେନ୍ଦ୍ର, ଯାଜପୁର ଦ୍ୱାରା ନାଟକ 'ରଣକୁହୁଡି' ମଞ୍ଚସ୍ଥ ହୋଇଥିଲା। ଶିଳ୍ପ ପାଇଁ ବିସ୍ଥାପିତଙ୍କ ନିଜର ଅଧିକାର ପାଇଁ ସଂଘର୍ଷର କାହାଣୀ ନାଟକରେ ପ୍ରତିଫଳିତ ହୋଇଥିଲା। ଯାହା ଦର୍ଶକଙ୍କୁ ଆତ୍ମ ବିଭୋର କରିଥିଲା। ଏ ଦୁନିଆଟା ନୁଖୁରା ବାଲାର ନୁହେଁ ପଇସା ବାଲାର। ଶିଳ୍ପପତି ପ୍ରତିଶ୍ରୁତିକୁ ବିଶ୍ୱାସ କରି ସୁକିନ୍ଦା ଅଞ୍ଚଳର ଆଦିବାସୀ ୨୨ ଭୋଇ ପରିବାର ଆଜି ବିସ୍ଥାପିତ, ପ୍ରକୃତି ସୃଷ୍ଟି କରିଥିବା ମଣିଷ ଆଜି ହା-ହତାସ, ପାଠ ପଢ଼ା ପୁଅ ଆଜି ଦିନ ମଜୁରିଆ। ବିସ୍ଥାପିତ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଜମି, ଜଳରୁ ବଞ୍ଚିତ। ବଞ୍ଚିବାର ଅଧିକାରକୁ ନେଇ ଜିଲ୍ଲାପାଳଙ୍କୁ ଗୁହାରୀ କଲେବି ତାହା ନିଷ୍ଫଳ। ମୁରବୀ ମଣିଷଟା ସମସ୍ତଙ୍କ ପାଖରୁ ଗାଳି ଫଜିତ୍ ଶୁଣି ନ୍ୟାୟକୁ ଅପେକ୍ଷା କରି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଆତ୍ମହତ୍ୟାର ଉଦ୍ୟମ କରେ। ଏଭଳି ଏକ କଥାବସ୍ତୁକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ରଣକୁହୁଡ଼ି'। ନାଟକ 'ରଣକୁହୁଡ଼ି'ର ନିର୍ଦ୍ଦେଶନା କାର୍ତ୍ତିକ ଜେନା ଦେଇଥିବା ବେଳେ ସଙ୍ଗୀତରେ ବରୁନ୍ କୁମାର ଜେନା, ମଞ୍ଚସଜ୍ଜାରେ ଛାୟାପତି ଜେନା ଓ ବିକ୍ରମ ଦାସ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ପ୍ରମୋଦ କୁମାର ପଣ୍ଡା, ନିଶାକର ସ୍ୱାଇଁ, ନିର୍ମଳ ଚନ୍ଦ୍ର ପତି, ସୁବ୍ରତ କୁମାର ମହାପାତ୍ର, ନରେଶ କୁମାର ପୃଷ୍ଟି, ବିପିନ୍ ବିହାରୀ ସେନାପତି, ପ୍ରକାଶ କୁମାର ମିଶ୍ର, ଲିସାରାଣୀ ଦାସ, ସ୍ୱୟଂଶ୍ରୀ ସାହୁ, ଶୀକାନ୍ତ ରାଉଳ (ଶିଶୁ) ଚମତ୍କାର ଅଭିନୟ କରିଥିଲେ। ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟ୍ଟାର୍ଜୀ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ବ୍ୟାଜ୍ ପ୍ରଦାନ କରିଥିଲେ ବବିତା ମହାପାତ୍ର। ବରେଣ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ମହାପରିଚାଳକ ଅଭୟ ଦାସ ଯୋଗଦେଇ କଲଚରାଲ ଏକାଡେମୀର ଲୋକନାଟକ ମହୋତ୍ସବ ରାଉରକେଲା ପରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଅଭିବୃଦ୍ଧି ନିମନ୍ତ ଯେତିକି ସଚେତନତା ସୃଷ୍ଟି କରୁଛି ସେତିକି ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଜନ ସଚେତନତା ଜାଗ୍ରତ କରୁଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଆଇନଜୀବୀ ସଦାନନ୍ଦ ସାହୁ ଯୋଗଦେଇ କଲଚରାଲ ଏକାଡେମୀର ଏହି ନିରନ୍ତର ପ୍ରୟାସ ହେତୁ କଳା, ସାହିତ୍ୟ ଏବଂ ପରିବେଷକୁ ନେଇ ସମ୍ପ୍ରତି ଲୋକନାଟକ ମହୋତ୍ସବ ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିବା ବେଳେ ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ସଦସ୍ୟ ସଦସ୍ୟା ଡ. ଶ୍ରୀକାନ୍ତ ମହାନ୍ତି, ଡ.ପ୍ରଭାତ ମଲ୍ଲିକ, ଅକ୍ଷୟ କୁମାର ସାମଲ, ଡା. କୃପାସିନ୍ଧୁ ନାୟକ, ଡ. ନଗେନ ଦାସ, ଅକ୍ଷୟ ପଣ୍ଡା, ସୁଜିତ କୁମାର ନାଏକ, କିଶୋର ଚନ୍ଦ୍ର ବେହେରା, ଆଲୋକ ବୋଷ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁସାରେ) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |


ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ THE SAKALA

# ସମ୍ପାଦକୀୟ



ଭାରତ ସମଗ୍ର ମାନବଜାତିର ମାତୃଭୂମି, ଆମ ଦର୍ଶନଶାସ୍ତ୍ରର ଉତ୍ସ, ଆମ ଗଣିତ ଶାସ୍ତ୍ରର ଉତ୍ପତ୍ତିସ୍ଥଳ, ଗଣତନ୍ତ୍ର ଓ ସ୍ୱାୟତ୍ତଶାସନର ଆଦିଭୂମି ଏବଂ ଆହୁରି ଅନେକ କ୍ଷେତ୍ରରେ ଆମ ସମସ୍ତଙ୍କର ମାତୃସ୍ଥାନୀୟ।

- ୱିଲ୍ ଡୁରାଣ୍ଟ

## ଗଞ୍ଜୋଡ଼ ମୂଷା

ତୋଷରପାତ, ଦୁର୍ନୀତି ଆଦି ଆମ ବ୍ୟବସ୍ଥାଗତ ତ୍ରୁଟିକୁ ଉପମାବ୍ୟଞ୍ଜକ ଭାବେ ଉପସ୍ଥାପନ କରିବା ପ୍ରୟାସରେ ବିଚରା ନିର୍ଦ୍ଦୋଷ ମୂଷାମାନେ ଅପବାଦର ଶିକାର ହୁଅନ୍ତି। କିନ୍ତୁ ମୂଷାମାନଙ୍କୁ ଗଞ୍ଜୋଡ଼ ଓ ଲାଞ୍ଚଖୋର ନାମରେ ଆରୋପିତ କରିବାର ନୂଆ ଧାରା ଗତ କିଛିବର୍ଷ ହେଲା ଆରମ୍ଭ ହୋଇଛି। ବିଶେଷକରି ପୁଲିସ୍ ଦ୍ୱାରା ଜବତ ବେଆଇନ ଟଙ୍କା, ନିଶା ଦ୍ରବ୍ୟକୁ ରଖାଯାଉଥିବା ମାଲ୍‌ଖାନା ସହିତ ମୂଷାମାନଙ୍କର କାଳ୍ପନିକ ସଂପୃକ୍ତିର ଧାରା ବଢ଼ିବାରେ ଲାଗିଛି। ଏହି ଉପକ୍ରମରେ ନିକଟରେ ଝାଡ଼ଖଣ୍ଡ ପୁଲିସ୍ ଦ୍ୱାରା ଜବତ ଓ ମାଲ୍‌ଖାନାରେ ଥିବା ପ୍ରାୟ ୨୦୦ କେଜି ଗଞ୍ଜେଇ ଉଭାନ୍ ହୋଇଯିବା ପରେ ମୂଷାମାନେ ତାହା ଖାଇଦେଇଥିବା ଅଦାଲତରେ ସେଠାକାର ପୁଲିସ୍ ଏକ ସତ୍ୟପାଠରେ ଉଲ୍ଲେଖ କରିଛି। ଏହାପରେ ଯାହାଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା ଏବଂ ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇଥିଲେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ପ୍ରମାଣ ନାହିଁ। ସମ୍ପୃକ୍ତ ଚୋରାଚାଲାଣକାରୀ ମୂଷାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିବେ କି ନାହିଁ ତାହା ତାଙ୍କୁ ଜଣା। କିନ୍ତୁ ଆଇନ୍ ଆଖିରେ ଧୂଳି ଦେବା ପାଇଁ ଏହି ମୂଷା ଉପଖ୍ୟାନମାନ ପୁଲିସ୍ ପ୍ରଶାସନ ପାଇଁ ବେଶ୍ ସହାୟକ ଓ ପ୍ରଭାବଶାଳୀ ହେଉଥିବାରୁ ଏଭଳି ଉପକ୍ରମର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ତେଣୁ ଏଭଳି କେତେକ ରୋଚକ ଘଟଣାର ଉପସ୍ଥାପନ ଏଠାରେ ଆବଶ୍ୟକ ମନେ ହୁଏ।

୨୦୨୨ ମସିହାରେ ମଥୁରାରେ ଜବତ ଓ ମାଲଖାନାରେ ଗଚ୍ଛିତ ୫୦୦ କେଜି ଗଞ୍ଜେଇକୁ ମୂଷାମାନେ ଖାଇ ନଷ୍ଟ କରିଦେଇଥିବା ପୁଲିସ୍ ଅଦାଲତରେ ସ୍ୱୀକାର କରିଥିବା ବେଳେ ୨୦୧୮ ରେ ଆସାମ୍‌ର ଏକ ଏଟିଏମ୍ ଭିତରୁ ୧୨ ଲକ୍ଷ ଟଙ୍କାର ନୋଟ୍(ଟଙ୍କା)କୁ ମୂଷାମାନେ ନଷ୍ଟ କରିଦେଇଥିବା ରିପୋର୍ଟ ହୋଇଥିଲା। ପୁଲିସ୍ ରିପୋର୍ଟ ଅନୁଯାୟୀ, ଏହାପୂର୍ବରୁ ମଧ୍ୟ ସେହି ଝାଡ଼ଖଣ୍ଡର ଧାନବାଦ୍ ଜିଲ୍ଲାର ଏକ ମାଲ୍‌ଖାନାରୁ ୨୦୨୪ରେ ମୂଷାମାନେ ୧୦ କେଜି ଭାଙ୍ଗ ଓ ୯ କେଜି ଗଞ୍ଜେଇ ଖାଇ ସଫା କରିଦେଇଥିଲେ। ତେଣୁ ଅଭିଯୁକ୍ତମାନେ ପ୍ରାୟ ୬ ବର୍ଷ ବିଚାରାଧୀନ କଏଦୀ ଭାବରେ ଦଣ୍ଡ ଭୋଗିବା ପରେ ଖଲାସ୍ ହୋଇଥିଲେ। ବୋଧହୁଏ ଚୋରାଚାଲାଣ ପ୍ରମାଣିତ ହୋଇଥିଲେ ତାଙ୍କ ବିରୋଧରେ ଦଣ୍ଡହାର ଏହାଠାରୁ କମ୍ ହୋଇଥା'ନ୍ତା। ୨୦୧୭ରେ ବିହାରରେ ଜବତ ହୋଇ ମାଲ୍‌ଖାନାରେ ଥିବା ୯ ଲକ୍ଷ ଲିଟର ମଦକୁ ମୂଷାମାନେ ପିଇ ଦେଇଥିବା ଅଦାଲତରେ ସ୍ପଷ୍ଟୀକରଣ ଦିଆଯାଇଥିଲା। ସେହିଭଳି ଅତୀତରେ ଉତ୍ତରପ୍ରଦେଶରେ ୧ ହଜାର ଲିଟର ମଦ ମୂଷାମାନେ ପିଇଦେଇଥିବା ବେଳେ ବିଭିନ୍ନ ସମୟରେ ସେଠାରେ ବିଭିନ୍ନ ମାଲ୍‌ଖାନାରେ ଥିବା ଜବତ ୭୦୦ କେଜି ଗଞ୍ଜେଇ ଓ ନିଶାଦ୍ରବ୍ୟକୁ ମୂଷାମାନେ ଖାଇ ନଷ୍ଟ କରିଦେଇଥିବାର ତଥ୍ୟ ଅଦାଲତରେ ସତ୍ୟପାଠ ଜରିଆରେ ଉପସ୍ଥାପିତ ହୋଇଥିଲା। ଓଡ଼ିଶାରେ ମଧ୍ୟ ଗଞ୍ଜୋଡ଼ ବା ନିଶାସକ୍ତ ମୂଷାମାନଙ୍କର ମାଲଖାନାରେ ଦୌରାତ୍ମ୍ୟ କମ୍ ନୁହେଁ। ଓଡ଼ିଶାର ମୂଷାମାନେ ମଧ୍ୟ ହଜାରେ ଲିଟର ମଦ ମାଲଖାନାରୁ ପିଇ ଦେଇଥିବା ପୁଲିସ ରେକର୍ଡଭୁକ୍ତ ହୋଇଛି।

ଗଞ୍ଜୋଡ଼ ମୂଷାଙ୍କର ପ୍ରାଦୁର୍ଭାବ କେବଳ ଭାରତରେ ସୀମିତ ନୁହେଁ। ୨୦୨୪ରେ ଆମେରିକାର ହଷ୍ଟନ୍ ଟେକ୍ସାସ୍‌ରେ ମୂଷାମାନେ ମାଲ୍‌ଖାନାରୁ ବିପୁଳ ପରିମାଣର ଗଞ୍ଜେଇ ଖାଇ ଦେଇଥିବା ପୁଲିସ୍ ରିପୋର୍ଟ କରିବା ପରେ ମୂଷାମାନେ ଗଞ୍ଜୋଡ଼ ହୋଇସାରିଥିବା ସେଠାକାର ଫରେନ୍‌ସିକ୍ ସାଇନ୍ସର ନିର୍ଦ୍ଦେଶକ ବ୍ୟଙ୍ଗାତ୍ମକ ଟିପ୍ପଣୀ କରିଥିଲେ। ଏହାପରେ ମୂଷାମାନେ ସତରେ ଗଞ୍ଜେଇ ପ୍ରତି ଆସକ୍ତ ହେଉଛନ୍ତି କି ନାହିଁ ଏବଂ ପୁଲିସ୍ ମିଛ କହୁଛି କି ସତ; ତାହା ଜାଣିବା ପାଇଁ ଏକ ବିଧିବଦ୍ଧ ଗବେଷଣା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ବ୍ରିଟିଶ୍ କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନୀଙ୍କ ଦ୍ୱାରା ୨୦୧୬ରେ ସମ୍ପନ୍ନ ଏହି ଗବେଷଣାରେ ୨୯ଟି ମୂଷାକୁ ବିଶେଷ ତାଲିମ୍ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏକ କଠିନ ଓ ଏକ ସରଳ ଏଭଳି ଦୁଇଟି କାର୍ଯ୍ୟ କରିବାକୁ ମୂଷାମାନଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ସବୁମୂଷା କଠିନ କାର୍ଯ୍ୟଟି କରିବାକୁ ଅଧିକ ପସନ୍ଦ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କୁ ଗଞ୍ଜେଇ ଖାଇବାକୁ ଦେଇ ପୁଣି ନିର୍ଦ୍ଦେଶ ଦେବା ପରେ ସେମାନେ ଅପେକ୍ଷାକୃତ ସହଜ କାର୍ଯ୍ୟଟି କରିଥିଲେ। ବୈଜ୍ଞାନିକମାନଙ୍କ ନିଷ୍କର୍ଷ ଥିଲା ଗଞ୍ଜେଇ ଖାଇବା ପରେ ମୂଷାମାନେ ଅଳସୁଆ ଓ କର୍ମକୁଣ୍ଠ ହୋଇପଡ଼ନ୍ତି। ତେଣୁ ଗଞ୍ଜେଇ, ମଦ ଆଦି ନିଶାଦ୍ରବ୍ୟଠାରୁ ମୂଷାମାନେ ଯଥାସମ୍ଭବ ଦୂରତ୍ୱ ରକ୍ଷା କରନ୍ତି।

ଏହି ସିଦ୍ଧାନ୍ତ ସହିତ ନିକଟରେ ଝାଡ଼ଖଣ୍ଡର ଘଟଣାକୁ ମିଶାଇ ତର୍ଜମା କଲେ କେବଳ ଢୋଲ ଭିତରେ ନୁହେଁ ପୁଲିସ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବା ମାଲ୍‌ଖାନାରେ ମଧ୍ୟ ମୂଷା(ଦୁର୍ନୀତି ଓ ତୋଷରପାତ)ର ପ୍ରାଦୁର୍ଭାବ କେତେ ତାହା ସହଜେ ଅନୁମେୟ। ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖେ। ପ୍ରଥମତଃ, ଯେଉଁ ମାମଲା ସହିତ ମୂଷାମାନଙ୍କ ଅପବାଦ ଜଡ଼ିତ ତାହାର ବିଚାର ପ୍ରକ୍ରିୟା ବର୍ଷ ବର୍ଷ ଧରି ଗଡ଼ି ଚାଲିଥିଲା। ଚୋରାଚାଲାଣ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଜବତ ସାମଗ୍ରୀକୁ ଅଦାଲତରେ ଉପସ୍ଥାପନା ଜରୁରୀ ହୋଇଥିବା ବେଳେ ସେଥିରେ କାହିଁକି ଅଯଥା ବିଳମ୍ବ ଘଟୁଛି ତାହା ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୁକ୍ତକୁ ଦୋଷୀ ପ୍ରମାଣିତ କରିବା ପାଇଁ ଆବଶ୍ୟକ ଜବତ ସମାଗ୍ରୀକୁ ବର୍ଷ ବର୍ଷ ଧରି ହେପାଜତରେ ରଖିବା ସବୁବେଳେ ସମ୍ଭବ ହୋଇନ ପାରେ। ତେଣୁ ଆମ ନ୍ୟାୟିକ ବ୍ୟବସ୍ଥାରେ ଥିବା ବିଳମ୍ବ ଓ ବିଭ୍ରାଟକୁ ଗଞ୍ଜୋଡ଼ ମୂଷାମାନେ ଅନ୍ତତଃ ସାମ୍ନାକୁ ଆଣିବାକୁ ସକ୍ଷମ ହୋଇପାରିଛନ୍ତି। ଦ୍ୱିତୀୟରେ ଅପରାଧ ଓ ଦୁର୍ନୀତି ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୁଲିସ୍ ହିଁ କିଭଳି ଅସାଧୁ ଉପାୟ ଅବଲମ୍ବନ କରିପାରେ ତାହା ପ୍ରମାଣିତ ହେଉଛି, ଯେଉଁଥିରେ ଅଦାଲତ ମଧ୍ୟ ଉପାୟଶୂନ୍ୟ ଓ ଅସହାୟ ହୋଇପଡୁଥିବା ଦେଖାଯାଉଛି। ଏ ସମସ୍ତ ଘଟଣାରେ ମୂଷାମାନେ ଗଞ୍ଜୋଡ଼ର ଅପବାଦ ଓ ଆରୋପ ନିଜ ଉପରକୁ ନିଅନ୍ତୁ ପଛକେ ହ୍ୱିସିଲ୍‌ବ୍ଲୋୟରର କାମଟି ତ କରିପାରିଛନ୍ତି, ତାହା ସ୍ୱୀକାର କରିବାକୁ ପଡ଼ିବ। ତେଣୁ ଗଞ୍ଜୋଡ଼ ମୂଷାମାନେ ମଧ୍ୟ ପୁରସ୍କାର ଓ ସମ୍ମାନର ହକ୍‌ଦାର ବୋଲି କହିବାରେ ଦ୍ୱିଧା ନାହିଁ। ●

# ଭାରତରେ ଦ୍ରୁତବିକାଶ ମାର୍ଗ

ଡ.ବିମଳ ଷଡ଼ଙ୍ଗୀ

ଭାରତ ଓ ଚୀନ୍ ବିଶ୍ୱର ଦୁଇ ବୃହତ ମାନବସମ୍ବଳ ସମୃଦ୍ଧ ରାଷ୍ଟ୍ର। ଦୁଇ ରାଷ୍ଟ୍ର ପ୍ରାୟ ଗୋଟିଏ ସମୟରେ ଉପନିବେଶୀୟ ପଞ୍ଝାରୁ ମୁକ୍ତ ହୋଇ ଆଧୁନିକ ରାଷ୍ଟ୍ର ଗଢ଼ିବାକୁ ଆରମ୍ଭ କରିଥିଲେ। ଉଭୟ ରାଷ୍ଟ୍ରର ପୁରାତନ ସଭ୍ୟତା, ଇତିହାସ, ସଂସ୍କୃତି ଓ ମାନବସମ୍ବଳ ଅତ୍ୟନ୍ତ ସମୃଦ୍ଧ। କିନ୍ତୁ ବର୍ତ୍ତମାନ ସମୟରେ ଅର୍ଥ, ଶିଳ୍ପ, ଭିତ୍ତିଭୂମି ବିକାଶ ଆଦି କ୍ଷେତ୍ରରେ ବିଶ୍ୱରେ ଚୀନର ପ୍ରଭାବ ଭାରତଠାରୁ ବହୁଗୁଣରେ ଆଗୁଆ। ଏହି ତାରତମ୍ୟ ପଛରେ ଅନେକ ଗଠନାତ୍ମକ ଓ ପ୍ରଶାସନିକ କାରଣ ରହିଛି।

୧୯୪୯-୧୯୫୭ ମସିହା ପର୍ଯ୍ୟନ୍ତ ଚୀନରେ ଭୂସଂସ୍କାର ମାଧ୍ୟମରେ ଜମିଦାରୀ ପ୍ରଥାର ଉଚ୍ଛେଦ କରାଯାଇ ଚାଷୀମାନଙ୍କୁ ଜମି ଅଧିକାର ଦିଆଯାଇଥିଲା। ଶିଳ୍ପ, ବ୍ୟାଙ୍କ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବହନ ବ୍ୟବସ୍ଥାକୁ ରାଷ୍ଟ୍ରୀୟକରଣ କରାଯାଇଥିଲା। କୃଷିପ୍ରଧାନ ଦେଶରୁ ଶିଳ୍ପସମୃଦ୍ଧ ସମାଜବାଦୀ ଦେଶ ଗଠନ କରିବା ଲକ୍ଷ୍ୟରେ ଚୀନରେ ୧୯୫୮-୧୯୬୧ମସିହାରେ 'ଗ୍ରେଟ୍ ଲିପ୍ ଫରୱାର୍ଡ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗ୍ରାମୀଣ ସ୍ତରକୁ ଯାତାୟାତ ସୁବିଧା ସହିତ ଓ ତ୍ୱରିତ ଇସ୍ପାତ ଉତ୍ପାଦନ ଯୋଜନାକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତ୍ରୁଟିପୂର୍ଣ୍ଣ ଯୋଜନା ଓ ପ୍ରଶାସନିକ ବିଫଳତା ଯୋଗୁଁ ଚୀନ୍‌ରେ ଭୟାବହ ଖାଦ୍ୟ ସଙ୍କଟ ଦେଖାଦେଇଥିଲା। ଏହି ଦୁର୍ଗତିରୁ ଚୀନ ନିଜର ଭୁଲ ସୁଧାରିବାର ମାର୍ଗ ପାଇବାରେ ସଫଳ ହୋଇଥିଲା। ୧୯୬୬-୧୯୭୬ ମସିହା ମଧ୍ୟରେ 'ପୁରୁଣା ଚିନ୍ତାଧାରା' ସମୂହକୁ ନିର୍ମୂଳ କରିବା ଫଳରେ ଚୀନର ବିକାଶଧାରା ନିମ୍ନଗାମୀ ହୋଇଥିଲା। ମାତ୍ର ୧୯୯୦ ମସିହା ବେଳକୁ ଆର୍ଥିକ ବ୍ୟବସ୍ଥା ବିକାଶରେ ନିର୍ଣ୍ଣାୟକ ହୋଇଥିଲା। ୧୯୯୦-୨୦୦୮ ମସିହା ମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନ ସଦସ୍ୟତା ଯୋଗୁଁ ଚୀନ ନିଜକୁ ବିଶ୍ୱବଜାର ସହ ଦୃଢ଼ ଭାବେ ଯୋଡ଼ି ପାରିଥିଲା। ଚୀନର କୋଟିକୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଥିଲେ। ୨୦୦୮-୨୦୧୫ ମସିହା ମଧ୍ୟରେ ଚୀନ୍ ନିଜର ଉଚ୍ଚଗତି ସମ୍ପନ୍ନ ରେଳ ଚଳାଚଳ, ମେଟ୍ରୋ, ସ୍ମାର୍ଟ ସିଟି ଓ ଶକ୍ତି ପ୍ରକଳ୍ପ ଆଦି ଦ୍ୱାରା ବିଶାଳ ଭିତ୍ତିଭୂମି ବିକାଶ ଓ ସହରୀକରଣକୁ ତ୍ୱରାନ୍ୱିତ କରିବା ସହିତ ୫-ଜି, କୃତ୍ରିମ ବୁଦ୍ଧିମତ୍ତା ଓ ସବୁଜ ଶକ୍ତିରେ ନିବେଶକୁ ଅଧିକ ଗୁରୁତ୍ୱ ଦେଲା। ଚୀନର ଦ୍ରୁତ ବିକାଶର ମୁଖ୍ୟ କାରଣ ହେଉଛି ଦୀର୍ଘକାଳୀନ ଯୋଜନା, ଭୁଲ ବ୍ୟବସ୍ଥାର ତ୍ୱରିତ ପରିବର୍ତ୍ତନ ଓ ନୀତିର ସଠିକ ପାଳନ।

ଅପରପକ୍ଷରେ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ କେନ୍ଦ୍ର ଓ ରାଜ୍ୟରେ ସରକାର ପରିବର୍ତ୍ତନ ସହିତ ଜନହିତକର ପୁରୁଣା ଯୋଜନାଗୁଡ଼ିକ ବନ୍ଦ ହୋଇ ନୂଆ ଯୋଜନା ଘୋଷଣା ହୁଏ। ତେଣୁ ପୁରୁଣା ଯୋଜନା କାର୍ଯ୍ୟକାରିତାରେ ମିଳିଥିବା ଅଭିଜ୍ଞତା ମୂଲ୍ୟହୀନ ସାବ୍ୟସ୍ତ ହୁଏ। ବିନା ଅଭିଜ୍ଞତା ଓ ସଠିକନୀତି ବିନା କାର୍ଯ୍ୟକାରୀ ହେଉଥିବା ନୂଆ ଯୋଜନାରେ ବିକାଶର ଧାରା ବାଧାପ୍ରାପ୍ତ ହୋଇଥାଏ। ଶାସକ ଦଳ ପରିବର୍ତ୍ତନ ହେଲେ ଚୌକିଠାରୁ ଆରମ୍ଭ କରି ବାସନକୁସନ, ଘର, ନାମ ଓ ରଙ୍ଗ ପରିବର୍ତ୍ତନରେ କୋଟି କୋଟି ଅର୍ଥ ବ୍ୟୟ କରିବାରେ ବ୍ୟସ୍ତ ହୁଅନ୍ତି। ଏହିକ୍ରମରେ ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ପରେ ରାଷ୍ଟ୍ର ସମ୍ପତ୍ତି ନଷ୍ଟ ହୁଏ। ପ୍ରତ୍ୟେକ ଦୀର୍ଘମିଆଦୀ ଯୋଜନାର ସଫଳତା ପାଇଁ ଗତିଶୀଳତା, କାର୍ଯ୍ୟକାରିତାରେ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ଅତ୍ୟାବଶ୍ୟକ ଥାଏ, ଯାହା ଭାରତରେ ପ୍ରାୟ ଦେଖାଯାଏ ନାହିଁ।

ଚୀନର ଦ୍ରୁତ ବିକାଶର ଆଉ ଏକ ମୁଖ୍ୟ ଆଧାର ହେଉଛି ଶିଳ୍ପଭିତ୍ତିକ ଅର୍ଥନୀତି। ଚୀନ୍ ଆରମ୍ଭରୁ ଶିଳ୍ପକୁ ଚାକିରି ସୃଷ୍ଟିର ପ୍ରମୁଖ ମାଧ୍ୟମ ଭାବେ ଦେଖିଥିଲା। ବିଶେଷ ଆର୍ଥିକ ଅଞ୍ଚଳ, ସହଜ ନିୟମ, ସୁଲଭ ବିଦ୍ୟୁତ ସଂଯୋଗୀକରଣ, ଦେଶ ଓ ବିଦେଶ ଚାହିଦାଭିତ୍ତିକ ଗୁଣାତ୍ମକ ଉତ୍ପାଦ, ବଜାରୀକରଣ, ଉତ୍ତମ ପରିବହନ ବ୍ୟବସ୍ଥା ମାଧ୍ୟମରେ ଦେଶୀ ଓ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରାଯାଇଥିଲା। ଫଳରେ କୋଟିକୋଟି ଲୋକଙ୍କୁ ଚାକିରି ମିଳିଲା, ଯାହା ଚୀନକୁ ବିଶ୍ୱର କାରଖାନା ଭାବେ ପରିଚିତ କରାଇଥିଲା। ଭାରତରେ କେବଳ ଭୋଟକୁ ଦୃଷ୍ଟିରେ ରଖି କ୍ଷମତା ହାସଲ ପାଇଁ ଶସ୍ତା ଲୋକପ୍ରିୟ ଯୋଜନା ଘୋଷଣା ହେଲା। ଏହା ଦ୍ରୁତ ହେଲେ ମଧ୍ୟ ଶିଳ୍ପ ବିକାଶ ଚୀନ ଅନୁରୂପ ମଜଭୁତ ହୋଇପାରିଲା ନାହିଁ। ଜମି ଅଧିଗ୍ରହଣ, ଶ୍ରମ ଆଇନ, ଦୁର୍ନୀତି ଓ ଭିତ୍ତିଭୂମିର ଅଭାବ ଶିଳ୍ପ ବିକାଶରେ ବାଧା ସୃଷ୍ଟି କଲା। ଫଳରେ ଭାରତ ନିଜର ବିଶାଳ ଯୁବଶକ୍ତି ପାଇଁ ପର୍ଯ୍ୟାପ୍ତ ଚାକିରି ସୃଷ୍ଟି କରିବାରେ ବିଫଳ ହେଲା। ଏହାର ନିକଟତମ ଉଦାହରଣ ହେଲା ଓଡ଼ିଶାରେ 'ହୋମ୍‌ଗାର୍ଡ' ଚାକିରି ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଭିଡ଼ ଓ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା।

ଭିତ୍ତିଭୂମିର ବିକାଶ ମଧ୍ୟ ଏହି ଚୀନ୍-ଭାରତ ବିକାଶ ପାର୍ଥକ୍ୟର ଆଉ ଏକ ବଡ଼ କାରଣ। ଚୀନ୍ ଖୁବ କମ ସମୟରେ ରାଜପଥ, ରେଳପଥ, ବନ୍ଦର, ବିମାନବନ୍ଦର ଓ ବିଦ୍ୟୁତ କେନ୍ଦ୍ର ନିର୍ମାଣ କରିଥିଲା। ଏହା ଉତ୍ପାଦନ ଓ ପରିବହନ ଖର୍ଚ୍ଚ କମାଇ ଅର୍ଥନୀତିର ଅଗ୍ରଗତିରେ ସହାୟକ ହୋଇଥିଲା। ଭାରତରେ ଏହି ପ୍ରକ୍ରିୟା ଧୀର ଓ ଦୁର୍ନୀତିଯୁକ୍ତ ହୋଇଥିବାରୁ ଶିଳ୍ପ ଓ ବ୍ୟବସାୟ ପ୍ରଭାବିତ ହୋଇ ଆସୁଛି। ଜନସଂଖ୍ୟା ନିୟନ୍ତ୍ରଣରେ ମଧ୍ୟ ଚୀନ୍ ଭାରତଠାରୁ ଆଗୁଆ। ଚୀନ୍ ଆରମ୍ଭରୁ କଠୋର ନୀତି ଗ୍ରହଣ କରି ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲା। ଏହା ଦେଶକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସସ୍ଥାନ ବିକାଶରେ ଅଧିକ ନିବେଶ କରିବାର ସୁଯୋଗ ଦେଇଥିଲା। ଭାରତରେ ଅନିୟନ୍ତ୍ରିତ ଜନସଂଖ୍ୟା ବିକାଶର ଧାରାକୁ ମନ୍ଥର କରିଛି। ଶିକ୍ଷା ଓ କୌଶଳ ବିକାଶରେ ମଧ୍ୟ ଦୁଇ ଦେଶରେ ପାର୍ଥକ୍ୟ ରହିଛି। ଚୀନର ଶିକ୍ଷା ପ୍ରଣାଳୀ ଶିଳ୍ପ ଆବଶ୍ୟକତା ସହ ସଂପୃକ୍ତ। ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ ଘରୋଇକରଣରେ ଅଧିକ ଦୂଷିତ। ବିନା ଭିତ୍ତିଭୂମି, ଛଦ୍ମବେଶୀ ଶିକ୍ଷକ, ତଞ୍ଚକତାପୂର୍ଣ୍ଣ ଯାଞ୍ଚ ବ୍ୟବସ୍ଥାରେ ଆଜି ବୈଷୟିକ ଶିକ୍ଷା, ଡାକ୍ତରୀ ଶିକ୍ଷା ଓ ସାଧାରଣ ଶିକ୍ଷାକୁ କଳୁଷିତ କରିଛି। ବିନା ଜ୍ଞାନକୌଶଳରେ କେବଳ କାଗଜ ଡିଗ୍ରୀଧାରୀଙ୍କ ସଂଖ୍ୟା ବୃଦ୍ଧି ଶିକ୍ଷିତ ବେକାରୀଙ୍କୁ ବଢ଼ାଇ ଚାଲିଛି, ଯାହା ଭାରତର ବିକାଶଧାରାରେ ବର୍ଷ ବର୍ଷ ଧରି ବାଧକ ସାଜିଛି ଓ ଚାଲିବ ମଧ୍ୟ।

ଏ ସବୁ ସତ୍ତ୍ୱେ ଭାରତର ପାଖରେ ଲୋକତନ୍ତ୍ର, ଯୁବଶକ୍ତି ଓ ନବଚିନ୍ତନର ଅପାର ସମ୍ଭାବନା ରହିଛି। ସଠିକ୍ ନୀତି ଓ ଦୃଢ଼ କାର୍ଯ୍ୟାନ୍ୱୟନ ସହ ଭାରତ ମଧ୍ୟ ଦ୍ରୁତ ବିକାଶ ପଥରେ ଆଗୁଆ ହୋଇପାରିବ। ସ୍ୱାଧୀନତା ପରେ ଭାରତର ବିକାଶଯାତ୍ରା ବହୁ ଉତ୍ଥାନପତନରେ ଭରି ରହିଛି। ସଫଳତା ସହିତ ସମସ୍ୟା ମଧ୍ୟ ରହିଛି। ତଥାପି, ଗଣତନ୍ତ୍ର, ବିବିଧତା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ରକ୍ଷା କରି ଆଗକୁ ବଢ଼ିବା ହେଉଛି ଭାରତୀୟ ବିକାଶର ମୂଳ ଶକ୍ତି। ଚୀନ୍ ସହିତ ସମକକ୍ଷ ହେବା ପାଇଁ ଭାରତରେ ସରକାରୀ ଭାଗିଦାରୀରେ ଶିକ୍ଷା ସହିତ ସ୍ୱାସ୍ଥ୍ୟ ଓ ସୁଷମ ପୋଷଣର ଲକ୍ଷ୍ୟକୁ ଆଗକୁ ନେବାକୁ ପଡ଼ିବ। ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ଜାତୀୟକରଣ କରିବାକୁ ପଡ଼ିବ। ରାସ୍ତା, ରେଳ, ବନ୍ଦର, ବିଦ୍ୟୁତ ଭଳି ଢାଞ୍ଚାଗତ ବିକାଶରେ ନିବେଶର ଦ୍ୱାର ଖୋଲା ରଖି ଘରୋଇ ଉଦ୍ୟୋଗ ଭାଗିଦାରୀରେ ବିକାଶ ବୃଦ୍ଧି କରିବାକୁ ପଡ଼ିବ। ଦଳୀୟ ଭାବନା ଊର୍ଦ୍ଧ୍ୱରେ ଦେଶର ସ୍ୱାର୍ଥକୁ ଆଗରେ ରଖି ଭ୍ରଷ୍ଟାଚାରମୁକ୍ତ ହେବାକୁ ପଡ଼ିବ। ଦେଶ ଓ ବିଦେଶ ଚାହିଦାଭିତ୍ତିକ ଗୁଣାତ୍ମକ ଉତ୍ପାଦ ଏବଂ ତାହାର ବଜାର ସହିତ ରପ୍ତାନିକୁ ଆମଦାନୀର ବିକଳ୍ପ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏହାଦ୍ୱାରା ବିଶ୍ୱ ବଜାରରେ ଭାରତ ମଧ୍ୟ 'ମେକ୍ ଇନ ଇଣ୍ଡିଆ' ଦ୍ୱାରା ନିଜ ସ୍ଥାନ ଦୃଢ଼ କରିପାରିବ।

ନିଷ୍ପତ୍ତି, ଶୃଙ୍ଖଳା, ଦୁର୍ନୀତିମୁକ୍ତ ଶାସନ ଭାରତକୁ ଚୀନ ତୁଳନାରେ ଅଧିକ ଶକ୍ତିଶାଳୀ କରିପାରିବ। ଭାରତରେ ଯୋଜନା ଭଲ; କିନ୍ତୁ କାର୍ଯ୍ୟାନ୍ୱୟନରେ ଅନେକ ସମସ୍ୟା ସହିତ ଲାଲଫିତା ତଳେ ଚାପି ରହି ସମନ୍ୱୟ ଅଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଭାରତର ଭାଷା, ଧର୍ମ, ଜାତିଗତ ବିବିଧତା ଗଣତନ୍ତ୍ରକୁ ଶକ୍ତି ଦେଲେ ମଧ୍ୟ ବେଳେବେଳେ ବିକାଶ ଉପରେ ରାଜନୈତିକ ଧ୍ୟାନ ଏହାକୁ ସଂକୁଚିତ କରିଦେଇଥାଏ। ଭାରତ ଚୀନ ପରି ସମାନ ଭାବେ ବିକଶିତ ନ ହେବାର କାରଣ କୌଣସି ଗୋଟିଏ ତତ୍ତ୍ୱ ନୁହେଁ; ଏହା ଏକ ସଂଯୁକ୍ତ ପରିଣାମ। ତଥାପି ଏହା ମନେ ରଖିବା ଆବଶ୍ୟକ ଯେ ଭାରତ ଗଣତନ୍ତ୍ର, ସ୍ୱାଧୀନତା ଓ ମୂଲ୍ୟବୋଧକୁ ରକ୍ଷା କରି ବିକାଶ କରୁଛି, ଯାହା ଚୀନ ମଡେଲ୍‌ରେ ଅନୁପସ୍ଥିତ। ବିକାଶ ଓ ଦାରିଦ୍ର୍ୟ ମଧ୍ୟରେ ଥିବା ଏହି ଦୂରତା ଭାରତର ସବୁଠାରୁ ବଡ଼ ଆହ୍ୱାନ। ତେଣୁ ପ୍ରାଥମିକ ପଦକ୍ଷେପ ଭାବରେ ଅତୀତରେ ସରକାରଙ୍କ ଦ୍ୱାରା ଯେପରି ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ କରାଯିବାର ଦୃଢ଼ ପଦକ୍ଷେପ ନିଆଯାଇଥିଲା ସେହିପରି ଯଦି ଆମ ସରକାର ଲାଭଖୋର ଘରୋଇ ଶିକ୍ଷା ବ୍ୟବସ୍ଥାକୁ ଉଚ୍ଛେଦ କରି ରାଷ୍ଟ୍ରୀୟକରଣ କରିପାରିବେ ତେବେ ଭାରତର ବିକାଶକୁ କେହି ରୋକିପାରିବେ ନାହିଁ। ତତସହିତ ଆବଶ୍ୟକ ହେଉଛି ରୋଜଗାର ସୃଷ୍ଟିକାରୀ ଆର୍ଥିକ ବିକାଶ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ପ୍ରକୃତିର ଦାନ ହେନ୍ତାଳ ବନ

ହିମାଂଶୁ ଶେଖର ଫତେସିଂହ

ଭାରତର ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳ ଅନ୍ତର୍ଗତ ସମୁଦ୍ର ତଟବର୍ତ୍ତୀ ଜୁଆରିଆ, ଆର୍ଦ୍ର, ବାଲିଆ ଭୂମିରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ଉଦ୍ଭିଦ ଦେଖାଯା'ନ୍ତି, ଯାହାକୁ ଲୁଣା ବା ହେନ୍ତାଳ ଉଦ୍ଭିଦ କୁହାଯାଏ। ଏହି ଉଦ୍ଭିଦଗୁଡ଼ିକର ଅରଣ୍ୟକୁ ଲୁଣା ଜଙ୍ଗଲ ବା ହେନ୍ତାଳ ବନ କୁହାଯାଏ। ଉପକୂଳ ପରିବେଶ ସୁରକ୍ଷାରେ ଏହି ଅରଣ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମୁଦ୍ରିକ ଝଡ଼, ମହାବାତ୍ୟା, ସୁନାମି ଆଦି ପ୍ରାକୃତିକ ଦୁର୍ବିପାକରେ ଏହି ଅରଣ୍ୟ ସମୁଦ୍ର ଉପକୂଳରେ ସୁରକ୍ଷା କବଚ ପରି କାର୍ଯ୍ୟ କରିଥାଏ। ସମୁଦ୍ର ଉପକୂଳରେ ମୃତ୍ତିକା କ୍ଷୟକୁ ଏହା ପ୍ରତିରୋଧ କରିଥାଏ। ବହୁ ପ୍ରଜାତିର ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଓ ଅନ୍ୟାନ୍ୟ ଦୁର୍ଲଭ ସାମୁଦ୍ରିକ ଜୀବଙ୍କର ଏହା ଏକ ପ୍ରକୃଷ୍ଟ ଆବାସସ୍ଥଳୀ। ଏହା ବ୍ୟତୀତ ଏହି ଅରଣ୍ୟରୁ କାଠ, ମହୁ, ତେଲ ଓ ବହୁ ଜଙ୍ଗଲଜାତ ଦ୍ରବ୍ୟ ଉପଲବ୍ଧ ହୋଇଥାଏ।

ଜୁଆରିଆ ଲୁଣା ଜଙ୍ଗଲରେ ଉଦ୍ଭିଦଗୁଡ଼ିକରେ କାଣ୍ଡରୁ ବହୁସଂଖ୍ୟାରେ ଠେସ ମୂଳ ବାହାରି ଉଦ୍ଭିଦକୁ ସିଧା ରଖିଥାଏ। ଚେରରୁ ଶାଖା ବାହରି ମାଟି ଉପରକୁ ଉଠିଥାଏ। ଏହି ଚେରଗୁଡ଼ିକର ଅଗ୍ରଭାଗରେ ଥିବା ଶ୍ୱସନ ରନ୍ଧ୍ର ଯୋଗେ ଉଦ୍ଭିଦ ଶ୍ୱାସକ୍ରିୟା କରିଥାଏ। ଫଳ ବୃକ୍ଷରେ ଲାଗିଥିବା ଅବସ୍ଥାରେ ମଞ୍ଜିରୁ ଗଜା ବାହାରିଥାଏ। ତେଣୁ ଏହି ମଞ୍ଜି ମାଟିରେ ପଡ଼ିବା ମାତ୍ରେ ଏହାର ଚେର ମାଟି ଭିତରକୁ ପଶି ଏକ ନୂତନ ଉଦ୍ଭିଦ ଜନ୍ମ ନେଇଥାଏ। ତେଣୁ ସମୁଦ୍ର ଜୁଆରରେ ଏହାର ମଞ୍ଜିଗୁଡ଼ିକ ଭାସି ଯିବାର ଆଶଙ୍କା ରହେ ନାହିଁ। ସମୁଦ୍ର ତଟବର୍ତ୍ତୀ ଲବଣାକ୍ତ ଜଳବାୟୁ ଓ ଜଳରେ ବଂଶ ବିସ୍ତାର ଏଗୁଡ଼ିକର ସ୍ୱତନ୍ତ୍ର ସାମର୍ଥ୍ୟ ରହିଥାଏ।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଉପଗ୍ରହ ଯୋଗେ ପ୍ରତି ଦୁଇବର୍ଷରେ ଥରେ ଭାରତର ଜଙ୍ଗଲ ପରିମାଣ ଆକଳନ କରି ଆସୁଛି। ଏହି ସଂସ୍ଥା ତରଫରୁ ପ୍ରକାଶିତ ଭାରତର ଜଙ୍ଗଲ ସ୍ଥିତି-୨୦୨୩ରେ ଭାରତର ବିଭିନ୍ନ ରାଜ୍ୟରେ ସର୍ବମୋଟ ୪୯୯୧. ୬୮ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଥିବାର ଆକଳନ କରାଯାଇଛି। ୨୦୨୧ ମସିହାରେ ଏହି ପରିମାଣ ଥିଲା ୪୯୯୯.୧୧ ବର୍ଗ କିମି। ଅର୍ଥାତ ଦୁଇ ବର୍ଷ ମଧ୍ୟରେ ଭାରତରେ ବିଭିନ୍ନ କାରଣରୁ ୭.୪୩ ବର୍ଗ କିମି ପରିମାଣର ହେନ୍ତାଳ ବନ ହ୍ରାସ ପାଇଥିବାର ଜଣାପଡ଼ିଛି। ଭାରତର ହେନ୍ତାଳ ବନ ମଧ୍ୟରୁ ୧୪୬୪ ବର୍ଗ କିମି ଅତିଘନ ହେନ୍ତାଳ ବନ, ୧୫୦୧ ବର୍ଗ କିମି ମଧ୍ୟମ-ଘନ ହେନ୍ତାଳ ବନ ଓ ୨୦୨୭ ବର୍ଗ କିମି ମୁକ୍ତ ହେନ୍ତାଳ ବନ ରହିଛି। ପଶ୍ଚିମବଙ୍ଗରେ ସର୍ବାଧିକ ପରିମାଣର ୨୧୧୯.୧୬ ବର୍ଗ କିମିର ହେନ୍ତାଳ ବନ ରହିଛି। ଏହା ଭାରତର ମୋଟ ହେନ୍ତାଳ ବନର ୪୨.୪୫ ପ୍ରତିଶତ। ପଶ୍ଚିମବଙ୍ଗର କେବଳ ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାରେ ୨୦୮୮.୮୮ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଛି। ଏହାବ୍ୟତୀତ ଗୁଜୁରାଟରେ ୧୧୬୪ ବର୍ଗ କିମି, ଆଣ୍ଡାମାନ ନିକୋବରରେ ୬୦୮.୨୯ ବର୍ଗ କିମି, ଆନ୍ଧ୍ରପ୍ରଦେଶରେ ୪୨୧.୪୩ ବର୍ଗ କିମି, ମହାରାଷ୍ଟ୍ରରେ ୩୧୫ ବର୍ଗ କିମି, ଓଡ଼ିଶାରେ ୨୫୯ ବର୍ଗ କିମି, ତାମିଲନାଡୁରେ ୪୨ ବର୍ଗ କିମି, ଗୋଆରେ ୩୧ ବର୍ଗ କିମି, କର୍ଣ୍ଣାଟକରେ ୧୪.୨ ବର୍ଗ କିମି ଓ କେରଳରେ ୯.୪୫ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଛି।

ଓଡ଼ିଶାରେ କ୍ରମାଗତ ଭାବରେ ହେନ୍ତାଳ ବନ ବୃଦ୍ଧି ପାଇଚାଲିଛି। ୧୯୮୭ ମସିହାରେ ରାଜ୍ୟରେ ୧୯୯ ବର୍ଗ କମି ପରିମିତ ହେନ୍ତାଳ ବନ ରହିଥିବା ବେଳେ ୨୦୦୧ ମସିହାରେ ୨୧୯ ବର୍ଗ କିମି, ୨୦୧୧ ମସିହାରେ ୨୨୨ ବର୍ଗ କିମି ଓ ୨୦୨୧ ମସିହାରେ ୨୫୭.୫୧ ବର୍ଗ କିମିକୁ ଏହି ବନ ପରିମାଣ ବୃଦ୍ଧି ପାଇଛି। ୨୦୨୧-୨୩ ମଧ୍ୟରେ ଓଡ଼ିଶାରେ ୧.୫୫ ଗର୍ଗ କିମି ପରିମିତ ହେନ୍ତାଳ ବନ ବୃଦ୍ଧି ପାଇ ୨୫୯ ବର୍ଗ କିମିରେ ପହଞ୍ଚିଛି। ଓଡ଼ିଶାରେ ଭାରତର ସମୁଦାୟ ହେନ୍ତାଳ ବନର ମାତ୍ର ୫.୧୯ ପ୍ରତିଶତ ରହିଛି। ସେଥିମଧ୍ୟରୁ ୮୧.୬୭ ବର୍ଗ କିମି ଅତିଘନ, ୯୪.୬୧ ବର୍ଗ କିମି ମଧ୍ୟମ-ଘନ ଓ ୮୨.୭୮ ବର୍ଗ କିମି ମୁକ୍ତ ହେନ୍ତାଳ ବନ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ସର୍ବାଧିକ ୨୧୨.୬୯ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଥିବା ବେଳେ ଭଦ୍ରକ ଜିଲ୍ଲାରେ ୩୨.୩୯ ବର୍ଗ କିମି, ବାଲେଶ୍ୱର ଜିଲ୍ଲାରେ ୪.୮୨ ବର୍ଗ କିମି ଓ ପୁରୀ ଜିଲ୍ଲାରେ ୦.୭୪ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଛି।

ଓଡ଼ିଶାରେ ହେନ୍ତାଳ ବନ ମୁଖ୍ୟତଃ ମହାନଦୀର ତ୍ରିକୋଣ ଭୂମି, ଧାମରା, ବ୍ରାହ୍ମଣୀ ଓ ବୈତରଣୀ ନଦୀ ମୁହାଣରେ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ ଓ ବୈତରଣୀ ନଦୀ ମୁହାଣ(ଧାମରା)ରେ ଅବସ୍ଥିତ ଭିତରକନିକା ବନ୍ୟଜୀବ ଅଭୟାରଣ୍ୟରେ ସୁବିସ୍ତୃତ ହେନ୍ତାଳ ବନ ରହିଛି। ୧୯୭୫ ମସିହା ଏପ୍ରିଲ ୨୨ ତାରିଖ ଦିନ ଭାରତ ସରକାର ୬୭୨ ବର୍ଗ କିମି ପରିବ୍ୟାପ୍ତ ଅଞ୍ଚଳକୁ 'ଭିତରକନିକା ବନ୍ୟଜୀବ ଅଭୟାରଣ୍ୟ' ରୂପେ ଘୋଷଣା କରିଛନ୍ତି। ଏହା ଅନ୍ତର୍ଗତ ୧୪୫ ବର୍ଗ କିମି ପରିମିତ ଅଞ୍ଚଳକୁ 'ଭିତରକନିକା ଜାତୀୟ ଉଦ୍ୟାନ' ରୂପେ ଘୋଷଣା କରାଯାଇଛି। ୨୦୦୨ ମସିହା ଅଗଷ୍ଟ ୧୯ ତାରିଖ ଦିନ ଏହାକୁ ଅନ୍ତର୍ଜାତୀୟ 'ରାମସର ସ୍ଥଳୀ'ର ମାନ୍ୟତା ମିଳିଛି। ଚିଲିକା ହ୍ରଦ ପରେ ଏହା ହେଉଛି ଓଡ଼ିଶାର ଦ୍ୱିତୀୟ 'ରାମସର' ସ୍ଥଳୀ। ଦେଶରେ ପରିଦୃଷ୍ଟ ୧୨୫ ପ୍ରଜାତି ହେନ୍ତାଳ ଉଦ୍ଭିଦ ମଧ୍ୟରୁ ଏଠାରେ ୭୩ଟି ପ୍ରଜାତିର ଦେଖାଯାଇଥାଏ। ଅନେକ ପ୍ରଜାତିର ଲୁଣା କୁମ୍ଭୀର, ସାପ, ସରୀସୃପ, ବିରଳ ରାମଲେଖନୀ କଙ୍କଡ଼ା ଆଦି ଏଠାରେ ଦେଖାଯାଇଥା'ନ୍ତି। ଭିତରକନିକା ହେନ୍ତାଳବନ ସଂଲଗ୍ନ ଗହୀରମଥା ବେଳାଭୂମି ଅଲିଭରିଡଲେ ସାମୁଦ୍ରିକ କଇଁଚଗୁଡ଼ିକର ସାମୂହିକ ଅଣ୍ଡାଦାନ ସ୍ଥଳୀ ରୂପେ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି। ହେନ୍ତାଳ ବନ ହେଉଛି ହେଉଛି ଏକ ବିରଳ ପ୍ରାକୃତିକ ସମ୍ପଦ। ଏହାର ସଂରକ୍ଷଣ ପାଇଁ ବ୍ୟାପକ ଜନସଚେତତା ସୃଷ୍ଟି କରାଯିବା ଉଚିତ। ●

ଗୁରୁଜଙ୍ଗ(ଖୋର୍ଦ୍ଧା), ମୋ: ୭୦୦୮୬୬୨୩୪୧

# ପାଦୁକ ନଳାରେ ପଇଡ଼

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ପହୁଡ଼ ଯିବା ପୂର୍ବରୁ ଶୃଙ୍ଗାର ବେଶରେ ସଜ୍ଜିତ ହୁଅନ୍ତି। ଶୃଙ୍ଗାର ରସର 'ଗୀତ ଗୋବିନ୍ଦ' ଲେଖା ଯାଇଥିବା ଖଣ୍ଡୁଆ ପାଟ ପରିଧାନ କରି ମହାପ୍ରଭୁ ପୁଷ୍ପାଳଙ୍କାରରେ ଭୂଷିତ ହୁଅନ୍ତି। ରସିକଶେଖର ଜଗନ୍ନାଥ ହାତରେ ଏକ ମଲ୍ଲିମାଳ ଧାରଣ କରି ପହୁଡ଼କୁ ଯାଆନ୍ତି ବୋଲି ଅନେକ କହନ୍ତି। ତାଙ୍କ ଶୋଇବା ରତ୍ନ ପଲଙ୍କ ତଳେ କେତେଟା ପଇଡ଼ ଓ କିଛି ଭଙ୍ଗା-ବିଡ଼ିଆ ପାନ ରଖି ଦିଆଯାଏ।

ଦିନେ ଦୁଆର ଫିଟା ପରେ ଦେଖାଗଲା ଯେ ପଲଙ୍କ ତଳେ ରଖା ଯାଇଥିବା ପଇଡ଼ ଭିତରୁ ଗୋଟିଏ ନାହିଁ। ଗର୍ଭଗୃହ ସାରା ଯେତେ ଖୋଜିଲେ ମଧ୍ୟ ତାହା ମିଳିଲା ନାହିଁ। ମନ୍ଦିର ବନ୍ଦ ହେବା ପରେ ପାଦୁକ ନଳା ବ୍ୟତୀତ ବାହାରକୁ କୌଣସି ବାଟ ନ ଥିଲା। ଜଣେ ସେବକ ଆଣ୍ଠେଇ ପଡ଼ି ଦେଖିଲେ ଯେ ପଇଡ଼ଟା ନଳା ଭିତରେ ପଶି ଯାଇଛି। ସେ ତା'କୁ ବାହାର କରିବାକୁ ଉଦ୍ୟମ କରନ୍ତେ ହାତ ବାଜି ଅଧିକ ଭିତରକୁ ପଶିଗଲା। ସବୁଚେଷ୍ଟା ବିଫଳ ହେବା ପରେ ପଇଡ଼ ପଛରେ ଅଧିକ ସମୟ ନ ଦେଇ ସେବକମାନେ ନୀତି ସମ୍ପନ୍ନରେ ତତ୍ପର ହେଲେ।

ମନ୍ଦିରରେ ନୀତି ସଂପାଦନ ପୂର୍ବରୁ ଗର୍ଭଗୃହରେ ପାଣି ଢାଳି ଧୋପଖାଳ କରିବା ଏକ ବିଧି। ସକାଳ ଧୋପଖାଳ ବେଳେ ଅଧିକ ଗରା ପାଣି ବ୍ୟବହାର କରାଯାଏ। ଏ ସବୁ ପାଣି ପାଦୁକ ନଳା ଦେଇ ବାହାରକୁ ଚାଲି ଯାଏ। ଭକ୍ତମାନେ ସେ ପାଦୁକ ପାଣିକୁ ପ୍ରସାଦ ରୂପେ ପାଆନ୍ତି। ସେଦିନ ପାଦୁକ ନଳାରେ ପଇଡ଼ ଲାଗି ଥିବାରୁ ପାଣି ବାହାରକୁ ଗଲା ନାହିଁ। ପୋଖରୀଆରେ ଜମି ରହିଲା। ତା' ପରେ ମହାପ୍ରଭୁଙ୍କର ସ୍ନାନ ହେଲା। ସେ ପାଣି ମଧ୍ୟ ବାହାରକୁ ଯାଇପାରିଲା ନାହିଁ। ଏହିପରି ସେ ଦିନ ନୀତି ଆଗକୁ ଆଗକୁ ଯେତେ ବଢ଼ିଲା, ସେତିକି ସେତିକି ଅଧିକ ପାଣି ଗର୍ଭଗୃହରେ ଜମି ରହିଲା। ସନ୍ଧ୍ୟା ବେଳକୁ ଅବସ୍ଥା ଏପରି ହେଲା ଯେ ସେଠାରେ ପିଢ଼ା ପକେଇ ସବୁ ନୀତି କରିବାକୁ ପଡ଼ିଲା।

ତା' ପର ଦିନ ସେବକମାନେ ଆସି ଦେଖିଲେ ଯେ ପାଣି ପୂର୍ବଦିନ ପରି ଗର୍ଭଗୃହରେ ଠିଆ ହୋଇଥିଲା। ତଥାପି ପିଢ଼ା ପକେଇ ମନ୍ଦିର ଧୋପଖାଳ କରାଗଲା। ତା' ପରେ ପାଣିର ପତ୍ତନ ବଢ଼ି ଯିବାରୁ ପିଢ଼ା ବୁଡ଼ି ଗଲା। ପାଦୁକ ପାଣିରେ ପାଦ ପକେଇବା ଶାସ୍ତ୍ର ବିରୁଦ୍ଧ। ମହାପ୍ରଭୁଙ୍କ ନୀତି ବନ୍ଦ ହୋଇଗଲା। ଠାକୁରମାନେ ଅଭୁକ୍ତ ରହିଲେ। ମହାପ୍ରସାଦ ସେବା କରୁଥିବା ଭକ୍ତମାନେ ମଧ୍ୟ ଉପବାସ ରହିଲେ। ବିବାହବ୍ରତ ଆଦି କାମ ବନ୍ଦ ହୋଇଗଲା। ଖବର ପାଇ ଗଜପତି ଶ୍ରୀମନ୍ଦିରରେ ପହଞ୍ଚିଲେ। ବଡ଼ପଣ୍ଡା, ରାଜଗୁରୁ, ମନ୍ତ୍ରୀ ଓ ମହନ୍ତମାନଙ୍କ ସହ ପରାମର୍ଶ କରି ସମାଧାନର ରାସ୍ତା ଖୋଜିଲେ। କାହାରି ମୁଣ୍ଡରେ କିଛି ବୁଦ୍ଧିବାଟ ଦିଶିଲା ନାହିଁ। ସମସ୍ତେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ଗଜପତି ଜଗମୋହନରେ ଅଧିଆ ପଡ଼ି ନିଉଛାଳି ହେଲେ।

ସେତେବେଳେ ବୈଶାଖ ମାସ ଥିଲା। ଧୁ ଧୁ ଖରାରେ ସାରା ପୃଥିବୀ ଜଳୁଥିଲା। ହଠାତ୍ ଆକାଶରେ ଖଣ୍ଡେ କଳା ବାଦଲ ପୁରୀ ସହରକୁ ଘୋଡ଼େଇ ଦେଲା। ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାକୁ ଲାଗିଲା। ସେମିତି ବର୍ଷା ପୁରୀବାସୀଙ୍କ ପାଇଁ ଅଭୂତପୂର୍ବ ଥିଲା। ଏହାକୁ ଏକ ଅଘଟଣ ମନେ କରି ପୁରୀବାସୀ କୁହାକୁହି ହେଲେ - 'ଆରେ ତମେ ନୀତି ବିଭ୍ରାଟ କରିବ, ଆଉ କାଳିଆ ସବୁ ଚୁପଚାପ ଦେଖୁଥିବ ବୋଲି ଭାବୁଛ? ଏବେ ସମ୍ଭାଳ।'

ସେହି ସମୟରେ ଏକ ବିରାଟ ବଜ୍ରପାତ ହେଲା। ସାରା ସହର ଆଲୁଅ ହୋଇଗଲା। ସେବକମାନେ ମନ୍ଦିରରେ ଥାଇ ଦେଖିଲେ ଯେ ପାଦୁକ ନଳାରୁ ବାହାରକୁ ଯେଉଁଠି ପାଦୁକ ବାହାରେ ବଜ୍ରପାତ ସେଇଠି ହେଲା। ପାଦୁକ ନଳାରେ ଯେଉଁବାଟେ ପଇଡ଼ଟା ପଶି ଥିଲା, ସେହି ବାଟେ ଖପ୍ କିନା ବାହାରି ଆସିଲା। ତା' ପରେ ପୋଖରୀଆରେ ଜମି ଥିବା ପାଣି ବାହାରି ଗଲା। ସବୁ ଶୁଖିଲା। କ'ଣ ହେଲା କେହି ବୁଝି ପାରୁ ନ ଥିଲେ। ରାଜା ବଡ଼ପଣ୍ଡାଙ୍କୁ ଚାହିଁଲେ। ସେ କହିଲେ- 'ମଣିମା, ଏ ସବୁ ଆପଣଙ୍କ ପ୍ରାର୍ଥନାର ଫଳ। ମହାପ୍ରଭୁ ଇନ୍ଦ୍ରଙ୍କୁ ବଜ୍ରପାତ କରିବାକୁ ଆଦେଶ ଦେଲେ। ବଜ୍ରଟା ପାଦୁକ ନଳାର ବାହାର ମୁହଁବାଟେ ଭିତରେ ପଶିଲା। ପଇଡ଼ଟାକୁ ଠେଲି ଗର୍ଭଗୃହ ବାଟେ ବାହାର କରିଦେଲା।' ରାଜା ପଇଡ଼କୁ ପରୀକ୍ଷା କରି ଦେଖିଲେ ଯେ ସେଥିରେ ଟୋପାଏ ବି ପାଣି ନ ଥିଲା। ସେ ପ୍ରସାଦୀ ପଇଡ଼କୁ ମୁଣ୍ଡରେ ଲଗେଇ ସଙ୍ଗରେ ନେଇ ଉଆସକୁ ଫେରିଲେ। ଏ ପଟେ ଠାକୁରମାନଙ୍କର ନୀତି ଚାଲିଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି, ୬ ।୧(ସମିସ): ତାମିଲନାଡୁରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ । ମୃତକ ହେଲେ, ଦିଗପହଣ୍ଡି ଏନ୍‌ଏସି ୯ନମ୍ବର ୱାର୍ଡ ଦଣ୍ଡାଶିସାହିର ବିଜୟ ନାଇକ(୩୬) । ସେ ତାମିଲନାଡୁର ତିର୍ଚ୍ଚି ସହରରେ ଏକ ଗ୍ରାନାଇଟ୍ କମ୍ପାନୀରେ କାମ କରୁଥିଲେ । ନୂଆବର୍ଷ ସକାଳେ ସେ ବଜାରରୁ ସଉଦା ଆଣିବା ପାଇଁ ଏକ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ସେଠାକାର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସୋମବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏହ ଖବର ପାଇବା ପରେ ତାଙ୍କ ପରିବାରଲୋକ ଭାଙ୍ଗି ପଡ଼ିଛନ୍ତି । ଘରେ ତାଙ୍କ ସ୍ତ୍ରୀ ଅନିତା ନାଇକ, ୧୦ବର୍ଷର ଝିଅ, ୪ବର୍ଷର ପୁଅ ଏବଂ ବିଧବା ମା' ବିନି ନାଇକ ଅଛନ୍ତି । କିଛି ବର୍ଷ ତଳେ ତାଙ୍କ ବାପା ବରଡ଼ା ନାଇକଙ୍କ ମୃତ୍ୟୁ ଘଟିଥିଲା । ବିଜୟଙ୍କ ଶବ ଗାଁକୁ ଆଣିବା ପାଇଁ ସ୍ତ୍ରୀ ଅନିତା ସ୍ଥାନୀୟ ପୁଲିସ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରିବହନ ବିଭାଗର...

ଅନ୍ୟପଟେ ଜରିମାନା ବିବାଦ ସମାଧାନ ନ ହେଉଣୁ ସରକାର ଗ୍ରୀନ୍ ଷ୍ଟିକର ଭଳି ଅନ୍ୟ ଏକ ଗୋଲକ ଧନ୍ଦା ସୃଷ୍ଟି କରିଛନ୍ତି । ଆସନ୍ତା ୧୦ ତାରିଖ ପରେ ପ୍ରଦୂଷଣ ସାର୍ଟିଫିକେଟ ପ୍ରାପ୍ତ ଗାଡ଼ି ମାଲିକମାନେ ଆର୍‌ଟିଓ ଅଫିସ୍‌ରୁ ଗ୍ରୀନ୍ ଷ୍ଟିକର ଆଣି ଗାଡ଼ିରେ ଲଗାଇବେ । ଏଥିପାଇଁ ମଧ୍ୟ ଲୋକଙ୍କୁ ଲମ୍ବା ଲାଇନ୍ ଠିଆ ହେବାକୁ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ବଡ଼ କଥା ହେଉଛି ଏହି ଦୁଇଟି ଯାକ ଘଟଣାରେ ସରକାର ବାରମ୍ବାର ମତ ବଦଳାଉଛନ୍ତି । ପରିବହନ ମନ୍ତ୍ରୀ, ପରିବହନ ବିଭାଗ ସଚିବ ଓ ପରିବହନ ଆୟୁକ୍ତଙ୍କ ମଧ୍ୟରେ ଥିବା ସମନ୍ୱୟର ଅଭାବ ଯୋଗୁଁ ହିଁ ଏଭଳି ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି । କାରଣ ପରିବହନ ଆୟୁକ୍ତ ପ୍ରଥମେ ଯେଉଁ 'ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ତେଲ ମନା' ନିର୍ଦ୍ଦେଶ ନାମା କରିଥିଲେ, ତାହା ପ୍ରଥମେ ଜାନୁଆରୀରୁ ଲାଗୁ ହେବ ବୋଲି ସ୍ପଷ୍ଟ କରାଯାଇଥିଲା । ଏହାପରେ ପ୍ରବଳ ଜନଅସନ୍ତୋଷକୁ ଦୃଷ୍ଟିରେ ରଖି ଏହାକୁ ଫେବୃଆରୀ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିଲା । ଏବେ ଏହାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି । ଗ୍ରୀନ୍ ଷ୍ଟିକର ନେଇ ଯେଉଁ ନିୟମ ହୋଇଛି, ଏକ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି । ପ୍ରଥମେ ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟକର ଲାଗିବ ବୋଲି କୁହାଯାଇଥିଲା । ପରେ ଏହା ବାଧ୍ୟତାମୂଳକ ନୁହଁ ବୋଲି ସରକାର କହିଛନ୍ତି । ମାତ୍ର ଲୋକେ ଏବେ ବି ଏହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି । କାରଣ ଅନେକ ଲୋକ ଜରିମାନା ଭୟରେ ପ୍ରଦୂଷଣ ସାର୍ଟିଫିକେଟ କରାଇ ନେଇଛନ୍ତି । ହେଲେ ପରିବହନ ବିଭାଗରରେ ଘଡ଼ିକେ ଘୁଡ଼ା ଛୁଟୁଥିବାରୁ ଲୋକେ ସଂଶୟ ଘେରରେ ରହିଛନ୍ତି ।

ଗୋଟିଏ ପଟେ ଜରିମାନା ଓ ଧାଡ଼ି ବ୍ୟବସ୍ଥା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଥିବା ବେଳେ ଏହାର ଫାଇଦା ନେଇ ସାଇବର ଭୟ ମଧ୍ୟ ସୃଷ୍ଟି ହୋଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାଇବର ଠକ ଜାଲି ଇ-ଚାଲାଣ ପଠାଇ ଲୋକଙ୍କୁ ଲୁଟୁଛନ୍ତି । ଏହି ଇ-ଚାଲାଣରେ ଗାଡିର ନମ୍ବର ଓ ଜରିମାନାର ପରିମାଣ ଉଲ୍ଲେଖ କରାଯାଇ ନାହିଁ । ରାଜ୍ୟ ସରକାର ବର୍ତ୍ତମାନ ସମସ୍ତ ମଟର ଯାନର ବାକିଆ ଜୋରିମାନା ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହାସହିତ ପିୟୁସିସି ସାର୍ଟିଫିକେଟ୍ ଜରିମାନା ଭରଣା କରିବାକୁ ପଡୁଥିବାରୁ ଏହାର ସୁଯୋଗ ସାଇବର ଠକଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି । ଯାହାକି ଲୋକଙ୍କ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି ।

### ହାଇକୋର୍ଟଙ୍କ ଜବାବ...

ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି ୨୭ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି ।

ମାମଲାରୁ ପ୍ରକାଶ ଯେ ଏସ୍‌ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ଏବଂ ଡିଜେଲ୍ ମିଳିବ ନାହିଁ ବୋଲି କୁହାଯାଇଛି । ପରିବହନ ବିଭାଗର ଗତ ୨୦୨୫ ଡିସେମ୍ବର ୨୦ର ଏଭଳି ବିଜ୍ଞପ୍ତି ବେଆଇନ ତଥା ସମ୍ବିଧାନ ବିରୋଧୀ ବୋଲି ଆବେଦନରେ ଦର୍ଶାଯାଇଛି । ଏହି ବିଜ୍ଞପ୍ତିକୁ ରଦ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଯାହାର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିବ, ସେମାନଙ୍କ ବିରୋଧରେ ମୋଟର ଯାନ ଆଇନରେ ମାମଲା ରୁଜୁ କରାଯାଇପାରିବ । ସେହିଭଳି ଏହି ଆଇନ ଅନୁସାରେ ଧାର୍ଯ୍ୟ ଜରିମାନା ଆଦାୟ ହୋଇପାରିବ । କିନ୍ତୁ ମୋଟରଯାନ ଆଇନରେ ଏଭଳି କୌଣସି ପ୍ରକାର ବ୍ୟବସ୍ଥା ନାହିଁ ବୋଲି କୁହାଯାଇଛି । ସେହିଭଳି ଗାଡ଼ିଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ, ପିୟୁସିସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା କେନ୍ଦ୍ର ମୋଟର ଯାନ ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଏଣୁ ସମସ୍ତ ପିୟୁସିସି କେନ୍ଦ୍ରଗୁଡ଼ିକୁ ଚାଲାଣ ପଇଠ ବିନା ପ୍ରମାଣପତ୍ର ଜାରି କରିବାକୁ ପରିବହନ ବିଭାଗ ନିର୍ଦ୍ଦେଶ ଦେଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି । ଏହି ମାମଲାରେ ପରିବହନ ବିଭାଗ ସଚିବ, ପରିବହନ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି ।

### ୟୁପିରେ ୩କୋଟି...

ସୁପ୍ରିମ କୋର୍ଟ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ବାନାର୍ଜୀ । ଆଜି ତାଙ୍କ ଦଳ ଟିଏମ୍‌ସି ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପିଟିସନ ଫାଇଲ କରାଯାଇଛି । ଟିଏମସି ନେତା ଡେରେକ ଓବରଏନ୍ ଦାଖଲ କରିଥିବା ଏହି ପିଟିସନରେ ଅଭିଯୋଗ କରିଛନ୍ତି ଯେ ଏସ୍‌ଆଇଆର୍ ନାମରେ ନିର୍ବାଚନ କମିସନ ଆତଙ୍କ ସୃଷ୍ଟି କରିଛନ୍ତି । ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନ ଠାରୁ କ୍ଷେତ୍ର ଅଧିକାରୀମାନଙ୍କ ସହିତ ଯୋଗାଯୋଗ ପାଇଁ କମିସନ ଭିନ୍ନ ମାଧ୍ୟମ ଆପଣାଇଛନ୍ତି, ଯାହାକି ନିୟମ ବିରୋଧୀ । ସରକାରୀ ଚିଠି ପରିବା ।ର୍ତ୍ତେ ଏହି ଅଧିକାରୀମାନଙ୍କ ସହିତ ହ୍ୱାଟ୍ସଆପ୍ ଏବଂ ମୌଖିକ ଭାବେ କମିସନ ଯୋଗାଯୋଗ କରିବା ସହିତ ଅଲିଖିତ ପରାମର୍ଶ/ଆଦେଶ ଦେଉଛନ୍ତି । ନିୟମ ବାହାରକୁ ଯାଇ କମିସନ ଏକତରଫା ଭାବେ ଏଭଳି ପନ୍ଥା ଗ୍ରହଣ କରିପାରିବେ ନାହିଁ ବୋଲି ଉଲ୍ଲେଖ କରି ସେ ଅଭିଯୋଗ କରିଛନ୍ତି ପଶ୍ଚିମ ବଙ୍ଗ ଭୋଟରମାନଙ୍କ ସହିତ ନିର୍ବାଚନ କମିସନ କେଠାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତକାଲି ମମତା ବାନାର୍ଜୀ କହିଥିଲେ ଯେ ଏସ୍‌ଆଇଆର୍ ନାମରେ କମିସନ ରାଜ୍ୟରେ ଆତଙ୍କରାଜ ଚଳାଇଛନ୍ତି । ଏହା ବିରୋଧରେ ତାଙ୍କ ଦଳ ସୁପ୍ରିମ କୋର୍ଟ ଯିବ । ଆଜି ଏହି ପ୍ରସଙ୍ଗରେ ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଏସ୍‌ଆଇଆର୍ ପାଇଁ ବିଜେପି ଆଇଟି ସେଲ୍ ଦ୍ୱାରା ବିକଶିତ ମୋବାଇଲ ଆପ୍‌ର ବ୍ୟବହାର କରୁଛନ୍ତି ନିର୍ବାଚନ କମିସନ । ଏହା ସଂପୂର୍ଣ୍ଣ ରୂପେ ବେଆଇନ, ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ । ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ଜୀବିତ ଲୋକଙ୍କୁ ମୃତ ଦର୍ଶାଯାଉଛି । କେବଳ ଏତିକି ନୁହେଁ, ଏସଆଇଆର ଶୁଣାଣିରେ ଏଭଳି ଲୋକଙ୍କୁ ସମନ୍ କରାଯାଉଛି, ଯେଉଁମାନେ ବୃଦ୍ଧ ଏବଂ ଚାଲି ପାରୁ ନାହାନ୍ତି । ରୋଗୀ ଲୋକ ଯେଉଁମାନେ ବିଛଣାରୁ ଉଠିବା ସ୍ଥିତିରେ ନୁହନ୍ତି, ସେମାନଙ୍କୁ ମଧ୍ୟ ସମନ୍ କରାଯାଉଛି ।

### ନାବାଳିକା ଦୁଷ୍କର୍ମ-ହତ୍ୟାକାରୀକୁ...

ବିରଳତମ ବୋଲି ଅଭିହିତ କରି ଏହି ଐତିହାସିକ ରାୟ ପ୍ରଦାନ କରିଛନ୍ତି ।

୨୦୨୪ ନଭେମ୍ବର ୧୫ରେ ଅଭିଯୁକ୍ତଜଣଙ୍କ ମାଛ ଧରିବାକୁ ଯିବା ବାହାନାରେ ୬ ବର୍ଷର ଏକ ଶିଶୁକୁ ଘରୁ ଟେକିନେଇ ଦୁଷ୍କର୍ମ କରିଥିଲା । ପରେ ପ୍ରମାଣ ନଷ୍ଟ ପାଇଁ ପୀଡ଼ିତା ମୁଣ୍ଡକୁ ପଥରରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲା । ଏହି ଘଟଣାରେ ପାଇକମାଳ ପୁଲିସ ପ୍ରଶାନ୍ତ ବାଗକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମୋଟ ୩୭ଜଣ ସାକ୍ଷୀଙ୍କ ସାକ୍ଷ୍ୟ, ପୁଲିସର ତଦନ୍ତ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ଭାରତୀୟ ନ୍ୟାୟ ସଂହିତା ଏବଂ ପକ୍ସୋ ଆଇନର ଧାରା ୬ ଅନୁଯାୟୀ ପ୍ରଶାନ୍ତକୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛନ୍ତି । ଅପରପକ୍ଷେ, ଏହି ଘଟଣାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ବରଗଡ଼ ଜିଲ୍ଲା ଏସ୍‌ପିଙ୍କ ସମେତ ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### 'ଭିବି ଜି ରାମ ଜି'ର ଲକ୍ଷ୍ୟ...

ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିଲା । ଅପରପକ୍ଷେ ଟେକ୍ନୋଲୋଜିକୁ ବ୍ୟବହାର କରି ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି । ଏହି ନୂଆ ଆଇନରେ କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆଇନରେ କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ କାମ ସମ୍ପୂର୍ଣ୍ଣ ବନ୍ଦ ରହିବାର ପ୍ରାବଧାନ କରାଯାଇଛି । ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି । ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ । ଏତଦବ୍ୟତୀତ ଏଆଇ, ଜିପିଏସ୍ ଓ ମୋବାଇଲ୍ ଜରିଆରେ ସ୍ୱଚ୍ଛତା ଅଣାଯାଇପାରିବ । କାମ ମାଗିବାର ୧୫ ଦିନ ମଧ୍ୟରେ କାମ ନ ମିଳିଲେ ଭତ୍ତା ଦେବା ବାଧ୍ୟତାମୂଳକ କରାଯାଇଛି । ମହାତ୍ମା ଗାନ୍ଧୀଙ୍କ ନୀତିକୁ ପ୍ରସାର କରିବା ଉଦ୍ଦେଶ୍ୟରେ ଆଇନରେ ଏ ସବୁ ସଂସ୍କାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏହି ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମନ୍ତ୍ରୀ ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୦ ଡିଗ୍ରୀ ତଳେ...

୮.୮, ଫୁଲବାଣୀ ଓ କେନ୍ଦୁଝରରେ ୯, ସୋନପୁର ୯.୧, ଢେଙ୍କାନାଳ ୯.୯, କୋରାପୁଟ, କଟକ, ଅନୁଗୁଳ ଏବଂ ବାରିପଦାରେ ପାରଦ ୧୦ ଡିଗ୍ରୀକୁ ଖସିଛି । ଅନ୍ୟପଟେ ରାତିରେ ଭୁବନେଶ୍ୱରରେ ତାପମାତ୍ରା ୧୨.୯ ଡିଗ୍ରୀକୁ ଖସିବା କାରଣରୁ ଏଠାରେ ପ୍ରବଳ ଶୀତ ଅନୁଭୂତ ହୋଇଛି । ଭୋର ସମୟଠାରୁ ୧୦ ରୁ ୧୫ କିମି ବେଗରେ ଉତ୍ତର-ଉତ୍ତରପୂର୍ବ ଦିଗରୁ ଭୁବନେଶ୍ୱରକୁ ଥଣ୍ଡା ପବନର ପ୍ରବାହ ବଢ଼ିଥିଲା । ଏଥିପାଇଁ ଏଠାରେ ଦିନରେ ତାପମାତ୍ରାରେ ଦୃଷ୍ଟାନ୍ତ ମୂଳକ ହ୍ରାସ ଘଟିଥିଲା । ପରିଣାମ ସ୍ୱରୂପ ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରରେ ଥଣ୍ଡା ଦିନ (କୋଲ୍ଡ ଡେ') ସ୍ଥିତି ସୃଷ୍ଟି ହୋଇଛି । ସାଧାରଣତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରାତିର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିବା ସହ ଦିନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪.୮ ଡିଗ୍ରୀରୁ କମ୍ ରହିଲେ ଥଣ୍ଡା ଦିନ ଅନୁଭୂତ ହୋଥାଏ । ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ କଟକରେ ପାରଦ ୧୦ ଡିଗ୍ରୀ ଛୁଇଁଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେବ । ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୁଳ, କଟକ ଓ ଜଗତସିଂହପୁରରେ ପ୍ରବଳ ଥଣ୍ଡା ସହ ଶୀତ ଲହରୀ ଅନୁଭୂତ ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

ଅନ୍ୟପଟେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଏହା ଅଧିକ ଘନୀଭୂତ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ତେବେ ଓଡିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ରହିବ ନାହିଁ । ଏହି ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ଆଗାମୀ ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବିଷୁବରେଖା ନିକଟସ୍ଥ ପୂର୍ବ ଭାରତ ମହାସାଗର ଆଡକୁ ମୁହାଁବାର ସମ୍ଭାବନା ରହିଛି ।

### ଅଡ଼ି ବସିଛନ୍ତି...

ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ରାଜ୍ୟର ଚାଷୀ । ମିଲର୍ସମାନେ ଧାନ ଉଠାଉ ନଥିବାରୁ ମଣ୍ଡିଗୁଡ଼ିକରେ ଲକ୍ଷଲକ୍ଷ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । କଷ୍ଟଲବ୍ଧ ଅମଳ ବିକ୍ରି ହୋଇପାରୁ ନଥିବାରୁ ଚାଷୀମାନେ ଅତିଶୟ ହନ୍ତସନ୍ତ ହେଉଛନ୍ତି । ଚାଷୀଙ୍କ ପ୍ରତି ସମବେଦନା ରହିଛି ଓ ସରକାର ଚାହିଁଲେ ଏହି ବିବାଦର ସମାଧାନ ହୋଇପାରିବ ବୋଲି ମିଲର୍ସ ଆସୋସିଏସନ୍ ଯୁକ୍ତି କରିଛି । ସଂଘ କହିଛି ୧୫ ମାସ ହେବ ସରକାର ପ୍ରତିଶୃତି ଦେଇ ଆସୁଛନ୍ତି । ମାତ୍ର ମିଲର୍ସମାନେ ଆଉ ମୌଖିକ ପ୍ରତିଶୃତିକୁ ବିଶ୍ୱାସ କରି ପାରୁନାହାନ୍ତି । ଏଥିପାଇଁ ସରକାରଙ୍କଠାରୁ ଲିଖିତ ପ୍ରତିଶୃତି ଦାବି କରାଯାଉଛି । ସରକାର ୪ ଦଫା ଦାବି ପୂରଣ ନେଇ ଲିଖିତ ପ୍ରତିଶୃତି ଦେଇଦେଲେ, ତୁରନ୍ତ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ଓ ଧାନ ଉଠା ସ୍ୱାଭାବିକ ହେବ ବୋଲି ସଂଘ କହିଛି ।

### ଦ୍ୱୈତନଗରୀରେ...

ଲଗାତାର ସମୀକ୍ଷା କରାଯାଉଛି । ବାୟୁ ପ୍ରଦୂଷଣର ପ୍ରକୃତ କାରଣ ଖୋଜିବା ଏବଂ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବୈଜ୍ଞାନିକ, ପରିବେଶ ବିଶେଷଜ୍ଞ ଏବଂ ଇଞ୍ଜିନିୟରମାନେ ଉପସ୍ଥିତ ରହିବା ସହ ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଏବଂ ଭବିଷ୍ୟତର ଯୋଜନା ଉପରେ ଆଲୋଚନା କରାଯାଇଛି ।

ଏହାସହିତ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହି ସହରାଞ୍ଚଳଗୁଡ଼ିକରେ ହୋଟେଲ, ଢ଼ାବା, ସ୍କୁଲରେ କେହି ସଲିଡ୍ ଫୁଏଲ୍ ବ୍ୟବହାର କରିବେନି ବୋଲି ନିର୍ଦ୍ଦେଶ ଦିଆଯାଇଛି । ନିର୍ମାଣଧୀନ ଅଞ୍ଚଳରେ ଗ୍ରୀନ୍ କଭର ରହିବା ସହ କୌଣସି ଅନିୟମିତତା ହେଲେ ପ୍ଲାନ୍ ଆପ୍ରୁଭାଲ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଭୁବନେଶ୍ୱରରେ ୨ରୁ ୩ ଥର ରାସ୍ତାରେ ପାଣି ସିଞ୍ଚନ କରିବାକୁ ଇଡ୍‌କୋ ଏମଡିଙ୍କୁ ଅନୁରୋଧ କରାଯାଇଛି । ଜବରଦଖଲ ଉଚ୍ଛେଦ ସମୟରେ ହେଉଥିବା ପ୍ରଦୂଷଣ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ କୁହାଯାଇଛି ।

# ମୟୂରଭଞ୍ଜରେ 'ପ୍ରଦୂଷଣ କଟକଣା'

ବାରିପଦା, ୬ ।୧(ସମିସ): ବାଲେଶ୍ୱର ପରେ ମୟୂରଭଞ୍ଜରେ 'ପ୍ରଦୂଷଣ କଟକଣା' । ମୟୂରଭଞ୍ଜ ଜିଲ୍ଲାରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତିକ୍ରମେ ଜନସାଧାରଣଙ୍କ ପାଇଁ ବିଭିନ୍ନ କଟକଣା ଜାରି କରାଯାଇଛି । ଜିଲ୍ଲାରେ ବାୟୁ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏବଂ ଗ୍ରାପ୍ ଷ୍ଟେଜ୍-୨ ମାର୍ଗଦର୍ଶିକା ଅନୁସାରେ, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା-୧୬୩ ଅନୁଯାୟୀ ବାୟୁ ପ୍ରଦୂଷଣକୁ ରୋକିବାକୁ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି । ଏହି କଟକଣା ବାରିପଦା ମ୍ୟୁନିସିପାଲିଟି ସମେତ ଜିଲ୍ଲାର ସମସ୍ତ ଏନ୍‌ଏସି, ପୌରାଞ୍ଚଳରେ ଆଗାମୀ ୭ ଦିନ ଯାଏଁ ବଳବତ୍ତର ରହିବ । ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ । ବାରିପଦା ସହର ସମେତ ଜିଲ୍ଲାର ଅନ୍ୟ ସମସ୍ତ ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ବିନା ପାଲରେ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ଚଳାଚଳ କରିପାରିବ ନାହିଁ । ଆବର୍ଜନା ଜଳାଇବା, ଢାବାରେ କୋଇଲା ଜଳାଇବା ଏବଂ ଯେକୌଣସି ପ୍ରକାର ଖୋଲାରେ ନିଆଁ ଜାଳିବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପକ୍ଷରୁ କୋଇଲା, ଖଣିଜ ଓ ଫ୍ଲାଏଆସ୍ ବୋଝେଇ ଟ୍ରକ୍‌ଗୁଡ଼ିକର ଦିନରେ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯିବ ।

## ମିଳିଲାନି ସ୍ୱର୍ଗରଥ: ଡାକ୍ତରଖାନାରୁ ଖଟିଆରେ ଗଲା ଶବ



ବାରିପଦା, ୬ ।୧୨(ସମିସ): ମିଳିଲାନି ସ୍ୱର୍ଗରଥ । ଡାକ୍ତରଖାନାରୁ ଖଟିଆରେ ବୁହାହେଲା ଶବ । ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ ଯେ ମଙ୍ଗଳବାର ସକାଳେ କାମତା ଗ୍ରାମର ରମେଶ ଚନ୍ଦ୍ର ରଣା (୭୦)ଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କିନ୍ତୁ ଶବ ନେବା ପାଇଁ ତାଙ୍କ ପରିବାର ପାଖରେ ସାମର୍ଥ୍ୟ ନ ଥିବା ବେଳେ ସ୍ୱର୍ଗରଥ ମଧ୍ୟ ମିଳି ନଥିଲା । ଫଳରେ ପରିବାରଲୋକେ ବାଧ୍ୟ ହୋଇ ଖଟିଆରେ ଶବକୁ ବୋହିବୋହି ୪କିମି ବାଟ ନେଇ ଘରେ ପହଞ୍ଚିଥିଲେ । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଘଟଣାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି ବୁଦ୍ଧିଜୀବୀ । ଅପରପକ୍ଷେ, ଏ ବାବଦରେ ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରିଣୀ ଡା. ବୈଜୟନ୍ତୀ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ପରିବାରଲୋକ ମୃତଦେହ ନେବା ସମୟରେ ଡାକ୍ତରଖାନାର କେହି କର୍ମଚାରୀ ଏହା ଦେଖିନାହାନ୍ତି । ଦେଖିଥିଲେ, ନିଶ୍ଚିତ ଗାଡ଼ି ବ୍ୟବସ୍ଥା କରାଯାଇଥାଆନ୍ତା । ଏଠି ପ୍ରଶ୍ନ ଉଠୁଛି ଯେ ଡାକ୍ତରଖାନା ପରିସରରୁ ଶବ ଖଟିଆରେ ଗଲା, ମାତ୍ର କର୍ମଚାରୀ କିମ୍ବା ସିକ୍ୟୁରିଟି ଗାର୍ଡ କିପରି ଜାଣିପାରିଲେ ନାହିଁ?

**OFFICE OF THE PANCHAYAT SAMITI, KALYANSINGHPUR**
Gmail: ori-kalyansinghpur@nic.in.
No: 11/2025 (Dev) Dated.02.01.2026
**CORRIGENDUM-II**
In partial modification of tender notification No. 3605. dtd 29.12.2025 and subsequently Corrigendum No. 3623 dtd. 31.12.2025 of the B.D.O, Kalyansinghpur towards construction of Gram Panchayat level Federation (GPLF) Building" work (Civil) in Kalyansinghpur Block & due to unavoidable circumstances, the date & time of available in website and receipt online will be 11:00 hrs of 05.01.2026 to 17:00 Hrs of 16.01.2026 instead of 04.01.2026 to 17:00 Hrs of 16.01.2026.
Smt. Manisha Das, OAS-I (SB)
Block Development Officer,
Kalyansinghpur
OIPR-19432/11/0007/2526 i-455

**DISTRICT PROJECT OFFICE**
**SAMAGRA SHIKSHA KANDHAMAL** n-227
MAIN ROAD PHULBANI - 762001
Email: dpcssakandhamal@gmail.com, Ph.: 06842-2554800
No. 35/SC/ST/2025 DATED 05.01.2026
**TENDER CALL NOTICE FOR SUPPLY OF BAND INSTRUMENTS (BRASS & PIPE) & BAND UNIFORM (BOYS & GIRLS)**
Sealed tenders under two bid systems are invited from the reputed authorized agency/supplier/manufacturer having valid PAN, GST & IT for supply of band Instruments (Brass & Pipe) & Band Uniform (Boys & Girls) under PM SHRI. The tender papers (bid documents) containing detailed specification with terms and conditions, application of Technical Bid & Financial Bid, same can be obtained by downloading from the web site i.e. https://kandhamal.odisha.gov.in and https://osepa.odisha.gov.in. The bidders are required to submit demand Draft **of Rs. 5000/- (Rupees Five thousand only)** drawn in favour of "DPC SS KANDHAMAL "towards cost of tender paper along with the application of technical bid. The last date and time for receiving of tender paper is **28.01.2026** and will be opened on **29.01.2026 at 11 A.M** in the office of the DEO-cum-DPC, SS, Kandhamal in presence of bidders or their authorized representatives. The authority reserves the right to reject any or all the tenders without assigning any reasons thereof.
By Order of the Collector-cum-Chairman, SS, Kandhamal
DEO-cum-DPC
Samagra Shiksha,Kandhamal
OIPR-27136/11/0014/2526

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**RWS&S DIVISION, MALKANGIRI** 0-1923
E-mail-eerwss_mal@nic.in, eerwssmkg@gmail.com
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No: RWSS_MKG_ONLINE_03/2025-26 DATED: - 01.01.2026**
The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders having valid HT Electrical Contractor license issued by Electrical Licensing Board of Odisha (ELBO) for the works detailed in the table below to be eventually drawn up in P-1 contract.

1 Name of the Work: : Construction of External Electrification (As detailed in TCN)
2 No. of Works : **02 No.**
3 Estimated Cost : **₹5.50 Lakhs to ₹5.80 Lakhs**
4 Tender Paper Cost : ₹.4000/- each
5 Class of Contractor : HT Electrical Contractor
6 Period of Completion : 02 (Two) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ONLINE_03 of 2025-26** | **08.01.2026 at 09.00 Hours** | **17.01.2026 up to 17.00 Hours** | **15.01.2026** | **19.01.2026 At 16.00 Hours** |

❖ Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
❖ Subsequent corrigendum if required shall be appeared in the web site.
❖ Authority reserves the right to reject any or all tenders without assigning any reason thereof.
Superintending Engineer
RWS&S Division, Malkangiri
OIPR-25044/11/0018/2526

C-1999
**OFFICE OF THE MUNICIPAL COUNCIL, JAGATSINGHPUR**
**No. 47 / Dated: 05.01.2026**
**NOTICE INVITING TENDER**
**Tender Notice No: EO/JSPURM/ABC-01/2025-26/ Dated: 05.01.2026**
**Supply of 01 No. Stray Animal Rescue Vehicle with Hydraulic Lifting facility for Jagatsinghpur Municipality**
Jagatsinghpur Municipality, Jagatsinghpur invites Item Rate bids under two bid systems (Technical and Financial) in prescribed formats from the reputed & experienced Suppliers for supply of 01 No. Animal Rescue Vehicle with Hydraulic Lifting facility to Jagatsinghpur Municipality.

| Sl. | Specification of Items | Quantity |
|---|---|---|
| 1 | 01 No. of Stray Animal Rescue Vehicle with Hydraulic Lifting facility for Jagatsinghpur | 01 No |

Interested Bidders are requested to send their offer in Prescribed Form along with catalogues, particulars regarding the brand, type and the manufacturer's name and other information etc. into sealed cover envelopes. Tender must be submitted in sealed & the rates of item should be quoted in full quantity and as per technical specification.
The prescribed tender document, detailed specifications of items along with terms & condition can also be downloaded from our website www.Jagatsinghpurmunicipality.com, District website www.jagatsinghpur.nic.in.
The Tender Documents with Bid Confirmation sheet duly super scribed **"TENDER for supply of 01 No. Stray Animal Rescue Vehicle with Hydraulic Lifting facility for Jagatsinghpur Municipality"** along with **advertisement Notice No. in bold letters** on the top of envelop should reach on or **16.01.2026 up to 4.00 P.M.** addressed to **"Executive Officer, Jagatsinghpur Municipality, Jagatsinghpur."**
Tender will be opened on **17.01.2026 at 11.00 P.M.** in the presence of tenderers or their representatives, if they so desire, at office of the Executive Officer, Jagatsinghpur Municipality, Jagatsinghpur.
Executive Officer
Jagatsinghpur Municipality
OIPR-13087/11/0043/2526

**ଜଳ ବିଭାଜିକା ମହୋତ୍ସବ**
ଆସନ୍ତା ତା ୦୯.୦୧.୨୦୨୬ ରିଖ ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବାକୁ ଥିବା ଜଳ ବିଭାଜିକା ମହୋତ୍ସବରେ ନୟାଗଡ଼ ବ୍ଲକର କୃଷି ଭାଇଭଉଣୀମାନେ ଯୋଗଦେବାକୁ ଅନୁରୋଧ ।
ସ୍ଥାନ - ସାଲୁଣୀ ଖେଳପଡ଼ିଆ, ସାଲୁଣୀ ନାଟୁଗାଁ ପଞ୍ଚାୟତ, ନୟାଗଡ଼

**କୃଷି ସମୃଦ୍ଧି ଯୋଜନା**
- ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ ।
- କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଯୋଜନା ସମ୍ବନ୍ଧୀୟ ସୂଚନା ।
- କୃଷି କ୍ଷେତ୍ରରେ ରୋଗପୋକ ପରିଚାଳନା ।
- ବିଭିନ୍ନ ପ୍ରକାର ବିହନ ଚୟନ ଓ ବପନ ସମ୍ବନ୍ଧୀୟ ସୂଚନା
- ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନା ସମ୍ବନ୍ଧୀୟ ସୂଚନା ।
- ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ବନ୍ଧୀୟ ସୂଚନା ।

ସରକାରଙ୍କ ବହୁମୁଖୀ ଯୋଜନାର ସୁବିଧା ବିଷୟରେ କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରି ଚାଷୀମାନେ ସେମାନଙ୍କର କୃଷି କାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରନ୍ତୁ ।
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନୟାଗଡ଼

**AFFIDAVIT**
By virtue of an Affidavit sworn before the Executive Magistrate, Bhubaneswar, I, **Lili Das,** W/o: Gobardhan Das. Permanent/ Current resident of Gangapur 1 Gangapur, Municipentho, PS: Chhatrapur, Dist.: Ganjam, Odisha, PIN - 761026, declare by this Affidavit No.: 62363, Dated: 30.12.2025 have changed my name from Lili Das to **Nilendri Das**. Henceforth, I shall be known as **Nilendri Das** for all future purposes.

**AFFIDAVIT**
I, Sri Gobardhan Pasayat, S/o- Bhagirathi Pasayat, R/o Vill.- Adapani, Po.- Chandibhata, Ps.- Jagdalpur, Dist.- Bargarh state vide affidavit no.01 dtd.06.01.2026 that, my daughter's actual name is **Chachmita Pasayat** but in her Aadhar card her name has been wrongly mentioned as Chachmita. Hence **Chachmita** and **Chachmita Pasayat** is one and the same person.
Sd/- Gobardhan Pasayat

**AFFIDAVIT**
I, Sri Rajesh Sahu, S/o- Pitambar Sahu, R/o Vill.- Nityanandaapur, Po.- Bilaspur, Ps.- Jharbandh, Dist.- Bargarh state vide affidavit no.02 dtd.24.12.2025 that, my actual name is **Rajesh Sahu** but in my Aadhar card my name has been wrongly mentioned as Rojaraj Sahu. hence **Rajesh Sahu** and **Rojaraj Sahu** is one and the same person.

**AFFIDAVIT**
By virtue of an affidavit sworn before the Notary Public, Pipili, dtd.06.01.2026, I, POKHO RAJ, S/o. Sitaram, Vill-Kudiary, P.O./ P.S.- Jatani, Dist- Khordha do hereby declare that my name has been recorded as POKHO RAJ, S/o Sitaram in my Resident Certificate but in my Aadhaar Card mentioned as SHYAMAL KUMAR PATRA. That POKHO RAJ & SHYAMAL KUMAR PATRA is one & the same person, i.e., myself. Henceforth, I shall be known as **POKHO RAJ** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Brahmapur, District Ganjam, Odisha dated 05.01.2026, I Sampathi Rasmita Rao with permanent address of Thota Sahi, Extension-II, Lanjipalli, Brahmapur, District Ganjam Orissa 760008 declare that I have changed my name from Rasmita to Sampathi Rasmita Rao. Henceforth, Ishall be known as Sampathi Rasmita Rao for all purposes.
Sampathi Rasmita Rao

**AFFIDAVIT**
I, SONIA BASKEY, aged about 76 years, W/O Late Chandoo, resident of Village–Thakurbadi, P.O.–Tarana, P.S.–Tiring, Dist.–Mayurbhanj, Odisha, do hereby solemnly affirm on oath that my name and my husband's name are wrongly recorded as SUNIAA MAHALI W/O CHANDUMANI MAHALI in my Aadhaar Card (No. 6290 8026 2267). My correct name and my husband's correct name are SONIA BASKEY W/O CHANDOO, as per Pension Book (P.P.O. No. 07050060908). Both sets of names refer to one and the same persons.

**AFFIDAVIT**
I, Pidesethi Devojyoti Subudhi, aged about 37 years, S/o- Pidesethi Chandani Rao Subudhi, resident of Adarsha Pada, Po- Balangir, Ps- Town Bolangir, Dist- Balangir, Odisha, PIN- 767001, do hereby declare by this affidavit No. 48, dtd-06/01/2026, that now onwards I shall be known as **P DEVOJYOTI SUBUDHI** for all future purposes.

**AFFIDAVIT**
I, Mohammad Feroj, aged about 48 years, S/o-Mohammad Usman, resident of Jampani, Po- Jampani, Ps- Jampani, Dist- Nuapada, Odisha, PIN- 766105, do hereby declare by this affidavit No. 47, dtd- 06/01/2026, that now onwards I shall be known as **MOHAMMAD FIROZ** for all future purposes.

**AFFIDAVIT**
I, Santilata Mahapatra, aged about 74 years, W/o- Radhakanta Mahapatra, resident of At- Paikanagar, Near Delta Square, Ps- Nayapalli, Bhubaneswar Dist- Khurda, Odisha, Pin-751003, do hereby declare by this affidavit No. 46, dtd-06/01/2026, that now onwards I shall be known as **SHANTILATA MAHAPATRA** for all future purposes.

# ଝାରସୁଗୁଡ଼ାରେ ଅବୈଧ ଜମି କାରବାର ବିରୋଧରେ ପ୍ରତିବାଦ

ଝାରସୁଗୁଡ଼ା, ୬।୧(ସମିସ)

ଝାରସୁଗୁଡ଼ା ପୌରପରିଷଦ ଅଧୀନ ସାରସମାଲ ଗାଁ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ'ର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିରେ ବିରାଟ ଧରଣର ଅବୈଧ ଜମି କାରବାର ହୋଇଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଝାରସୁଗୁଡ଼ାର ଏହି ଅଞ୍ଚଳରେ ପ୍ରାୟ ଗ୍ରାମ୍ୟ ଜଙ୍ଗଲ, ବଡ ଜଙ୍ଗଲ, ଗୋଚର ଜମି ଓ ଅନ୍ୟାନ୍ୟ କିସମର ସରକାରୀ ଜମି ରହିଥିଲା। କିନ୍ତୁ କୌଣସି ମତେ ସମଗ୍ର ଜମିକୁ ଝାରସୁଗୁଡ଼ାର କିଛି ମୁଷ୍ଟିମେୟ ପରିବାର ତାଙ୍କ ନାମରେ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସାରସମାଲ ଗ୍ରାମବାସୀ ଓ ଯୁବ ସାମ୍ମୁଖ୍ୟର ମିଳିତ ଉଦ୍ୟମରେ ଆଜି ଝାରସୁଗୁଡ଼ା ଜିଲ୍ଲାପାଳ ଅଫିସକୁ ହଜାର ହଜାର ମହିଳା ପୁରୁଷ, ଯୁବକ ଯୁବତୀ ଘେରି ଯାଇଥିଲେ। ଯୁବ ସାମ୍ମୁଖ୍ୟର ସାମ୍ବାଦିକ ବିବୃତି ଅନୁସାରେ ଏହି ଜମି ଗୁଡିକ କେଉଁଭଳି ଭାବେ ସେହି ମୁଷ୍ଟିମେୟ ପରିବାର ବର୍ଗଙ୍କ ନାମରେ ନାମିତ ହୋଇଛି ଏବଂ ସେମାନଙ୍କୁ ଜମିପଟ୍ଟା ମିଳିଛି ତାର କୌଣସି ପ୍ରକାର ନଥିପତ୍ର ଜିଲ୍ଲା ରେକର୍ଡ ରୁମ, ତହସିଲ କାର୍ଯ୍ୟାଳୟ ତଥା ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟରେ ମିଳିପାରୁ ନାହିଁ। ଶହ ଶହ କୋଟି ମୂଲ୍ୟର ଜାଗା ଗୁଡିକ




ହେରଫେର କରି କିଛି ମୁଷ୍ଟିମେୟ ପରିବାର ସେମାନଙ୍କ ଅଧିକାରକୁ ନେଇଛନ୍ତି। ଅନ୍ୟତ୍ର ସେହି ଜାଗାରେ ପିଢ଼ି ପିଢ଼ି ଧରିରହି ଆସୁଥିବା ସ୍ଥାନୀୟ ଗ୍ରାମବାସୀ କୌଣସି ପ୍ରକାର ଲାଭ ଅଥବା ଭୂ-ସ୍ୱାମୀତ୍ୱର ଅଧିକାର ପାଇ ନାହାନ୍ତି। ପୂର୍ବବର୍ତ୍ତୀ ସରକାର ମାନେ ଅନେକ ସମୟରେ ବସ୍ତି ପଟ୍ଟା ଆକାରରେ ଏଠାକାର ଭୂମିହୀନ ମାନଙ୍କୁ ଜମିପଟ୍ଟା ଆବଣ୍ଟନ କରିଥିଲେ। ହେଲେ ଏବେ ଯାଏ ଜମି ଚିହ୍ନଟ କିମ୍ବା ଦଖଲ କରିବା ପ୍ରକ୍ରିୟା ହୋଇନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ପ୍ରତାରଣା ବୋଲି ଗ୍ରାମବାସୀ ତଥା ସାମ୍ମୁଖ୍ୟ ପ୍ରକାଶ କରିଛି। ଗ୍ରାମବାସୀ ତଥା ସାମ୍ମୁଖ୍ୟର ସକ୍ରିୟ ସଦସ୍ୟ ରୁପେଶ ମୁଣ୍ଡାଙ୍କ ନେତୃତ୍ୱରେ ହୋଇ ଥିବା ଏହି ଆନ୍ଦୋଳନ ଶୋଭାଯାତ୍ରା ବେହେରାମାଲ କିଷାନ ଛକରୁ ବାହାରି ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଗଣଧାରଣାରେ ବସିବା ପରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ଏକ ଦାବିପତ୍ର କରାଯାଇଥିଲା। ଏହି ଜମି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ କମିଟି ଗଠନ କରାଯାଉ ଯେଉଁଥିରେ ଦୁଇ ଜଣ ଗ୍ରାମବାସୀଙ୍କୁ ସଦସ୍ୟ ଭାବେ ରଖାଯାଉ ବୋଲି ଆନ୍ଦୋଳନକାରୀ ଜିଲ୍ଲାପାଳଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିଥିଲେ। ଜମିପଟ୍ଟା ମିଳିଥିବା ଜମିହୀନ ଗ୍ରାମବାସୀଙ୍କୁ ଜମି ଚିହ୍ନଟ କରାଯାଇ ଦଖଲ ପ୍ରଦାନ କରାଯାଉ, ସମଗ୍ର ଜଙ୍ଗଲ କିସମ ଜମିକୁ ଚିହ୍ନଟ କରି ପୁନଃ ବନୀକରଣ କରାଯାଉ ଏବଂ ସାର୍ବଜନୀନ ବ୍ୟବହାର ଉପଯୋଗୀ ସରକାରୀ ଜମି ଗୁଡିକୁ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଉ ବୋଲି ମଧ୍ୟ ସେମାନେ ଦାବି ରଖିଥିଲେ। ଯଦି ଏହି ଦାବି ଗୁଡିକ ଏକ ମାସ ମଧ୍ୟରେ ପୂରଣ ନହୁଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗ୍ରାମବାସୀ ଅନଶନରେ ବସି ରହିବେ ବୋଲି ଜିଲ୍ଲାପାଳଙ୍କୁ ଶୁଣାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ମୁଖ୍ୟର ଆଦିବାସୀ ମାମଲା ଉପଦେଷ୍ଟା ପ୍ରଭାକର ଓରାମ, ଦଳିତ ବର୍ଗ ମାମଲା ଉପଦେଷ୍ଟା ରବୀନ୍ଦ୍ର ସୋହେଲା, ସାମ୍ମୁଖ୍ୟର ପର୍ଯ୍ୟବେକ୍ଷକ ଜିତେନ୍ଦ୍ରୀୟ ଧୁରୁଆ, ସହପର୍ଯ୍ୟବେକ୍ଷକ ଅସିମ ପଟେଲ, ସାଧାରଣ ସମ୍ପାଦକ ନନ୍ଦୁ ରୋହିଦାସ, ଗ୍ରାମବାସୀ କାଶୀନାଥ ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ନାଏକ ବାରଲା, ଶ୍ୟାମସୁନ୍ଦର ବାରଲା, ଅମିତ ମୁଣ୍ଡା, ଧନିରାମ ରୋହିଦାସ, ଗୋପି ମୁଣ୍ଡା, ଅଜିତ ଓରାମ, ଗୋପିନାଥ ମୁଣ୍ଡା, ମୋହନ କୁଜୁର, କୈଳାସ ତିଗ୍ୟା, ସୀତାରାମ କୁଜୁର, ନିରଞ୍ଜନୀ ମୁଣ୍ଡା, ଫୁଲ ମୁଣ୍ଡା, ରାଧା ମୁଣ୍ଡା, ସୁମନ ସାହୁ, ଦସମୀ ମୁଣ୍ଡା, ଅଷ୍ଟମୀ ମୁଣ୍ଡା, ଶିବଯାତ୍ରୀ କୁଜୁର, ନନ୍ଦୁ ମୁଣ୍ଡା ଓ ସୈଲେନ୍ଦ୍ରୀ ମୁଣ୍ଡା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଜଙ୍ଗଲ ନିଆଁ ନିରାକରଣ ଓ ପରିଚାଳନା ପ୍ରସ୍ତୁତି ବୈଠକ



ଝାରସୁଗୁଡ଼ା, ୬।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ଜଙ୍ଗଲ ନିଆଁ ନିରାକରଣ ଓ ପରିଚାଳନା କମିଟିର ଅଧ୍ୟକ୍ଷ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଜଙ୍ଗଲ ନିଆଁର ପ୍ରତିରୋଧ ଏବଂ ଏହାର ସଫଳ ପରିଚାଳନା ପାଇଁ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ମନୁଷ୍ୟକୃତ ନିଆଁକୁ ରୋକିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ଜଙ୍ଗଲ ନିଆଁ ଯୋଗୁଁ ପ୍ରାକୃତିକ ସମ୍ପଦ ଏବଂ ବନ୍ୟଜନ୍ତୁଙ୍କ କ୍ଷତିକୁ ରୋକିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ବନଖଣ୍ଡ ଅଧିକାରୀ, କୃଷି, ଉଦ୍ୟାନ କୃଷି ଓ ଅବକାରୀ ବିଭାଗର ଅଧିକାରୀବୃନ୍ଦ, ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ବିଭିନ୍ନ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମ ସ୍ତରରେ ସଚେତନତା ସଭା କରିବା ଏବଂ ନିଆଁ ଲାଗିଲେ ତୁରନ୍ତ ଏହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ଦେବଗଡ଼, ୬।୧(ସମିସ): ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଧ୍ୟମ ଓ କ୍ଷୁଦ୍ର ଜଳ ସେଚନ ବିଭାଜନ ବିଭାଗ ପକ୍ଷରୁ ଜିଲ୍ଲାର କୃଷକ ମାନଙ୍କୁ ସଚେତନତ କରିବା ଲକ୍ଷ୍ୟରେ ମଙ୍ଗଳବାର ପାଣି ପଞ୍ଚାୟତ ସଚେତନତା ରଥକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ପୌରାଞ୍ଚଳ, ବ୍ଲକ ଓ ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ। ଏହି କାର୍ଯ୍ୟକ୍ରମ କ୍ଷୁଦ୍ର ଜଳ ସେଚନ ବିଭାଜନ ବିଭାଗ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଥିଲା। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିମଳ ବାରାଙ୍କ ସଭାପତିତ୍ୱରେ ଏକ ସଭା



ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତି ପ୍ରଧାନ, ଜଳବିଭାଜିକା ଓ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଜଗଦେବ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଓ ଦେବଗଡ଼ କ୍ଷୁଦ୍ର ଜଳସେଚନ ଉପବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଜେନା ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବାକୁ ଆପ୍ରାଣ ଉଦ୍ୟମ କରିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ରଚନା, ଜଣାଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକରୁ ଆସିଥିବା ଚାଷୀ ଓ ପାଣି ପଞ୍ଚାୟତର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ଭାଷା ଶିକ୍ଷା ପ୍ରଶିକ୍ଷଣ ଶିବିର

କୋଲାବିରା, ୬।୧(ସମିସ): କୋଲାବିରା ବ୍ଲକ ଅଧୀନ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଇଂରାଜୀ ଭାଷା ଶିକ୍ଷା ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଇଂରାଜୀ ନିମନ୍ତେ ରାଜ୍ୟ ଭାଷା ଶିକ୍ଷା ପ୍ରଶିକ୍ଷଣ ସଂସ୍ଥାନ ଭୁବନେଶ୍ୱର ଓ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ୫ ଦିନ



ଧରି ଅନୁଷ୍ଠିତ ହେବ। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଉଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତୁଳାରାମ ସେନାପତି ଶିବିର ଉଦ୍‌ଘାଟନ କରିଥିଲେ। ଏଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ଗିରଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ଶଚିନ୍ଦ୍ର ପଟେଲ ଓ ଶିଲ ଭୁବନେଶ୍ୱରରୁ ଡ. ଲଲିନ୍ଦ୍ର ଅମାତ, ଶଶିଭୂଷଣ ହୋତା ଓ ସତ୍ୟପ୍ରିୟ ପଟେଲ ପ୍ରମୁଖ ନିୟୋଜିତ ହୋଇ ତାଲିମ ପ୍ରଦାନ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ପ୍ରାଥମିକ ସ୍ତରରେ ଶ୍ରବଣ, କଥନ, ପଠନ ଓ ଲିଖନଶୈଳୀରେ ଅଭିବୃଦ୍ଧି ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଶିବିର ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷରେ ସମାସିଂହା କ୍ଲଷ୍ଟରର ସାଧନକର୍ମୀ ଚେତାନନ୍ଦ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି


ଦେବଗଡ଼, ୬।୧(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ୭୭ ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପରକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୬ ତାରିଖ ସକାଳ ୪.୩୦ରେ ରାମଧୂନ, ସକାଳ ୭ଟାରେ ପ୍ରଭାତଫେରୀ, ସକାଳ ୭ରୁ ୭:୩୦ ମଧ୍ୟରେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ୮.୩୦ ମିନିଟ ସମୟରେ ଆନୁଷ୍ଠାନିକ ଭାବେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ କରାଯିବ। ଚତୁର୍ଥ ଆଇଆର ବାଟାଲିୟନ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୁଲିସ ବ୍ୟାଣ୍ଡ ଟ୍ରୁପ୍ ଦ୍ୱାରା ପତାକା ଉତ୍ତୋଳନ ପରେ ପରେ ଜାତୀୟ ସଙ୍ଗୀତ ବାଦନ କରାଯିବ। ଏହି ଅବସରରେ ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ପାରେଡ ପୂର୍ବାଭ୍ୟାସ ପାଇଁ ଜାନୁଆରୀ ୨୧, ୨୨ ଓ ୨୪ ତାରିଖ ୩ ଦିନ ରଖାଯାଇଛି। ରିଜର୍ଭ ପୁଲିସ୍ ଇନ୍ସପେକ୍ଟର ଓ ମହାବିଦ୍ୟାଳୟ ଏନସିସି ଅଧିକାରୀଙ୍କ ପାରେଡ୍ ପୂର୍ବାଭ୍ୟାସ ସକାଳ ୮ ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ କରାଯିବ। ପ୍ରାଥମିକ, ମଧ୍ୟ-ଇଂରାଜୀ, ଉଚ୍ଚବିଦ୍ୟାଳୟ



ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଜାନୁଆରୀ ୮ ରେ ଓଡ଼ିଆ ବକ୍ତୃତା ୯ ତାରିଖ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା, ୧୦ ତାରିଖ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ୧୧ ତାରିଖ ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା ୧୨ ତାରିଖ ଜଣା ଅଜଣା ପ୍ରତିଯୋଗିତା, ୧୩ ତାରିଖ କୌତୁକ ପୋଷାକ ପ୍ରତିଯୋଗିତା ଓ ୧୫ ତାରିଖ ଦଳଗତ ଅଭିନୟ କରାଯାଇ ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗିତାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପାରେଡ୍ ପଡ଼ିଆରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ଗୁଡିକୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସାଂସ୍କୃତିକ ଦଳକୁ ବାଛି ନାମ ପଠାଇବେ। ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ହେବ। ଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଓ ଉପକାରାଗାରରେ ଥିବା ଅନ୍ତେବାସୀକୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଅପରାହ୍ଣ ୨ରେ ଫୁଟବଲ୍ ମ୍ୟାଚ୍ ପ୍ରତିଯୋଗିତା ଆୟୋଜନ କରାଯିବ। ସନ୍ଧ୍ୟାରେ ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଆଜିର ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିବେକାନନ୍ଦ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସରେନ୍, ବରିଷ୍ଠ ନାଗରିକ ହେମନ୍ତ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଆଇନଜୀବୀ ଦିଲୀପ ଗୁରୁ, ସଂସ୍କୃତି ପରିଷଦ ସଦସ୍ୟ ସୁଜିତ୍ ପାତ୍ର ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ସାମ୍ବାଦିକ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସାଧାରଣତନ୍ତ୍ର ଦିବସ ପାଳନ କମିଟିର ସଦସ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପର୍ଯ୍ୟଟନସ୍ଥଳ ସମେତ ରାସ୍ତା, ଡ୍ରେନ୍ ଓ ପୁଷ୍କରିଣୀର ଉନ୍ନତିକରଣ ଦାବି

ବାରକୋଟ, ୬।୧(ସମିସ): ଦେବଗଡ଼ ପୌରାଞ୍ଚଳ ଏନ୍‌ଏଚ୍ ଷ୍ଟୋର ଠାରୁ ଅତିରିକ୍ତ ଜିଲ୍ଲାପାଳଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ



ନିର୍ମାଣାଧିନ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସମେତ ଷୋହଳବଖରୀ କଟାର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ଆଜି ଜିଲ୍ଲା ନାଗରିକ କମିଟି ପକ୍ଷରୁ ସଭାପତି ସୁଶୀଳ କପରଦାରଙ୍କ ନେତୃତ୍ୱରେ କମିଟିର ସଦସ୍ୟ ମହେଶ୍ୱର ପାଣି, ମଞ୍ଜୁଳ ନାଏକ, ସଦସ୍ୟ ସୁଦାମ ବୁଡା ଓ ନରୋତ୍ତମ ସାହୁ ଦେବଗଡ଼ ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ) ନିରୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବି ଉପସ୍ଥାପନ କରିଥିଲେ। ଅନୁରୂପ ଭାବେ କମିଟି ପକ୍ଷରୁ ଉପରୋକ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଦେବଗଡ଼ ବନଖଣ୍ଡ ଅଧିକାରୀଣ ରଶ୍ମୀ ଜୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କୁରୁଡୁକୁଟ ଜଳ ପ୍ରପାତରାସ୍ତାର ଉନ୍ନତିକରଣ ସହିତ ସେଠାରେ ଏକ ରୋଷେଇ ଘର ନିର୍ମାଣ ଓ ଅଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦାବି କରିଥିଲେ। ଏଥିସହ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀରେ ଏକ ଡିଅର ପାର୍କ, ଫରେଷ୍ଟ ପାର୍କ ଓ ଫାଉଣ୍ଟେନ ନିର୍ମାଣ ଏବଂ ସେଠାରେ ଥିବା ପୌର ପରିଷଦ ଡାକବଙ୍ଗଳା ପଛପଟେ ଏକ ସ୍ଥାୟୀ ପୋଖରୀ ଖୋଳିବା ପାଇଁ ଦାବି କରିଥିଲେ।

## ପାରିବାରିକ କଳହରୁ ସରପଞ୍ଚଙ୍କ ସ୍ୱାମୀଙ୍କ ଆତ୍ମହତ୍ୟା

ଦେବଗଡ଼, ୬।୧(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ବାରକୋଟ ଥାନା ଅଧୀନ ସରୁଆଳି ଗାଁର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ସରୁଆଳି ପଞ୍ଚାୟତର ସରପଞ୍ଚ ସୁଭଦ୍ରା ସାହୁଙ୍କ ସ୍ୱାମୀ ତଥା ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କ ପୁଅ ଅଜିତ ପ୍ରଧାନ ବୋଲି ଜଣାପଡ଼ିଛି। ଅଜିତ ନିଶା ସେବନ କରୁଥିବା ବେଳେ ଏହାକୁ ନେଇ ସ୍ୱାମୀ ଓ ସ୍ତ୍ରୀ ଭିତରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଏହି କ୍ରମରେ କିଛି ଦିନ ପୂର୍ବେ ସ୍ତ୍ରୀ ସୁଭଦ୍ରା ତାଙ୍କ ବାପ ଘରକୁ ଚାଲିଯାଇଥିଲେ। ଗତକାଲି ବିଳମ୍ବିତ ରାତ୍ରିରେ ଘରେ ସ୍ତ୍ରୀଙ୍କ ଅନୁପସ୍ଥିତି ଓ ପରିବାରର ସଦସ୍ୟ ମାନେ ଶୋଇଥିବା ବେଳେ ଅଜିତ ଏକ ଶାଢ଼ୀରେ ବେକରେ ଫାଶୀ ଲଗାଇ ଘର ଭିତରେ ଝୁଲି ପଡ଼ିଥିଲେ। ସକାଳେ ଏକଥା ଜଣାପଡ଼ିବା ପରେ ପରିବାର ଲୋକେ ମୃତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିବା ସହ ବାରକୋଟ ଥାନା ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଅଜିତଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଦେବଗଡ଼, ୬।୧(ସମିସ): ଦେବଗଡ଼ ଜିଲ୍ଲାର ବରିଷ୍ଠ ନାଗରିକଙ୍କ ହିତ ସାଧନ ଲକ୍ଷ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷ ତଥା ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ 'ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣନ୍ତୁ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିରେ ଜିଲ୍ଲାର ୬୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଉଛି। ବାର୍ଦ୍ଧକ୍ୟ ବଢ଼ିବା ସହିତ ଶରୀରରେ ବିଭିନ୍ନ ପ୍ରକାର ରୋଗର ସମ୍ଭାବନା ମଧ୍ୟ ବଢ଼ିଥାଏ। ଏହି ବାର୍ଦ୍ଧକ୍ୟ ଜନିତରୋଗ ଗୁଡିକର ଲକ୍ଷଣ ପ୍ରକାଶ ପାଇବା ବେଳକୁ ରୋଗର ପରିମାଣ ଏତେ ବଢ଼ିଯାଇଥାଏ ଯେ ଚିକିତ୍ସାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ଏହି ସବୁ ରୋଗକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଦେବଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତ୍ୟେକ ଦିନ ୨୦ ଜଣ ବରିଷ୍ଠ ନାଗରିକଙ୍କ ଉଚ୍ଚରକ୍ତଚାପ, ହୃଦରୋଗ, ବୃକକ ଜନିତ ସମସ୍ୟା, ଯକୃତ ସମସ୍ୟା, ମଧୁମେହ ରୋଗ, ମେଦ ବହୁଳତା, ଚକ୍ଷୁ ସମସ୍ୟା ଭଳି ବିଭିନ୍ନରୋଗ ପାଇଁ ବିଭିନ୍ନ ପରୀକ୍ଷା କରାଯାଇ ଉପଯୁକ୍ତ ପରାମର୍ଶ ଦିଆଯାଉଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଏବଂ ଅତ୍ୟାଧୁନିକ ଯନ୍ତ୍ର ମାଧ୍ୟମରେ କରାଯାଉଥିବା ନେଇ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନୁର୍ଜୟ ମହନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଦେବଗଡ଼ ପୌରାଞ୍ଚଳରେ ଆଶା ଦିଦିଙ୍କ ସହାୟତାରେ ପ୍ରତି ୱାର୍ଡରେ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଉଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେମାନଙ୍କୁ ସଚେତନ କରାଯାଇ ଆଗାମୀ ୩ ମାସ ମଧ୍ୟରେ ଦେବଗଡ଼ ପୌରାଞ୍ଚଳରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟ ରଖାଯାଇଛି। ପରବର୍ତ୍ତୀ ସମୟରେ ଜିଲ୍ଲାର ସମସ୍ତ ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଏହି ସୁବିଧା ପ୍ରଦାନ କରାଯିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଥିବା ଶ୍ରୀ ମହନ୍ତ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲାରେ ବରିଷ୍ଠ ନାଗରିକ ମାନେ ଏହାର ସୁଯୋଗ ନେଇ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀ ମହନ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

## ଝାରସୁଗୁଡ଼ାରେ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୬।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୮୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୫ଟି ସାମୂହିକ ଏବଂ ୬୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ରେଡକ୍ରସ ପାଣ୍ଠିରୁ ୩ ଜଣ ହିତାଧିକାରୀଙ୍କୁ ମୋଟ ୪୦, ୦୦୦ ଟଙ୍କାର ଆର୍ଥିକ



ସହାୟତା ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ବଢ଼େଇମୁଣ୍ଡା (ୱାର୍ଡ ନଂ ୪)ରେ ଜମି ଚିହ୍ନଟ ଏବଂ କଲ୍ୟାଣ ମଣ୍ଡପ ପାଇଁ ପାଣ୍ଠି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ରହିଥିବା ସମସ୍ୟା, ବେଦାନ୍ତ କମ୍ପାନୀ ଦ୍ୱାରା ଅନିୟମିତ ଭାବେ ପାଉଁଶ ଜମା ଉପରେ ପ୍ରଶାସନିକ ହସ୍ତକ୍ଷେପ ଦାବି, ଉଗମେ ବିଦ୍ୟାଳୟ ସମ୍ମୁଖ ରାସ୍ତାର ପ୍ରସାରଣ ଦାବି ହୋଇଥିଲା। ହ.କଟାପାଲିରେ ଟିପିଏସଏଲ କମ୍ପାନୀରେ ଜମିହରାଙ୍କ ଥଇଥାନ ଏବଂ ସ୍ଥାନୀୟ ବାଲିଘାଟକୁ ଆଇନଗତ ଭାବେ ପୁନଃ ଖୋଲିବା ପାଇଁ ଦାବି, ଶ୍ରୀପୁରା ଅଞ୍ଚଳରେ ବେଆଇନ ମାଟି ଖୋଳା ବିରୁଦ୍ଧରେ ଅଭିଯୋଗ, ଗଣ୍ଡଘୋରା ସରକାରୀ ହାଇସ୍କୁଲର ନାମ ପରିବର୍ତ୍ତନ ଏବଂ କିର୍ମିରା ଇଏମଆରଏସର ପୂର୍ବତନ ଅତିଥି ଶିକ୍ଷକଙ୍କ ବକେୟା ଦରମା ପ୍ରଦାନ ସମ୍ବନ୍ଧୀୟ, ଦୁର୍ଲଗା ଅଞ୍ଚଳରେ ବିଦ୍ୟୁତ ସମସ୍ୟା, ସାରସମାଲରେ ପାନୀୟ ଜଳ ବ୍ୟବସ୍ଥା, ଗାୟତ୍ରୀ ବିହାର ପୁରୁଣା ବସ୍ତିରେ ଡ୍ରେନ ନିର୍ମାଣ ଏବଂ ଲଖନପୁର (ଭଇଁରଖୋଲ) ଅଞ୍ଚଳରେ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ସମସ୍ୟା ଉପରେ ଜିଲ୍ଲାପାଳ ଶୁଣାଣି କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ତଦନ୍ତ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରବଳ ଥଣ୍ଡାରେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ

ଝାରସୁଗୁଡ଼ା, ୬।୧(ସମିସ)

- ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ମିଳି ନଥିଲା ଆବଶ୍ୟକ ସାହାଯ୍ୟ
- ମୃତକଙ୍କ ଘରକୁ ଯାଇ ଆଶ୍ୱାସନା ଦେଲେ ନଗରପାଳ



ପ୍ରବଳ ଥଣ୍ଡା ଯୋଗୁଁ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗଣ୍ଡଘୋରାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ଗଣ୍ଡଘୋରାରେ ରହୁଥିବା ଆତ୍ମାରାମ ତାଣ୍ଡିଆ ବୋଲି ଜଣାପଡ଼ିଛି। ଜରି ପାଲ ଘରେ ନିଜ ପରିବାର ସହ ମୁଣ୍ଡ ଗୁଞ୍ଜିଥିଲେ। ଅସହ୍ୟ ଶୀତ ସହି ନପାରି ବୃଦ୍ଧ ଆତ୍ମାରାମ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୀତ ଦାଉରୁ ରକ୍ଷା ପାଇଁ ପୌର ପରିଷଦ ପକ୍ଷରୁ କମ୍ବଳ, ତାରପୋଲିନ ଆଦି ସେମାନଙ୍କୁ ଯୋଗାଇ ଦିଆଯାଇ ନଥିଲା। ଏପରିକି ବାରମ୍ବାର ଦାବି ସତ୍ତ୍ୱେ ଏକ ପକ୍କା ଘର ଦିଆଯାଇ ନଥିଲା; ଯାହାଫଳରେ ଆତ୍ମାରାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ରଙ୍ଗବତୀ ଏବଂ ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏନେଇ ନଗରପାଳ ଗୋପାଳ ସୀତାନୀଙ୍କୁ ପଚାରିବାରୁ ସ୍ଥାନୀୟ କାଉନସିଲରଙ୍କ ଜରିଆରେ ବର୍ଷା ଦିନେ ରାସନ ସାମଗ୍ରୀ ଓ ତାରପୋଲିନ ପଠାଯାଇଥିଲା ଏବଂ ତାହାକୁ କାଉନସିଲର ନିଜେ ଆତ୍ମାରାମଙ୍କୁ ପ୍ରଦାନ କରିଥିବା ସେ କହିଛନ୍ତି। ଅନ୍ୟପଟେ ଆତ୍ମାରାମ ଏବଂ ତାଙ୍କ ପଡୋଶୀ ଲୋକେ କୌଣସି ସହଯୋଗ ପ୍ରଦାନ କରାଯାଇ ନଥିବା କହିଛନ୍ତି। ଏକ ପକ୍କା ଘର ଯୋଗାଇ ଦେବା ପାଇଁ ବର୍ଷ ବର୍ଷ ଧରି ବ୍ରଜରାଜନଗର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଘର ମିଳି ନଥିବା ଅଭିଯୋଗ କରିଛନ୍ତି ଆତ୍ମାରାମଙ୍କ ପରିବାର ଲୋକେ। ଆତ୍ମାରାମଙ୍କ ଘରେ ଏବେ ବିଧବା ବୁଢ଼ୀ ସ୍ତ୍ରୀ ଏବଂ ଏକ ପୁଅ ରହିଛନ୍ତି। ଜରି ପାଲ ଘରେ ଏତେ ଥଣ୍ଡାରେ ରହିବା ସମ୍ଭବ ନ ଥିବା ବେଳେ ତାଙ୍କ ଘର କିନ୍ତୁ କିଛି ଖଣ୍ଡିଆ ଇଟାରେ ଫଟା ଦଦରା ତାରପୋଲିନ ଏବଂ ପ୍ଲାଷ୍ଟିକ ବସ୍ତା ଘୋଡାଯାଇଛି। ଘର ଭିତରକୁ ଚାରିପଟୁ ଥଣ୍ଡା ସବୁ ପବନ ପଶୁଛି। ଏହିପରି ପରିସ୍ଥିତିରେ ରହିଲେ ଆତ୍ମାରାମଙ୍କ ବୃଦ୍ଧା ସ୍ତ୍ରୀ ରଙ୍ଗବତୀଙ୍କ ମଧ୍ୟ ପ୍ରାଣହାନି ହେବାର ଆଶଙ୍କା ରହିଛି। ତେଣୁ ଶୀଘ୍ର ପୌର ପ୍ରଶାସନ ପକ୍ଷରୁ ଆତ୍ମାରାମଙ୍କ ପରିବାରକୁ ଏକ ପକ୍କା ଘର ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉ ବୋଲି ପଡ଼ାବାସୀ ଦାବି କରିଛନ୍ତି। ଅନ୍ୟପଟେ ହରିଶଚନ୍ଦ୍ର ଯୋଜନାରେ ୪୦୦୦ ଟଙ୍କା ଯାଗାଇବା ସହ କମ୍ବଳ ଯୋଗାଇ ଦିଆଯିବ ଏବଂ ଆବଶ୍ୟକ ସୁବିଧା ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ନଗରପାଳ ପ୍ରକାଶ କରିଛନ୍ତି।

## ଚାଞ୍ଚେର ପଞ୍ଚାୟତରେ କଳାହାଣ୍ଡି ଉତ୍ସବ 'ଘୁମୁରା'



**କେସିଙ୍ଗା, ୬।୧(ସମିସ):** କେସିଙ୍ଗା ବ୍ଲକ ଚାଞ୍ଚେର ପଞ୍ଚାୟତରେ ସରପଞ୍ଚ ଅଞ୍ଜୁ କୁମାରଙ୍କ ସଭାପତିତ୍ୱରେ ମଙ୍ଗଳବାର ଚାଞ୍ଚେର ହାଇସ୍କୁଲ ପରିସରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇ ଯାଇଛି। ପ୍ରଥମେ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ପରେ ମଣ୍ଡପରେ ପହଞ୍ଚିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ଦୁର୍ଗାଙ୍କ ସମେତ ନାଏବ ସରପଞ୍ଚ ବାସନ୍ତୀ କରୁଆଁ, ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ମାଝୀ, ପୂର୍ବତନ ସମିତି ସଭ୍ୟ ଭଗବାନ ବାରିକ, ସାମ୍ବାଦିକ ଚିତ୍ରସେନ ସାହୁ, ସମାଜସେବୀ ଲବ କରୁଆଁ, କୈଳାଶ ସାହୁ, ଚାଞ୍ଚେର ହାଇସ୍କୁଲ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ପ୍ରଧାନ, ଅମଠା ହାଇସ୍କୁଲ ପ୍ରଧାନଶିକ୍ଷକ ନରୋତ୍ତମ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ।ପରେ ଛାତ୍ରଛାତ୍ରୀଙ୍କୁ ନେଇ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କୃତିତ୍ୱ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା।କାର୍ଯ୍ୟକ୍ରମରେ ପଞ୍ଚାୟତ ୱାର୍ଡ ସଭ୍ୟସଭ୍ୟା, ଏସଏଚ୍‌ଜି ମହିଳା ଗ୍ରୁପ, ସିଆରପି ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ବନ୍ୟା ଜଳରୁ ଉଦ୍ଧାର କାର୍ଯ୍ୟ ଉପରେ ଅଭ୍ୟାସ




**ନୂଆପଡ଼ା, ୬।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭା ଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜାତୀୟ ଆପଦ ପ୍ରତିକ୍ରିୟା ବଳ (ଏନ୍‌ଡିଆରଏଫ) ମିଳିତ ଆନୁକୂଲ୍ୟରେ ବନ୍ୟା ସମୟରେ ଜଳରୁ ଉଦ୍ଧାର କାର୍ଯ୍ୟ ଉପରେ 'ଟେବୁଲଟପ'ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆରଏଫ କମାଣ୍ଡାଣ୍ଟ ଡ.ତୀର୍ଥବାସୀ ସାହୁ, ଇନ୍ସପେକ୍ଟର ବରୁଣ କୁମାର ଏବଂସବଇନ୍ସପେକ୍ଟର ବିକାଶ ପ୍ରମୁଖ ମକ ଏକ୍ସରସାଇଜର ବିଭିନ୍ନ ପଦକ୍ଷେପ, ଏକ୍ସରସାଇଜ କ୍ରମ, ସ୍ଥିତି, ପରିଚାଳନା, ବିଭିନ୍ନ ଅଧିକାରୀ ଏବଂ ସହଯୋଗୀଙ୍କ ଭୂମିକା ଏବଂ କାର୍ଯ୍ୟ, ବନ୍ୟାରେ ଏନ୍‌ଡିଆରଏଫ୍‌ର ଭୂମିକା ଏବଂ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି 'ଟେବୁଲ ଟପ' ଅଭ୍ୟାସର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଫଳାଫଳ ଉପରେ ମଧ୍ୟ ଆଲୋଚନା ହୋଇଥିଲା।ଜିଲ୍ଲାପାଳ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ଓ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ଏନ୍‌ଡିଆରଏଫର ସହାୟତା ବିନା 'ଜିରୋ କାଜୁଆଲଟିର'ସ୍ୱପ୍ନ ମଧ୍ୟ ଦେଖିହେବ ନାହିଁ।ସିଡିଓ ଲମ୍ବୋଦର ଧରୁଆ, ଏଡିଏମ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡ.ଧନେଶ୍ୱର ସେଠୀ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟିକଲେକ୍ଟର ଶେଖ ନସିମ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉଲ୍ଲେଖନିୟ ଯେ, ଆସନ୍ତାକାଲି ଏନଡିଆର ଏଫ ଦ୍ୱାରା ବନ୍ୟାଜଳ ଉଦ୍ଧାର କାର୍ଯ୍ୟଉପରେ 'ମକଡ୍ରିଲ' ସାଇପଲା ଡ୍ୟାମରେ ଅନୁଷ୍ଠିତ ହେବ। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଏନ୍‌ଡି ଆରଏଫ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ରଜତ ଜୟନ୍ତୀ ଉଦ୍‌ଯାପିତ

**ଭବାନୀପାଟଣା, ୬।୧(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରା ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ରଜତ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ତଥା ଭାଷାବିତ୍ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ରୁପ୍ରା ସରପଞ୍ଚ ଡଲି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂଘର ସାଂଗଠନିକ ସମ୍ପାଦକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବା ବେଳେ ସଂସଦର ସଭାପତି ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରାତନ ତଥା ଅଧୁନାତନ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ପ୍ରତି ବ୍ୟାଚ୍ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ଭବାନୀପାଟଣା 'ପ୍ରତିଭା' ଅନୁଷ୍ଠାନର ସିଂଗାରୀ ନୃତ୍ୟ ଏବଂ ପ୍ରଖ୍ୟାତ ଲୋକକଳାକାର ସର୍ବେଶ୍ୱର ଭୋଇଙ୍କ ମେଲୋଡି ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟବକ୍ତା ଭାବେ ଏଡିଇଓ ହେମସାଗର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଡୁ ମହାଲିଙ୍ଗ, ଭୂମିଦାତା ବିଜୟ ସେନାପତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂଘ ସମ୍ପାଦକ ତେଜରାଜ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଶ୍ରୀ ମଧୁସ୍ମିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଆଦିତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରଜତ ଜୟନ୍ତୀ ସମାରୋହ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କେବେ ବଦଳିବ ଇନ୍ଦ୍ରାବତୀ ଜଳବନ୍ଦୀଙ୍କ ଭାଗ୍ୟ

# ଯାତାୟତ ନଗ୍ନଚିତ୍ରର କାହାଣୀ କହୁଛି 'ଡ଼ଙ୍ଗା'

ଭବାନୀପାଟଣା, ୬।୧(ସମିସ)

ବିକାଶର ପରିଭାଷା ଓ ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଆସିଛି। ଶାସକ ଓ ଶାସନ ବ୍ୟବସ୍ଥା ବଦଳିଛି। ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳବାସୀଙ୍କ ଜୀବନଧାରଣରେ ଘଟିନାହିଁ କୌଣସି ପରିବର୍ତ୍ତନ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ସୁରକ୍ଷା, ଗମନାଗମନ ଓ ପରିବହନ ଭଳି ବିଦ୍ୟୁତ ସେବା ସମସ୍ତଙ୍କ ଅପରିହାର୍ଯ୍ୟ ଅଙ୍ଗ ପାଲଟିଯାଇଛି। କଳାହାଣ୍ଡି ଜିଲ୍ଲାରେ ବିକାଶର କଥା ଅପହଞ୍ଚ ଅଞ୍ଚଳ ବ୍ୟତୀତ ବୁଡ଼ି ଅଞ୍ଚଳରେ ଦୟନୀୟତାର ବିକଳ ଛବି ସାମ୍ନାକୁ ଆସୁଛି। କେଉଁଠି ଖାଦ୍ୟ ପାଇଁ ତ କେଉଁଠି ମୁଠେ ଚାଉଳ ପାଇଁ ସଂଘର୍ଷ ଭିତରେ ଡଙ୍ଗା ଉପରେ ଆଶ୍ରା କରି ଧାଇଁବାକୁ ପଡୁଛି। ସମସ୍ୟା ଏତେ ଖରାପ ଯେ ସ୍ଥାନୀୟ ବାସିନ୍ଦାମାନେ ଯୋଗାଯୋଗ ଓ ଗମନାଗମନ ପାଇଁ ନିଜର ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି କରିପାରୁନାହାନ୍ତି। ୧୭ ଗ୍ରାମର ପ୍ରାୟ ୨୦୦୦ରୁ ଅଧିକ ଲୋକ ଏବଂ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଜାତାୟତର ଶୋଚନୀୟ ବ୍ୟବସ୍ଥାର ନଗ୍ନଚିତ୍ରର କାହାଣୀ କହୁଛି କେବଳ ଡଙ୍ଗା। ସାମାନ୍ୟ ଟିକେ ସ୍ୱାସ୍ଥ୍ୟ ସୁବିଧା ପାଇଁ ଜୟପାଟଣା ଓ ମୁଖିଗୁଡ଼ା କିମ୍ବା ଭବାନୀପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ଅନେକ ସମୟରେ ଗର୍ଭବତୀ ମହିଳାଙ୍କୁ ଡଙ୍ଗା ଏବଂ ବୋଟ ଆମ୍ବୁଲାନ୍ସରେ ବୋହିବା ଓ ଛୋଟ ଛୁଆଙ୍କୁ ଟୀକା ଦେବା ପାଇଁ ଅବହେଳିତ ସ୍ୱାସ୍ଥ୍ୟ ସେବାର ଏକ



ଅସହାୟ ଚିତ୍ର ମଧ୍ୟ ଦେଖିବାକୁ ପରିସ୍ଥିତି ବାଧ୍ୟ କରୁଛି। ସେହିପରି ଟୋପାଏ ପିଇବା ପାଣି ପାଇଁ ବହୁତ ଡହଳବିକଳ ହେବାକୁ ପଡୁଛି ତେବେ କେବେଦିନ ପର୍ଯ୍ୟନ୍ତ ଅବହେଳିତ ହୋଇ ରହିବେ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳବାସୀ। ମୁଖ୍ୟ ଧାରାରେ କେବେ ଯୋଡ଼ି ହେବେ ସେମାନେ? କେବେ ପାଇବେ ମୌଳିକ ସୁବିଧାର ନ୍ୟାଯ୍ୟ ଅଧିକାର ଓ ସାଧାରଣ ଜୀବନ ଯାପନର ସୁଯୋଗ। ଏ ଦିଗରେ ପ୍ରଶାସନର ଦୃଷ୍ଟି କେବେ ପଡ଼ିବ ବୋଲି ଅନେକଙ୍କର ସ୍ୱର ଉଠାଇଲେ ବି ତାହା ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳ ରାଶିରେ ମିଳାଇ ଯାଉଛି। ନୂଆ ବର୍ଷ ଆସୁଛି ଏବଂ ଯାଉଛି। ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ସର୍ବସ୍ୱ ଦେଇ ବୁଡ଼ି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଆଉ ଗୋଟିଏ ଉପହାସର ବର୍ଷ ଭଳି ମନେ ହେଉଛି। କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ଆସି ଉତ୍ସବରେ ଯୋଗଦେବା କାରଣରୁ ପ୍ରଶାସନ ଖୁବ ତତ୍ପର। ୯ ତାରିଖରେ ବୋଟ ଚାଳନା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ।

ଏତେ ସବୁ ଭିତରେ ବୁଡ଼ି ଅଞ୍ଚଳବାସୀ କି ପ୍ରକାର ଖୁସି ଟିକେ ମିଳିବ ? ତାହା ହିଁ ବଡ଼ ପ୍ରଶ୍ନ ହୋଇଛି। ସ୍ଥାୟୀ ବ୍ରିଜ ନିର୍ମାଣ କଥା ମୁଖ୍ୟମନ୍ତ୍ରୀ ବୁଝିବେ କି? ଏମିତି ଅନେକ କଥା ଓ ବ୍ୟଥାରେ ଛନ୍ଦି ହୋଇ ରହିଛନ୍ତି ୧୭ଟି ଗାଁର ଅଧିବାସୀ। ଦୀର୍ଘ ବର୍ଷ ହେବ ବ୍ରିଜଟିଏ ନିର୍ମାଣ ହୋଇପାରିନି। ଜୀବନ ଜିଇଁବା ପାଇଁ ଜୀବନ ରେଖା ସାଜିଛି 'ଡଙ୍ଗା'। ମାଁ ଅଛି ଗ୍ରାମ୍ୟକ ଶିକ୍ଷା ବ୍ୟବସ୍ଥା, ନା ସ୍ୱାସ୍ଥ୍ୟ ସେବା! ତିନୋଟି ପ୍ରାଥମିକ ବିଦ୍ୟାଳୟ ରହିଛି। ପ୍ରାୟ ୨୧୫ ଛାତ୍ରଛାତ୍ରୀ ପାଠ ପଢୁଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ୭ଜଣ ଶିକ୍ଷକ ଦାୟିତ୍ୱରେ ଥିବାବେଳେ କିଏ କେବେ ସ୍କୁଲ ଯାଆନ୍ତି ତାହାର ହିସାବ ରଖିବା ମୁସ୍କିଲ। କେମିତି କିଏ ଶୁଣି ପାରୁନାହାନ୍ତି ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ୧୭ଖଣ୍ଡ ଗାଁରେ ବସବାସ କରୁଥିବା ଲୋକମାନଙ୍କ ନିରବ ଆର୍ତ୍ତନାଦ। ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ଥୁଆମୂଳ ରାମପୁର ବ୍ଲକରେ ଆସିଥାଏ, ତେବେ ଏହି ବୁଡ଼ି ଅଞ୍ଚଳ କଥା ସମସ୍ତେ ଯେମିତି ଭୁଲିଯାଇଥାନ୍ତି।

ଇନ୍ଦ୍ରାବତୀ ଜଳଭଣ୍ଡାର ନିର୍ମାଣ ସମୟରେ ନିଜର ସର୍ବସ୍ୱ ହରାଇଥିବା ପ୍ରାୟ ୨ହଜାର ଜନସଂଖ୍ୟା ବିଶିଷ୍ଟ ୧୭ଟି ଗ୍ରାମର ଗ୍ରାମବାସୀ ଦୀର୍ଘ ୨୫ବର୍ଷ ଧରି ବାସ୍ତବିକ ବନ୍ଦୀ ଜୀବନ ବିତାଇ ଆସୁଛନ୍ତି। ଜଳଭଣ୍ଡାର ନିର୍ମାଣ ସମୟରେ ଅନେକ ଗାଁ ଜଳଭଣ୍ଡାରରେ ବିଲୀନ ହୋଇଥିଲା ମାଟିର ମୋହକୁ ଭୁଲି ନ ଯାଇ ଜିଦରେ ରହି ଯାଇଥିଲେ ପୋଡାପଦର ପଞ୍ଚାୟତର ୧୭ଟି ଗାଁ ଓ

**ଜୀବନ ଜିଇଁବା ପାଇଁ ଜୀବନ ରେଖା ସାଜିଛି 'ଡଙ୍ଗା'**

ମାଳିଗାଁ ପଞ୍ଚାୟତର ଗୋଟିଏ ଗାଁ କେତେପଟ ଘାଟ। ମାଳିଗାଁ ପଞ୍ଚାୟତର ତି.ଟେପାଘାଟ ଠାରୁ ପୋଡାପଦର ପଞ୍ଚାୟତକୁ ସଂଯୋଗ କରିବାକୁ ଯାଇ ଗୋଲାଗାଡ଼ ନଦୀ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲା। ନିର୍ମାଣ ସମୟରେ ଅବଧି ଶେଷ ହୋଇସାରିଛି। ୬କୋଟି ୬୪ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ପୋଲ ୨୧.୮.୨୦୨୦ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଗତ ୨୦ ଫେବୃଆରୀ ୨୦୨୨ରେ ଶେଷ ହେବାକୁ ଚୁକ୍ତି କରାଯାଇଥିଲା। କିନ୍ତୁ ଏଯାବତ ତାହା ନିର୍ମାଣ ହୋଇପାରିନାହିଁ। କଥା କୋର୍ଟ କଚେରୀ ପର୍ଯ୍ୟନ୍ତ ଗଲା। ସମ୍ପୃକ୍ତ ଠିକାଦାର ଯେତିକି କାମ କରିଥିଲେ ସେଥିରୁ ୨ କୋଟି ୯୫ଲକ୍ଷ ଟଙ୍କା ବିଲ ହୋଇଥିବା କୁହାଯାଉଛି। ଯଦି ଏହି ପୋଲ ପୋଡାପଦର ସଂଯୋଗ ହୋଇଯାଇଥିଲେ ଜଳବନ୍ଦୀ ଭାବେ ବିଭିନ୍ନ ଟାପୁରେ ଜୀବନ ବିତାଉଥିବା ଅଞ୍ଚଳବାସୀ ଦୀର୍ଘବର୍ଷର ଯନ୍ତ୍ରଣାରୁ ସାମାନ୍ୟଭାବେ ମୁକ୍ତି ପାଇଥାନ୍ତେ। ଅନ୍ୟପକ୍ଷରେ ୨୦୨୪ ମସିହାରେ କେନ୍ଦୁଗୁଡ଼ା ଘାଟରେ ୫୯କୋଟି ଟଙ୍କାର ଏକ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ଦୁର୍ଭାଗ୍ୟ ଏହା ଯେ ଆଜିଯାଏଁ ହିଁ ପୋଲ ନିର୍ମାଣ କାର୍ଯ୍ୟ ଅଟକି ଯାଇ ସମସ୍ତଙ୍କ ସ୍ମୃତିରୁ ଲୁଚିଯାଇଥିବା ଲକ୍ଷ୍ୟ କରାଯାଉଛି। ଏବେ ଜଳଭଣ୍ଡାରରେ କେବଳ ଡଙ୍ଗା ଉପରେ ହିଁ ଭରସା କରିବାକୁ ପଡୁଛି। ପିଡିଏସ ଚାଉଳ ଆଣିବା ପାଇଁ ଡଙ୍ଗା ହିଁ ଏକମାତ୍ର ମାଧ୍ୟମ। ଏହି ୧୭ଟି ଗାଁକୁ ଯାଇ ସେଠାରେ ଉନ୍ନୟନ କାର୍ଯ୍ୟ କରିବା ମଧ୍ୟ ସରକାରୀ ବାବୁମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। କାରଣ ନିର୍ମାଣକୁଳ ବାହାରି କାର୍ଯ୍ୟ ପାଇଁ ଆବଶ୍ୟକୀୟ ଯନ୍ତ୍ର ଓ ସାମଗ୍ରୀ ପରିବହନ ଲାଗି ଡଙ୍ଗା ହିଁ ସାଧନ ରୂପେ ରହିଛି। ଫଳରେ ଇନ୍ଦ୍ରାବତୀ ଜଳବନ୍ଦୀଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଟୋପାଏ ମିଳିବାର ଆଶା କେତେଟି ଗାଁର ଛୁଆପିଲାଙ୍କ ପାଠ ପଢ଼ା। ତେବେ ଏ ସକ୍ରାନ୍ତରେ ବିଡ଼ିଓ କହିଛନ୍ତି ବ୍ରିଜ ନିର୍ମାଣ ପ୍ରକ୍ରିୟାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପୁଣିଥରେ ବିଚାର ଆଲୋଚନା କରୁଛନ୍ତି। ଜଳବନ୍ଦୀ ଅଞ୍ଚଳରେ ଦୁଇଟି ମୋବାଇଲ ଟାୱାର ନିର୍ମାଣର ପ୍ରସ୍ତାବ ରହିଛି। ବ୍ରିଜ ନିର୍ମାଣ ଉପରେ ସବୁ ଭରସା କରୁଥିବା ବିଡ଼ିଓ ଜଣାଇଛନ୍ତି।

## ପାଇପ୍ ଫାଟି ରାସ୍ତାରେ ପାଣି



**କେସିଙ୍ଗା, ୬।୧(ସମିସ):** କେସିଙ୍ଗା ବ୍ଲକ ଗାଈଗାଁ ପଞ୍ଚାୟତ ଖମାରଗ୍ରାମ ହରିଜନ ସାହିରେ ଅନେକ ଦିନ ହେଲା ପାଇପ୍ ଫାଟି ରାସ୍ତାରେ ପାଣି ବହୁଛି। ଗତ ବର୍ଷ ବସୁଧା ଜଳ ଯୋଜନାରେ ବିଶୁଦ୍ଧ ପାଣି କିପରି ଲୋକେ ପାଇ ପାରିବେ ସେଥିପାଇଁ ଗାଈଗାଁ ପଞ୍ଚାୟତରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇ ପ୍ରତ୍ୟେକ ଗାଁ ରେ ପାଣି ପାଇପ ସଂଯୋଗ କରା ହେଲା। ଲୋକେ ପାଣି ମଧ୍ୟ ପାଇଲେ ହେଲେ ଆଜିକୁ ଅନେକ ଦିନ ହେଲାଣି ଗାଈଗାଁ ପଞ୍ଚାୟ ଖମାରଗ୍ରାମର ହରିଜନସାହିରେ ପାଇପ ଫାଟି ଅଳର୍ଗଳ ପାଣି ବହବାହ ହେବା ସହିତ ରାସ୍ତା ମଧ୍ୟ ଖରାପ ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ସମେତ ଠିକାକରିଥିବା ଠିକାସଂସ୍ଥାଙ୍କୁ ବାରମ୍ବାର ଅବଗତ କରା ପରେ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି। ରାସ୍ତାରେ ପାଣି ଜମୁଥିବା ଯୋଗୁଁ ମଶା, ମାଛି ବସା ବାନ୍ଧୁଛନ୍ତି। ଯାହାଫଳରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହୁଥିବା ବେଳେ ଦୈନନ୍ଦିନ ଯାତାୟତରେ ବହୁତ ଅସୁବିଧା ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

**କୋକସରା, ୬।୧ (ସମିସ):** କୋକସରା ବ୍ଲକ କୁସୁମଖୁଣ୍ଟିସ୍ଥିତ ଉପର ଇନ୍ଦ୍ରାବତୀ ବାମ କେନାଲ ପ୍ରଭାଗ-୧ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଉପର ଇନ୍ଦ୍ରାବତୀ ଉଠା କେନାଲ ବିଭାଜନ ନିର୍ବାହୀଯନ୍ତ୍ରୀ ପ୍ରଣୟ ପ୍ରଧାନ, ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟ ଜୟପାଟଣା ଅଧ୍ୟକ୍ଷ ବୈଦ୍ୟନାଥ ପାଢ଼ୀ, କୋକସରା ବ୍ଲକ ଉପାଧ୍ୟକ୍ଷ ଗାରାବ କୁମାର ଅଗ୍ରୱାଲ, ବ୍ଲକ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧିକ୍ଷଣ ଯନ୍ତ୍ରୀ ଶ୍ରୀବେହେରା ପାଣି ପଞ୍ଚାୟତର ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପଲବ୍ଧି ନାରାୟଣୀ, ଲଳିତ କୁମାର ନାୟକ, ଶ୍ୟାମ ପ୍ରସାଦ ବେହେରାଙ୍କୁ ଶ୍ରେଷ୍ଠ ଚାଷୀ ଭାବରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟପାଟଣା, କଳାମପୁର, କୁଟାଗଡ଼, ଧର୍ମଗଡ଼ ଓ କୋକସରା ବ୍ଲକ ସମେତ ୧୧୦ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ମଞ୍ଚକୁ ଅଧ୍ୟାପକ ମାନସ ପଣ୍ଡା ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ଆଦିତ୍ୟ ପଟ୍ଟନାୟକ, ଈଶ୍ୱରଚନ୍ଦ୍ର ନାୟକ, ସଂଘମିତ୍ରା ସାହୁ, କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ମାଝୀ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

## କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ପ୍ରତିଯୋଗିତା

**ଗୋଲାମୁଣ୍ଡା, ୬।୧(ସମିସ):** ଉତ୍ସବ 'ଘୁମୁରା'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ପ୍ରତ୍ୟେକ ଲୋକଙ୍କ ପାଖରେ ଥିବା ଅନ୍ତର୍ନିହିତ କଳାକୁ ପରିପ୍ରକାଶ କରିବା। କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୬ ଉପଲକ୍ଷେ ଗୋଲାମୁଣ୍ଡା ବ୍ଲକସ୍ତରୀୟ ବିଭିନ୍ନ ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଗୋଲାମୁଣ୍ଡା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସିନିଅର ଛାତ୍ରଛାତ୍ରୀ ଏବଂ ଜୁନିଅର ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ, ଗୀତ, ଡିବେଟ, କୁଇଜ, ଇତ୍ୟାଦି ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ବିଜୁ କଲ୍ୟାଣ ମଣ୍ଡପରେ ମହିଳାଙ୍କ ପାଇଁ ଶଙ୍ଖ ଫୁଙ୍କା, ଏକକ ଅଭିନୟ, ହୁଳହୁଳି, ରଙ୍ଗୋଲି, ମେହେନ୍ଦି, ରନ୍ଧନ ଇତ୍ୟାଦି ବିଷୟରେ ପ୍ରତିଯୋଗିତା ହୋଇଥିଲା। ବିଇଓ ରାଜେଶ କୁମାର ନାୟକ ଏବଂ ଏ ବିଇଓ ଲିନା ଦାସ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦେବା ସହ ନିଜେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ବିଚାରପତିମାନେ ନିଜର ଦାୟିତ୍ୱ ନିର୍ବାହ କରି ପ୍ରତିଯୋଗୀଙ୍କ ମୂଲ୍ୟାୟନ କରି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ବିଜେତାଙ୍କୁ ଆସନ୍ତା ୯ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ଉପସ୍ଥିତ ରହିବା ପାଇଁ କହିଥିଲେ।

## ନୂତନ ସିଡିପିଓଙ୍କ ଯୋଗଦାନ

**ଗୋଲାମୁଣ୍ଡା, ୬।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ନୂତନ ସିଡିପିଓ ଭାବେ ପଦ୍ମା ମଞ୍ଜରୀ ପଧାନ ଯୋଗଦାନ କରିଛନ୍ତି। ପ୍ରାକ୍ତନ ସିଡିପିଓ ଙ୍କ ଉଚ୍ଚା ଲକ୍ଷ୍ମୀଙ୍କ ଅବସର ପରେ ପଦବ ଖାଲି ପଡ଼ିଥିଲା। ମହିଳା ପରିବର୍ତ୍ତିକା ପଦ୍ମାବତୀ ସାହୁ ଅସ୍ଥାୟୀ ଭାବେ କାର୍ଯ୍ୟ ତୁଲାଉଥିଲେ। ଶ୍ରୀମତୀ ପଧାନଙ୍କ ଯୋଗଦାନ ସମୟରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଫିସ କାର୍ଯ୍ୟ ଏବଂ ହିତାଧିକାରୀଙ୍କ ପ୍ରତ୍ୟେକ ସେବା ସମସ୍ତଙ୍କ ମିଳିତ ସହଯୋଗରେ ସୁଚାରୁ ରୂପେ ତୁଲାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା

**ନୂଆପଡ଼ା, ୬।୧(ସମିସ):** ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହେବ ଦିବ୍ୟାଙ୍ଗ ମିତ୍ର ପୁରସ୍କାର। ପ୍ରତି ମାସରେ ଦିବ୍ୟାଙ୍ଗ ଲୋକଙ୍କୁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିବେ। ଆବଶ୍ୟ ମାସରୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ ଘୋଷଣା କରିଛନ୍ତି। ଜିଲ୍ଲାରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କ ଅଧ୍ୟକ୍ଷତାରେ ପାଞ୍ଚ ଜଣିଆ ଚୟନ କମିଟି ଗଠନ କରାଯିବା ସଦର ତହସିଲଦାର, ବିଡ଼ିଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏହି ଚୟନ କମିଟିର ସଦସ୍ୟ ରହିବେ। ପ୍ରତିମାସ ଚୟନ କମିଟି ଜିଲ୍ଲାରୁ ଦିବ୍ୟାଙ୍ଗଙ୍କୁ ସାହାଯ୍ୟର ହାତ ବଢ଼ାଇ ଥିବା ଜଣେ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ବାଛିବେ। ଜିଲ୍ଲାପାଳ ସେହି ବ୍ୟକ୍ତିଙ୍କୁ ପୁରସ୍କୃତ କରିବେ। ସଭାରେ ଜାତୀୟ ପାରିବାରିକ ସହାୟତା ଯୋଜନା, ବିବାହ ସହାୟତା, ବାର୍ଦ୍ଧକ୍ୟ ଭତ୍ତା, ବାଣୀଶ୍ରୀ ସ୍କଲାର୍ସିପ ଆଦି ଯୋଜନାର ସମୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଧନେଶ୍ୱର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତି ରେଖା ନନ୍ଦ ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଚ୍ୟୁତାନନ୍ଦ ନାଏକଙ୍କ ପରଲୋକ



**ଧର୍ମଗଡ଼, ୬।୧(ସମିସ):** ଅବସରପ୍ରାପ୍ତ ଶିକ୍ଷକ ତଥା କଳାହାଣ୍ଡିପଥରା ମାଳି ସଂଘର ସମ୍ପାଦକ ଅଚ୍ୟୁତାନନ୍ଦ ନାଏକଙ୍କ ଆଜି ଧର୍ମଗଡ଼ ଅରବିନ୍ଦପଡ଼ାସ୍ଥିତ ବାସ ଭବନରେ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛି ବର୍ଷ ହେଲା ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜେଷ୍ଠ ପୁତ୍ର ପ୍ରଭାତ କୁମାର ନାଏକ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନାଏକ ୧୯୮୮ ମସିହାରେ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ବେଲଗୁଡ଼ା ଠାରେ ପ୍ରାଥମିକ ଶିକ୍ଷକ ଭାବେ ଅବସ୍ଥାପିତ ହୋଇ ଥିବା ବେଳେ ୨୦୨୩ ମସିହାରେ ମୋଟର ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ୨୦୧୪ରୁ ୨୦୨୪ମସିହା ପର୍ଯ୍ୟନ୍ତ ପଥରାମାଳି ସମାଜର ସମ୍ପାଦକ ଭାବେ ରହିଥିଲେ। ତାଙ୍କର ବିୟୋଗରେ ପଥରା ମାଳି ସଂଘର ସଭାପତି ଦୁର୍ଗା ପ୍ରସାଦ ନାଏକ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି କବିରାଜ ଦୁର୍ଗା, ସମ୍ପାଦକ ରାଜେନ୍ଦ୍ର ଭୋଇ, ଉପଦେଷ୍ଟା ଲୋକନାଥ ବେହେରା, ସରପଞ୍ଚ ମଦନ୍ତ ଶବର, ଅତୁଳ ମେହେର, ତାର୍ଥ ରାଜ ଗୋପାଳ ତଥା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇ ତାଙ୍କର ଆତ୍ମାର ସଦଗତି କାମନା କରାଯାଇଛି।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ଭବାନୀପାଟଣା, ୬।୧(ସମିସ)

କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ସଦର ମହାକୁମା ଭବାନୀପାଟଣାରେ ପାଳନ ଲାଗି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ପାଷାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ଲଗି ସମସ୍ତଙ୍କ ସାହାର୍ଯ୍ୟ ଓ ସହଯୋଗ କାମନା କରିଥିଲେ। ଜିଲ୍ଲାସ୍ତରୀୟ ଜାତୀୟ ଦିବସ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜର ନ୍ୟସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲେଇବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୬ ତାରିଖ ପ୍ରାତଃ ୫:୦୦ ଘଟିକା ସମୟରେ ସହରରେ ତୋପବାଜିଜନ୍ୟ ଯୋଗେ




ରାମଧୂନ ପରିବେଷଣ, ସକାଳ ୭:୦୦ ଘଟିକା ସମୟରେ ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ ଓ ଆଲୋକସଜ୍ଜା, ଦିବସର ମୁଖ୍ୟ ଅନୁଷ୍ଠାନ ଦ୍ୱାରା ସକାଳ ୮:୩୦ ମିନିଟ ରେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଅଭିବାଦନ ଗ୍ରହଣ ଓ ମିଳିତ ପରେଡ ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ବିଭିନ୍ନ ଅନୁଷ୍ଠାନମାନଙ୍କ ଦ୍ୱାରା ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଝୋଟି ବେବି ସୋ, ପ୍ରତିଯୋଗିତା, ବାଲୁକେଶ୍ୱର ମନ୍ଦିର କମିଟି, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ନୂତନ ବ୍ଲଡ ବ୍ୟାଙ୍କ ରେ ରକ୍ତଦାନ ଶିବିର, ଜିଲ୍ଲା କ୍ରୀଡ଼ା ବିଭାଗ ତରଫରୁ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍, ଏବଂ ସନ୍ଧ୍ୟାରେ ଟାଉନ ହଲ ଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଶାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ରେଜିଷ୍ଟ୍ରାର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଜୟଦେବ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୃତ୍ତିକୁନ ନିଶା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଅଧିଷ୍ଠାନ ଅଫ୍ ପୁଲିସ ସୁରେଶ କେରିଆରଙ୍ଗ, ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା ପ୍ରମୋଦ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ।

## ୩ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'

**ଲାଞ୍ଜିଗଡ଼, ୬।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ, ଚମ୍ପାଦେଇପୁର ଓ କୁମ୍ଭାରକଳା ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ ଅନୁଷ୍ଠିତ ହୋଇଯାଇଛି। ପୋଖରୀବନ୍ଧ ଗାଁର ଧରଣୀଗୁଡ଼ି ଠାରୁ ପ୍ରଥମେ ମଶାଲ ଶୋଭାଯାତ୍ରା ବାହାରି କଳାହାଣ୍ଡି ଉତ୍ସବ ମଞ୍ଚ ନିକଟରେ ପହଞ୍ଚିଥିଲା। ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷ କମଳା ପାତ୍ର, ମୁଖ୍ୟବକ୍ତା ଭାବେ ମାଁ ହିରାମାଳୀ ଡିଗ୍ରୀ କଲେଜ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ପବିତ୍ର ବିଭାର, ସାମ୍ବାଦିକ କୈଳାସ ସାହୁ, ନିଳେଶ କୁମାର ନାଗ, ଗାଁ ଗୌଟିଆ କୁଳମଣି ବାଣ୍ଡ଼ିଆ, ଭବାନୀ ଶଙ୍କର ବାଣ୍ଡ଼ିଆ, ସନାତନ ବିଶି, ଭଗବାନ ରାଉତ, କାର୍ଷିକ ବାଣ୍ଡ଼ିଆ ପ୍ରମୁଖ ଯୋଗଦେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଭିଷ୍ମ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ଓ ପଞ୍ଚାୟତର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା କାର୍ଯ୍ୟକ୍ରମରେ, ମେଲୋଡି, ନୃତ୍ୟ, ସଙ୍ଗୀତ ଓ ଡା ବିଭିନ୍ନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କର୍ଣ୍ଣ ମହାନନ୍ଦ ଓ ଯୋଗାଣ ସହାୟକ କୁଳମଣି ବେହେରାଙ୍କ ନେତୃତ୍ୱରେ ଶଙ୍କର ପ୍ରଧାନୀ, ଚନ୍ଦ୍ରର ମଣି ବେହେରା, ଜଗବନ୍ଧୁ ଚିନ୍ଦା ବିଜେକ କରୁଆ, ମୁକେଶ ସାହୁ, ଧନେଶ୍ୱର କରୁଆ, ବୈରାଗୀ ବିଭାର, ସୁଶାନ୍ତ ବିଭାର ବଳରାମ ନାଏକ, ଉମାକାନ୍ତ ବେହେରା ଉଗ୍ରସେନ ବାଗ, ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏମବିକେ, ସିଆରପିଙ୍କ ସମ୍ପୂର୍ଣ୍ଣ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ପରିସରରେ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ କୈଳାସ ସାହୁ, ନିଳେଶ କୁମାର ନାଗ, ଶତ୍ରୁ ମାଝୀ, କୃଷ୍ଣ ନାଏକ, ସନାତନ ପ୍ରଧାନ, ହଲଧର ସାହୁ, ପ୍ରଭାକର ଚୋରା, ବିଶାଖା ଆର୍ଯ୍ୟ, ଖଗେଶ୍ୱର ପାତ୍ର, ସୂର୍ଯ୍ୟ ଚୋରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ମଧୁସୂଦନ ବାଗ ପରିଚାଳନା କରିଥିଲେ। ଏଡିଇଓ ସୁରେନ୍ଦ୍ର ନାଏକ ଓ ଯୋଗାଣ ସହାୟକ ଗୁପ୍ତେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏମବିକେ, ସିଆରପି, ଗାଁଥାଆ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ। ସେହିପରି କୁମ୍ଭାରକଳା ଠାରେ ମଧ୍ୟ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଥିଲା।

# ସିଆରପିଙ୍କ ବିରୋଧରେ ଟଙ୍କା ଆତ୍ମସାତ ଅଭିଯୋଗ

## ଜିଲ୍ଲାପାଳଙ୍କୁ ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ଶଗଡା, ୬ ।୧(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଖମ୍ବେଶ୍ୱରୀପାଲି ଗ୍ରାମର ମାଁ ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ତଥା ସିଆରପି ଗୁଆବାଲି ରଣାଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି। ବ୍ୟାଙ୍କରେ ଜମା ଥିବା ମହିଳାମାନଙ୍କ ଟଙ୍କା ତଥା ବ୍ୟାଙ୍କରୁ ନେଇଥିବା ଋଣ ଶୁଝିବା ପାଇଁ ଦେଇଥିବା ଟଙ୍କା ସେ ଆତ୍ମସାତ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ମାଁ ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପଲସାଗୋରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଋଣ ଆଣିଥିଲେ। ସେହି ଋଣର କିସ୍ତି ବାନ୍ଧିବା ପାଇଁ ସମସ୍ତ ମହିଳା ନିଜ ନିଜ ଭାଗର ଟଙ୍କା ଆଣି ନିଜ ଗୋଷ୍ଠୀର ସମ୍ପାଦିକା ତଥା ସିଆରପି ଥିବା ଗୁଆବାଲି ରଣାଙ୍କୁ ଦେଉଥିଲେ। ଗୁଆବାଲି ସେହି ଟଙ୍କା ବ୍ୟାଙ୍କରେ ଜମା କରିବା ସହ ଏକ ରସିଦ ଦେଉଥିଲେ; ହେଲେ କିଛିଦିନ ପରେ ବ୍ୟାଙ୍କରୁ ଗୋଷ୍ଠୀର ମହିଳାମାନଙ୍କୁ ଋଣର କିସ୍ତି ନ ଶୁଝିବା ନେଇ ପଚାରାଯାଇଥିଲା। ସେମାନେ ପ୍ରତ୍ୟେକ ମାସ ଟଙ୍କା ସୁଝୁଥିବା ସହ ତାଙ୍କ ପାଖରେ ରସିଦ ମଧ୍ୟ ଥିବା କହିଥିଲେ। ବ୍ୟାଙ୍କ କର୍ମଚାରୀ ସେମାନଙ୍କୁ ବ୍ୟାଙ୍କ ଆସିବା ପାଇଁ କହିବାରୁ ସେମାନେ ବ୍ୟାଙ୍କ ଯାଇଥିଲେ। ସିଆରପି ଗୁଆବାଲି କିଛି ମାସର ଋଣ କିସ୍ତି ଟଙ୍କା ବାନ୍ଧି ନ ଥିବା ସହ ତାଙ୍କ ପାଖରେ ଥିବା ଗୋଷ୍ଠୀର କାଗଜପତ୍ରର ସୁଯୋଗ ନେଇ ଗୋଷ୍ଠୀର ମହିଳାମାନଙ୍କ ଅଜାଣତରେ ତାଙ୍କ ଜାଲ ଦସ୍ତଖତ କରି ପ୍ରାୟ ୨ ଲକ୍ଷ ଟଙ୍କା ଉଠାଇ ଆତ୍ମସାତ କରିଥିବା ନେଇଏମାନେ ଜାଣିବାକୁ ପାଇଥିଲେ। ଏ ନେଇ ତାଙ୍କୁ ପଚାରିବାରୁ ସେ ମହିଳାମାନଙ୍କୁ ଧମକ ଚମକ ଦେବା ଆରମ୍ଭ କରିଦେବା ସହ ସେ ଟଙ୍କା ଖାଇ ନାହାନ୍ତି। ଯାହା କରିବାର ଅଛି କର ବୋଲି କହିଥିଲେ। ଏହାଫଳରେ ମହିଳାମାନେ ଏମବିକେ, ବିଡ଼ିଓ, ବିପିଏମ ସମସ୍ତଙ୍କୁ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ନ ନେବାରୁ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ମଧ ଭିଯୋଗ କରିଥିଲେ। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ; ହେଲେ ଏନେଇ ମାସେରୁ ଅଧିକ ସମୟ ବିତି ଯାଇଥିଲେ ମଧ ଫଳ ଶୂନ। ଏଣୁ ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହା ମଧ୍ୟରେ ସମସ୍ତ ୬ଟି ଏସଏସଜି ଗୋଷ୍ଠୀର ମହିଳାମାନଙ୍କ ଏକ ସଭା ଅନୁଷ୍ଠିତ ହୋଇଥିଲା। ଯଦି ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବେ ତାହା ହେଲେ ସମସ୍ତ ଏସଏସଜି ଗୋଷ୍ଠୀର ମହିଳାମାନେ ସିଆରପିଙ୍କୁ ଅସହଯୋଗ କରିବା ସହ ଟଙ୍କା ଆତ୍ମସାତ ଘଟଣାକୁ ନେଇ ପୁଲିସର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ବିପିଏମ ଅଜୟ ପ୍ରଧାନଙ୍କୁ ପଚାରିବାରୁ ବୁଧବାର ଅଭିଯୋଗର ତଦନ୍ତ ପାଇଁ ଯିବେ। ଯିଏ ଅଭିଯୁକ୍ତ ଥିବ ତା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏନେଇ ସିଆରପି ଗୁଆବାଲିଙ୍କୁ ପଚାରିବାରୁ ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ବ୍ୟାଙ୍କରେ ଟଙ୍କା ଜମା କରିପାରି ନ ଥିଲେ। ବର୍ତ୍ତମାନ ସବୁ ଟଙ୍କା ଜମା କରି ସାରିଥିବା ସଫେଇ ଦେଇଛନ୍ତି।

## ଦହ୍ୟା ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀ ମେଳା




ମନମୁଣ୍ଡା, ୬ ।୧(ସମିସ): ଦହ୍ୟା ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମ ଶ୍ରୀ ମେଳା ପାଳିତ ହୋଇଛି। କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ପ୍ରଦୀପ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିରେନ୍ଦ୍ର ପ୍ରଧାନ ଓ ହେମକାନ୍ତ ମେହେର ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ ମିଶ୍ର , ପ୍ରକାଶ ଡାଙ୍ଗ, ଶୁଭଶ୍ରୀ କର୍ମୀ, ଓମ ପ୍ରକାଶ ମେହେର, ଦେବହୁତି ମିଶ୍ର, ରଶ୍ମି କିଶାନ, ରମେଶ ରଞ୍ଜନ ସେଠୀ, ଗୋବର୍ଦ୍ଧନ ମଲିକ, ଉମେଶ ମେହେର, ସରସୀବାଳା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ମତ୍ସ୍ୟ ସମବାୟ ସମିତିର ଉଦ୍‌ଘାଟନ ସମାରୋହ



ବୌଦ୍ଧ, ୬ ।୧(ସମିସ): ହରଭଙ୍ଗା ବ୍ଲକ ବରନରସିଂହପୁରରେ ମହାନଦୀ ବହୁମୁଖୀ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଧାୟକ ସରୋଜ ପ୍ରଧାନ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ, ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଫକିର ମୋହନ ବାଗ୍, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସମବାୟବିତ ସୁବାଷ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।

## ଉପଖଣ୍ଡ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି



ବୀରମହାରାଜପୁର, ୬ ।୧(ସମିସ): ବୀରମହାରାଜପୁର ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ନେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଜିଲ୍ଲାପାଳ ଶୁଭମ୍ ଶିବାଶିଷ ଶତପଥୀ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଶିକ୍ଷକ ମେଘନାଦ ଭୋଇ, ଜ୍ୟୋତି ରଞ୍ଜନ ପଧାନ, ଅକ୍ଷୟ ରାଏ, ନୀଳକମଳ ମିଶ୍ର, ବ୍ରଜ ଗୋପାଳ ପଣ୍ଡା, କିଶୋର ହୋତା, ଯୁଗଳ ମିଶ୍ର, ପଙ୍କଜ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ସାହୁ ପୂର୍ବ ବିବରଣୀ ପାଠ କରିଥିଲେ। ଉପଖଣ୍ଡ ସୂଚନା ଅଧିକାରୀ ପ୍ରିୟଦର୍ଶିନୀ ଜେନା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ବାସୁଦେବ ଭୋଇ ବାଉଁଶୁଣୀ ଥାନାର ନୂତନ ଆଇଆଇସି



ବୌଦ୍ଧ, ୬ ।୧(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନାର ନୂତନ ଆଇଆଇସି ଭାବେ ବାସୁଦେବ ଭୋଇ ଯୋଗ ଦେଇଛନ୍ତି। ଏଠାରେ ଆଇଆଇସି ଥିବା ମନ୍ଦାକିନୀ କହଁରଙ୍କୁ ଗଞ୍ଜାମ ବଦଳି ହୋଇଛି। ବାଉଁଶୁଣୀ ଥାନାରେ ତାଙ୍କ ଯୋଗଦାନ ପରେ ଅପରାଧ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ହୋଇ ପାରିବ ବୋଲି ଜନ ସାଧାରଣ ଆଶା କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପଲଶାଗୋରା, ୬ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ମିଳିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡକ୍ରସ ତରଫରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଂଜୀବ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ ଶିକ୍ଷକଗଣ ସହଯୋଗ କରିଥିଲେ।

## ଆଜି ବୌଦ୍ଧ ସହରରେ ବିଦ୍ୟୁତ୍ ସରବରାହ ବନ୍ଦ

ବୌଦ୍ଧ, ୬ ।୧(ସମିସ): ବୌଦ୍ଧ ସହରର କେତେକ ଅଞ୍ଚଳରେ ବୁଧବାର ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ବୁଟୁପାଲି ମେହେର ସାହି ପାଖରୁ ସାମା କଲୋନୀ ପର୍ଯ୍ୟନ୍ତ ନୂତନ କେବୁଲ ଲଗାଯିବ। ଏଥି ନିମନ୍ତେ ବୌଦ୍ଧ ସହରର ରାଜନପଲ୍ଲୀ, ବୁଟୁପାଲ୍ଲୀ, ମେହେର ସାହି ଅଞ୍ଚଳରେ ସକାଳ ସାଢେ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କଟିବ। ସେହିଭଳି ନୂଆସାହି ଅଞ୍ଚଳରେ ସକାଳ ୧୦ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିବ।

## ହୃଦ୍‌ଘାତରେ ମହିଳାଙ୍କ ମୃତ୍ୟୁ

ବୌଦ୍ଧ, ୬ ।୧(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମର କୃଷ୍ଣଦତ୍ତ ମିଶ୍ରଙ୍କ ପତ୍ନୀ ରାସେଶ୍ୱରୀ ମିଶ୍ର (୪୫)ଙ୍କ ହୃଦଘାତରେ ପରଲୋକ ଘଟିଛି। ଶ୍ରୀମତୀ ମିଶ୍ର ସୋମବାର ରାତି ପ୍ରାୟ ୧୧ ଟା ବେଳେ ଅସୁସ୍ଥତା ଅନୁଭବ କରିବାରୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ରେଢ଼ାଖୋଲ ନିକଟରେ ରାତି ପ୍ରାୟ ସାଢେ ୨ଟାରେ ପରଲୋକ ଘଟିଥିଲା।



ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ଖୁଣ୍ଟବନ୍ଧ ପେକ୍ସ ସଭାପତି ରାଜକିଶୋର ଦେହୁରୀ ଶେଷ ଦର୍ଶନ କରି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ରାମାନୁଜ ମିଶ୍ର ଓ ଅଶ୍ୱିନୀ ମିଶି ମୁଖାଗ୍ନି ଦେଇଥିଲେ।

## ମିଲରଙ୍କ ଆନ୍ଦୋଳନରେ ଚାଷୀ ପ୍ରଭାବିତ

ବୌଦ୍ଧ/କଣ୍ଟାମାଳ, ୬ ।୧(ସମିସ): ମିଲରଙ୍କ ଆନ୍ଦୋଳନ ଜାରି ରହିଛି। ଏଥିଯୋଗୁ ମଣ୍ଡିଗୁଡ଼ିକରେ ଧାନକିଣା ହୋଇପାରୁନି। ଖୁଣ୍ଟଗୋରା, ଉମା, ଆମ୍ବଗାଁ, କୁଲୁତାଜୁର, ଘଣ୍ଟାପଡା, ବରଗାଁ, କଣ୍ଟାମାଳ, ଲମ୍ବସରି, ଦପଲା, ବରଗୋଛ. ଶୁଣ୍ଠିପଦର, ବିଳାସପୁର, ମନୁମୁଣ୍ଡା,ଯୋଗିନ୍ଦ୍ରପୁର, ଖଟଖଟିଆ, ଲୁକାପଡା, ପଲସାଗୁରା ଓ ରୁଣ୍ଡିମହୁଲ ଆଦି ମଣ୍ଡିରେ ଧାନକିଣା ହୋଇପାରୁନି। ଏ ପର୍ଯ୍ୟନ୍ତ ଚାଷୀଙ୍କ ଟୋକନ ମଧ୍ୟ ଆସିନି। ଚାଷୀ ମଣ୍ଡିରେ ଧାନ ଜଗି ବସିଛି। ମିଲର୍ସ ଆସୁ ନାହାନ୍ତି କିମ୍ବା ଗାଡି ପଠାଉ ନାହାନ୍ତି। ଏଣୁ ମଣ୍ଡିରୁ ଧାନ ଉଠୁନି। ସରକାର ଓ ମିଲରଙ୍କ ମଧ୍ୟରେ କେବେ ବୁଝାମଣା ହେବ ଓ ଧାନ ଉଠିବ ତାହା ଚାଷୀ ଅପେକ୍ଷା କରିଛନ୍ତି। ଟୋକନ ତାରିଖ ହୋଇଥିଲେ ମଧ୍ୟ ଚାଷୀ ମଣ୍ଡିରେ ଧାନ ପକାଇ ରଖିଛନ୍ତି। ମଣ୍ଡିକୁ ଚାଷୀ ଆଣୁଥିବା ଧାନଗାଡ଼ିର ଲମ୍ବା ଧାଡ଼ି ହେଲାଣି; ହେଲେ ଧାନ ଉଠାଇବାକୁ ମିଲର୍ସଙ୍କ ଗାଡିର ଦେଖା ନାହିଁ। ଖୋଲାମେଲାରେ ଧାନ ପଡ଼ିଛି। କେତେକ ମଣ୍ଡିରେ ଗାଈଗୋରୁ ଖାଉଛନ୍ତି ଏବଂ ଚୋରି ମଧ୍ୟ ହେଉଛି। ସେହିଭଳି ହରଭଙ୍ଗା ବ୍ଲକ ବୀରନରସିଂହପୁର ମାର୍କେଟ ୟାର୍ଡ, ମଥୁରା ପାକ୍ସରେ ୨ ଦିନ ହେଲା ହଜାର ହଜାର କ୍ୱିଣ୍ଟାଲ ଧାନ ପଡିଛି। ମିଲର ବିଭିନ୍ନ ଦାବି ନେଇ ଧର୍ମଘଟ କରୁଥିବା ହେତୁ ଧାନ କ୍ରୟ ହେଉନି। ଚାଷୀ ଧାନ ବସ୍ତାକୁ ଜଗି ଶୀତ କାକରରେ ରାତି କାଟୁଛି।

## ବୌଦ୍ଧ ମହୋତ୍ସବ ଉଦ୍‌ଯାପିତ



ବୌଦ୍ଧ, ୬ ।୧(ସମିସ): ବୌଦ୍ଧ କଚେରୀ ପଡିଆରେ ଚାଲିଥିବା ବୌଦ୍ଧ ମହୋତ୍ସବ ଉଦ୍‌ଯାପିତ ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ସ୍ମରଣିକା ଯଶୋଧାରା ଉନ୍ମୋଚିତ ହୋଇଥିଲା। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ହରିଶଙ୍କରରେ ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ



ଖପ୍ରାଖୋଲ, ୬ ।୧(ସମିସ): ଖପ୍ରାଖୋଲ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ହରିଶଙ୍କରରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟଅତିଥି ରୂପେ ବଲାଙ୍ଗିର କ୍ଷୁଦ୍ର ଜଳସେଚନ ବିଭାଗର ଅତରିକ୍ତ ମଭଖ୍ୟ ଯନ୍ତ୍ରୀ କାଳିନ୍ଦ୍ରି ସେଠୀ, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସୂର୍ଯ୍ୟ ଦାଶ, ନାନ୍ଦୁପଲା ସରପଞ୍ଚ ନୀଳାଦ୍ରି ପୁଝାରୀ, ପଦ୍ମ କୁମାର ସିଂ ବରିହା, ନାନ୍ଦୁପଲା ସମିତି ସଭ୍ୟ ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଜଳ ସୁପରିଚାଳନା, ଜଳର ସୁଷମ ବଣ୍ଟନ ପାଇଁ ଚାଷୀ ସଂଗଠିତ ହୋଇ ପାଣି ବ୍ୟବହାର କରିବାକୁ ଅତିଥିଗଣ କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ତର୍କ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସଡିଓ ମୂରଲୀଧର ମହାଳିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜିତ ନାଏକ, କିରଣ ବାଳା ଭୋଇ, ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବଲାଙ୍ଗିର ଜଳସେଚନ ବିଭାଗ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ରବୀନ୍ଦ୍ରନାଥ ସେଠୀ ଅଧ୍ୟକ୍ଷତା କରିଥିଲେ। ମାନଭଞ୍ଜନ ଶତପଥୀ ପରିଚାଳନା କରିଥିବା ବେଳେ ଇଂ ରବୀନ୍ଦ୍ରନାଥ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗ, କୃଷି ବିଭଗ ଓ ମିଲେଟ ମିଶନ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। କୃଷି ଅଧିକାରୀ ସନ୍ତୋଷ ମେହେର, ପ୍ରାଣୀ ସମ୍ପଦ ଅଧିକାରୀ ଡ. ସ୍ୱପ୍ନେଶ୍ୱର ନାଏକ, ମତ୍ସ୍ୟ ସମ୍ପଦ ଅଧିକାରୀ ସୁଭୋଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଘଣ୍ଟାଶୁଣି ଲୋକ ଉତ୍ସବ ପାଇଁ ପ୍ରସ୍ତୁତି




ଟିଟିଲାଗଡ଼, ୬ ।୧(ସମିସ): ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ମା' ଘଣ୍ଟାଶୁଣି ଲୋକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଟିଟିଲାଗଡ ବିଧାୟକନବୀନ ଜୈନ, ପୌରାଧ୍ୟକ୍ଷା ମମତା ଦେବୀ ଜୈନ, ଏସଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନ, ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁରିବାହାଲ ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ଉଦ୍‌ଘାଟିତ



ମୁରିବାହାଲ, ୬ ।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୨୨ଟି ପଞ୍ଚାୟତର କଳାକାର ଅଂଶଗ୍ରହଣ କରିଥିଲେ। ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ପୁରନ୍ଦର ବାଗ, ଘେନୁରାମ ତାଣ୍ଡି, ଜିପିଡିଓ ପ୍ରସନ୍ନ ନାଗ, ଗଙ୍ଗାଧର ହେର୍ଣ୍ଣା, ବ୍ଲକ କଳାକାର ସଂଘ ଉପସଭାପତି କୈଳାସ ଦଣ୍ଡସେନା, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଏସ୍‌ଏସ୍‌ଓ ରିଙ୍କୁ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। କନିଷ୍ଠ ଯନ୍ତ୍ରୀ ଦାଶରଥି ଶବର, ପିଇଓ ସୁଧାଂଶୁ ଶେଖର ପଟ୍ଟନାୟକ, ଅର୍ଜୁନ ଛୁରା ଓ କଳାକାର ସୁଦର୍ଶନ ଦୀପ ଲୋକ ମହୋତ୍ସବରେ ବିଚାରକ ଥିଲେ। ଏଥିରେ ଲୋକବାଦ୍ୟ (ଦଳୀୟ ଏବଂ ଏକକ), ଲୋକ ସଙ୍ଗୀତ (ଦଳୀୟ ଏବଂ ଏକକ), ଲୋକ ନୃତ୍ୟ (ଦଳୀୟ), ଲୋକ ନାଟକ (ଦଳୀୟ) ରେ ୪୨ଟି କଳା ପରିବେଷଣ ହୋଇଥିଲା। ଏହି ଅବସରରେ ବରିଷ୍ଠ ସମ୍ପ୍ରଦାୟ କଳାକାର ଫକୀର ପଧାନଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡ଼ିଓ ବାସନ୍ତୀ ସେଠୀ ସଭାପତିତ୍ୱ କରିଥିବାବେଳେ ବିପିଏମ୍ ଡ. ଗୋପାଳକୃଷ୍ଣ ଦୀପ ସଂଯୋଜନା କରିଥିଲେ। ବରିଷ୍ଠ କଳାକାର ସୁଦାମ ଚରଣ ବଘାର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## କଦମପଡ଼ା ଶିଶୁ ମନ୍ଦିରରେ ସାରସ୍ୱତ ଆସର

ବଲାଙ୍ଗିର, ୬ ।୧(ସମିସ):କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ଏକ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟ ଲେଖକ ଡ. ରମେଶ ପତ୍ରୀ, ବଲାଙ୍ଗିର ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଜିତ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳିଷ୍ଠ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଙ୍ଗିରା ସାହୁ, ଅବସରପ୍ରାପ୍ତ ସୈନିକ ଦିଲୀପ ପୁରୋହିତ, ଶିକ୍ଷୟିତ୍ରୀ ସରସ୍ୱତୀ ମିଶ୍ର, କୁମୁଦିନୀ ପୃଷ୍ଟି ଓ ଋତୁପର୍ଣ୍ଣା ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଡ. ଭବାନୀ ଶଙ୍କର ପଟେଲ ସଭାପତିତ୍ୱ କରିଥିଲେ। ପ୍ରଧାନ.ର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ କରିଥିଲେ। ନାଟ୍ୟକାର ବିଜୟ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିରୁପମା ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଦୀପ୍ତ ଦାଶଙ୍କ ରଚିତ ତଥା ଡ. ଭବାନୀ ଶଙ୍କର ପଟେଲଙ୍କ ଦ୍ୱାର ଅନୁବାଦିତ ପୁସ୍ତକ 'ବ୍ରଜବିହାରୀ ସାହିତ୍ୟ ଏକ ଅଧ୍ୟୟନ' ଉନ୍ମୋଚିତ ହୋଇଥିଲା। ୪୨ ଜଣ ଛାତ୍ରୀ ଓ ୩୨ଜଣ ଛାତ୍ର କବିତା ପଠନ କରିଥିଲେ। ମୀନା ଦାଶ, ବନ୍ଦନା ପତି, ବିଦ୍ୟୁତ ଲତା କର, ମମତା ଭୋ, ସୀମା ସର୍ମିଷ୍ଠା ମିଶ୍ର, ନିରୁପମା ପାଣିଗ୍ରାହୀ, ମନୋଜ ପଟେ ମଧ୍ୟ କବିତା ଆବୃତ୍ତି କରିଥିଲେ। ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ସମ୍ମାନୀତ କରାଯାଇଥିଲା।



## ଆଜିର ରାଶିଫଳ

**ମେଷ:** ଦୂର ସମ୍ପର୍କୀୟଙ୍କ ସହିତ ଭେଟ ହୋଇପାରେ। ପୁରୁଣା ନିବେଶରୁ ଲାଭ ମିଳିବ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିପାରେ। ଅଚାନକ ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ:** ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଆଜିଟି କର୍ମଚାରୀଙ୍କ ପାଇଁ ସମୟ ଭଲ। ଚକ୍ଷୁ ଜନିତ ସମସ୍ୟା ହୋଇପାରେ। ସମୟର ସଦୁପଯୋଗ କରନ୍ତୁ।

**କର୍କଟ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଯଥା ଝଗଡ଼ାରୁ ଦୂରେଇ ରୁହନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ପ୍ରେମ ବ୍ୟାପାରରେ ସଫଳ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ଧନ ଲାଭ ହୋଇପାରେ।

**କନ୍ୟା:** ଅଜଣା ଲୋକଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ଉଚ୍ଚ ଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବିଛା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଆଶା କରିଥିବା ଦିଗରୁ ଲାଭବାନ ହେବେ।

**ଧନୁ:** ଶାରୀରିକ ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହିତ ଦୂର ସ୍ଥାନ ବୁଲିବାକୁ ଯାଇ ପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇ ପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

**ମକର:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ଆଗରେ ପ୍ରକାଶ କରନ୍ତୁନି। ଇଚ୍ଛା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। କଳାକାରଙ୍କ ପାଇଁ ଦିନଟି ଭଲ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଭାବିବିଚାରି କାମ କରନ୍ତୁ।

**ମୀନ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

## ଆଜିର ଇତିହାସ

- ୧୭୮୨- ପ୍ରଥମ ଆମେରିକୀୟ ବାଣିଜ୍ୟିକ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା'ର ଆରମ୍ଭ।
- ୧୯୪୮ - ଲେଖିକା ଶୋଭା ଦେ'ଙ୍କ ଜନ୍ମ।
- ୧୯୯୯ -ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଲା।
- ୨୦୧୪- ଶେଖ୍ ହସିନା ବାଂଲାଦେଶରେ ସାଧାରଣ ନିର୍ବାଚନରେ ଜିତିଲେ।

## ଇଏ କି ଟାଟୁ!

ସାମାଜିକ ଗଣମାଧ୍ୟମରେ ଏକ ନୂଆ ଫେଶନ ଟ୍ରେଣ୍ଡର ଭିଡିଓ ସେୟାର୍ କରାଯାଇଛି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଏହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ଏବେ ଲୋକେ ନିଜ ପ୍ରିୟଜନଙ୍କ ମୃତ୍ୟୁ ପରେ ସେମାନଙ୍କ ଅସ୍ଥି ପାଉଁଶକୁ ଟାଟୁ କାଳି ବା ସ୍ୟାହିରେ ରୂପାନ୍ତରିତ କରୁଛନ୍ତି ଏବଂ ସେଥିରେ ଶରୀରରେ ଟାଟୁ କରୁଛନ୍ତି। ଏହି ଟାଟୁକୁ 'ଡେଡ୍ ବଡି ଟାଟୁ' ବୋଲି କୁହାଯାଉଛି। ଏଭଳି କରିବାର ଉଦ୍ଦେଶ୍ୟ ହେଉଛି, ନିଜ ପ୍ରିୟଜନଙ୍କ ଶରୀରର ଅଂଶକୁ ସବୁଦିନ ପାଇଁ ନିଜ ସାଙ୍ଗରେ ରଖିବା। ଏହି ଟ୍ରେଣ୍ଡ ପୂର୍ବରୁ ଆମେରିକା, କାନାଡ଼ା ଏବଂ ୟୁରୋପରେ ଲୋକପ୍ରିୟ ହୋଇଥିଲା। ଏବେ ଏହା ଭାରତରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ମୃତଶରୀର ଦାହ ହେବା ପରେ ଯେଉଁ ପାଉଁଶ ବାହାରେ ତାକୁ ଟାଟୁ କରିବା ପାଇଁ ଅଧିକ ଫାଇନ୍ କରିବାକୁ ପଡ଼ିଥାଏ। ଏନ୍‌ଗ୍ରେଭ୍ ଇଙ୍କ୍, କ୍ରିମେସନ୍ ଇଙ୍କ୍ ଭଳି କମ୍ପାନି ଏହି କାର୍ଯ୍ୟ କରିଥାଆନ୍ତି। ଏହି ପ୍ରକ୍ରିୟାରେ ପାଉଁଶକୁ ପ୍ରଥମେ ଉଚ୍ଚ ତାପମାତ୍ରାରେ ବିଶୁଦ୍ଧ କରାଯାଏ। ଏହାପରେ ଏହାକୁ ଅଲଟ୍ରା ଫାଇନ୍ କରାଯାଇ କାଳିରେ ମିଶାଇବା ପାଇଁ ପ୍ରସ୍ତୁତ କରାଯାଏ। ଏହି ପୂରା ପ୍ରକ୍ରିୟା ୪ ସପ୍ତାହ ପର୍ଯ୍ୟନ୍ତ ଚାଲେ। ସେହିପରି ପ୍ରତ୍ୟେକ ପର୍ଯ୍ୟାୟକୁ ଟ୍ରାକ୍ କରାଯାଏ। ତା'ପରେ ଏହାକୁ ବୋତଲରେ ବନ୍ଦ



କରି ଟାଟୁ ଆର୍ଟିଷ୍ଟଙ୍କ ପାଖକୁ ପଠାଯାଏ। ଏହାପରେ ଟାଟୁ ଆର୍ଟିଷ୍ଟ ଜଣକ ଏହାକୁ କ୍ଲାଏଣ୍ଟଙ୍କ ଶରୀରରେ ଖୋଦେଇଥାନ୍ତି। ଅଧିକାଂଶ ମାମଲାରେ କେବଳ ଏକ ଚାମଚ ଅସ୍ଥି ପାଉଁଶକୁ ବ୍ୟବହାର କରାଯାଏ। କିଛି ଲୋକ ନିଜ ବାପା, ଭାଇ, ପୋଷା ପ୍ରାଣୀଙ୍କ ପାଉଁଶରେ ଟାଟୁ କରୁଥିବା ଦେଖାଯାଉଛି। ସେହିପରି ପାଉଁଶ ଠିକ୍ ଭାବେ ବିଶୋଧନ କରାଯାଇ ନ ଥିଲେ ଏଥିରୁ ଚର୍ମରେ ସଂକ୍ରମଣ ହେବା ଆଶଙ୍କା ରହିଛି। ଅନ୍ୟପଟେ ଏହି ଟ୍ରେଣ୍ଡ 'ମର୍ବିଡ୍ ଇଙ୍କ୍' ନାଁରେ ପରିଚିତ। ତେବେ ବବଲଗମ୍ ଇଙ୍କ୍ କିମ୍ବା ୟୋର୍ ଏଞ୍ଜେଲ୍ସ ଇଙ୍କ୍ ଭଳି କମ୍ପାନିଗୁଡ଼ିକ ମଧ୍ୟ ଏହି ସେବା ପ୍ରଦାନ କରୁଛନ୍ତି।

## 'ଓଏମ୍‌ଜି ୩'ରେ ରାଣୀ



ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଓଃ ମାଇ ଗଡ୍'ର ଦୁଇଟି ପାର୍ଟ ଏଯାବତ୍ ରିଲିଜ୍ ହୋଇଛି। ଏବେ ଏହାର ତୃତୀୟ ପାର୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ନଜର ଆସିବେ। ଅକ୍ଷୟଙ୍କ ସହ ଏଥିରେ ମୁଖ୍ୟ ଭୂମିକାରେ ରାନୀ ମୁଖାର୍ଜୀ ନଜର ଆସିବେ। 'ଓଃ ମାଇ ଗଡ୍' ଅକ୍ଷୟଙ୍କ କ୍ୟାରିୟରର ଏକ ଭଲ ଫିଲ୍ମ ଭାବେ ପରିଗଣିତ ହୋଇଥାଏ। ଏହାର ଦୁଇଟି ପାର୍ଟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏବେ ଏହାର ତୃତୀୟ ପାର୍ଟକୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ପ୍ରଥମ ଥର ପାଇଁ ରାନୀ, ଅକ୍ଷୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ରାୟ। ଏହାର ପ୍ରଥମ ଦୁଇଟି ପାର୍ଟରେ 'ଅନ୍ଧବିଶ୍ୱାସ' ଓ 'ସେକ୍ସ ଏଜୁକେସନ୍' ଭଳି ପ୍ରସଙ୍ଗଗୁଡ଼ିକ ଦେଖାଯାଇଥିବାବେଳେ ଏହାର ତୃତୀୟ ପାର୍ଟରେ ଏହାର କାହାଣୀ ଆଗକୁ ବଢ଼ାଯିବ। ଏଠାରେ ପ୍ରକାଶ ଥାଉ କି, ୨୦୧୨ରେ 'ଓଃ ମାଇ ଗଡ୍' ଆସିଥିଲା। ଏଥିରେ ପରେଶ ରାୱଲ ଏକ ନାସ୍ତିକ ବ୍ୟକ୍ତି ଭାବରେ ନଜର ଆସିଥିଲେ। ସେହିପରି ଅକ୍ଷୟ କୁମାର ଭଗବାନ କୃଷ୍ଣଙ୍କ ଭୂମିକାରେ ଦେଖାଯାଇଥିଲେ। ଏହାପରେ ୨୦୨୩ରେ 'ଓଃ ମାଇ ଗଡ୍ ୨' ଆସିଥିଲା। ପଙ୍କଜ ତ୍ରିପାଠୀ ଓ ୟାମୀ ଗୌତମ ଏଥିରେ ଲିଡ୍ ରୋଲରେ ନଜର ଆସିଥିବାବେଳେ ଅକ୍ଷୟ, ଭଗବାନ ଶିବଙ୍କ ଦୂତ ଭୂମିକାରେ ନଜର ଆସିଥିଲେ। ଏହି ଦୁଇଟି ଯାକ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା।



## ଅଜବ ପରମ୍ପରା
## ପତିଙ୍କୁ ତେନ୍ତୁଳି ଛାଟ

ସ୍ୱାମୀ ସ୍ତ୍ରୀ ସମ୍ପର୍କ ସାତ ଜନ୍ମର ବୋଲି କୁହାଯାଏ। ପରସ୍ପର ମଧ୍ୟରେ ସ୍ନେହ, ଭଲପାଇବା, ବିଶ୍ୱାସ ହିଁ ଦାମ୍ପତ୍ୟ ଜୀବନକୁ ସୁଖମୟ କରିଥାଏ। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ଓଷା ବ୍ରତ ଆଦି ରଖିଥାନ୍ତି। ହେଲେ ଭାରତରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କୁ ବାଡ଼ିରେ ପିଟନ୍ତି। ଏମିତି ଏକ ପରମ୍ପରା ମଧ୍ୟପ୍ରଦେଶ, ଦେବାସ ନାମକ ସ୍ଥାନରେ ଦେଖିବାକୁ ମିଳେ। ଏଠାରେ ମହିଳାମାନେ ଦେବୀମାତାଙ୍କ ପୂଜାର୍ଚ୍ଚନା କରିବା ପରେ ସ୍ୱାମୀଙ୍କୁ ନିର୍ଘୁମ ପିଟନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ବିଶେଷକରି ଗଣଗୌର ପର୍ବ ସମୟରେ ଏହି ପରମ୍ପରା ଦେଖିବାକୁ ମିଳେ। ଦେବାସ ଜିଲ୍ଲାର ବାଗଲୀ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ସୁଖ ଶାନ୍ତି ତଥା ସୁଖମୟ ବୈବାହିକ ଜୀବନ ଓ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ ରଖନ୍ତି। ଏଥିରେ ଗଣଗୌର ମାତାଙ୍କ ପୂଜାର୍ଚ୍ଚନା କରାଯାଏ। ଏହି ପର୍ବରେ ଗୁଡ଼ ଭାଙ୍ଗିବାର ଏକ ଅଦ୍ଭୁତ ପ୍ରଥା ରହିଛି। ଏଥିପାଇଁ ଏକ ଲମ୍ବା ବାଡ଼ିର ଉପରେ ଗୁଡ଼ କିମ୍ବା ନଡ଼ିଆ ଥିବା ପୁଟଳି ବନ୍ଧାଯାଏ। ପୁରୁଷମାନଙ୍କୁ ଉକ୍ତ ପୁଟଳିକୁ କବ୍‌ଜା କରିବାକୁ ହୁଏ। ତେଣୁ ଗାଁର ପୁରୁଷମାନେ ପୁଟଳିକୁ କବ୍‌ଜା କରିବାକୁ ଚେଷ୍ଟା କରନ୍ତି। ପୁରୁଷମାନେ ପୁଟଳିକୁ ଯେପରି ନ ନେଇ ପାରିବେ ସେନେଇ ମହିଳମାନେ ତେନ୍ତୁଳି ବାଡ଼ିରେ ପିଟନ୍ତି। ଅପରପକ୍ଷରେ ମହିଳାଙ୍କ ମାଡ଼ରୁ ରକ୍ଷା ପାଇଁ ପୁରୁଷମାନେ ବି ହାତରେ ଢାଲ ନେଇ ଆସିଥାନ୍ତି। ଏହି ପ୍ରକ୍ରିୟାରେ ଖେଳ ସାତ ଥର ହୋଇଥାଏ। ଏଥିରେ ପ୍ରତିବର୍ଷ ଅନେକ ପୁରୁଷଙ୍କୁ ଆଘାତ ଲାଗିଥାଏ। ଏହି ଆଘାତକୁ ଆଶୀର୍ବାଦ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି। ଏହାଦ୍ୱାରା ସେମାନଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। କେବଳ ବିବାହିତା ମହିଳା ନୁହେଁ, ଶୀଘ୍ର ବିବାହ ପାଇଁ ଅବିବାହିତ ଯୁବତୀ ମଧ୍ୟ ଏଥିରେ ଭାଗ ନିଅନ୍ତି।

## ମନୋବିଜ୍ଞାନ ପ୍ରତି ବଢୁଛି ଆଗ୍ରହ

**କୃତ୍ରିମ ବୁଦ୍ଧିମତା ଯୋଗୁଁ ଲୋକଙ୍କଠାରେ ଏକାକୀତ୍ୱ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଏବେ ଭାରତୀୟ ବିଦ୍ୟାର୍ଥୀଙ୍କର ମନୋବିଜ୍ଞାନ ପ୍ରତି ଆଗ୍ରହ ବଢୁଛି। ତା'ସହ ଏହି କ୍ଷେତ୍ରର ପାରିଶ୍ରମିକ ମଧ୍ୟ ସେମାନଙ୍କୁ ଆକର୍ଷିତ କରୁଛି।**

ବର୍ତ୍ତମାନ ମେଣ୍ଟାଲ ହେଲଥ୍ ବିଷୟ ପ୍ରତି ବଢୁଥିବା ଆଗ୍ରହ ଏକ ଟ୍ରେଣ୍ଡ ପାଲଟିଛି। ୨୦୨୦ ରୁ ୨୦୨୪ ମଧ୍ୟରେ ଏହି କ୍ଷେତ୍ର ଲାଗି ପିଲାଙ୍କ ଆଗ୍ରହ ଦଶଗୁଣ ବୃଦ୍ଧି ପାଇଛି। ଯଦି ଏହି ଧାରା ଏମିତି ଜାରି ରହିଲା, ତେବେ ଭାରତୀୟ ଯୁବପିଢ଼ିଙ୍କର ଏହି କ୍ଷେତ୍ର ପ୍ରତି ବଢୁଥିବା ମନୋଭାବରେ ଏକ ମୌଳିକ ପରିବର୍ତ୍ତନକୁ ଏହା ଇଙ୍ଗିତ କରୁଥିବା ବୁଝିବାକୁ ପଡ଼ିବ। ଏବେ ମନୋବିଜ୍ଞାନକୁ ଏମିତି ବିଷୟ ଭାବେ ଦେଖାଯାଉଛି, ଯେଉଁଥିରେ ଅଟୋମେସନର କମ୍ ପ୍ରଭାବ ରହିବ।

ଅନ୍ୟପଟେ ଏବେ ଫେଶନ୍ ଦୃଷ୍ଟିକୋଣରୁ ଅଧିକାଂଶ ପିଲା ମନୋବିଜ୍ଞାନ ପଢ଼ିବାକୁ ଚାହୁଁଛନ୍ତି। ଏହାବାଦ୍ ଏହି କ୍ଷେତ୍ରର ପାରିଶ୍ରମିକ ମଧ୍ୟ ସେମାନଙ୍କ ଆକର୍ଷିତ କରୁଛି। ଆମେରିକାରେ ମନସ୍ତତ୍ତ୍ୱବିତ୍‌ଙ୍କ ବାର୍ଷିକ ପାରିଶ୍ରମିକ ୮୫ ଲକ୍ଷ। ଏଣୁ ୨୦୩୪ ସୁଦ୍ଧା ମନୋବିଜ୍ଞାନର ଚାହିଦା ୧୭ ପ୍ରତିଶତ ବେଗରେ ବଢ଼ିବ। ସେହିପରି ବିଦେଶରେ ମନୋବିଜ୍ଞାନ ପଢ଼ିଲେ କେବଳ ବିଦେଶରେ ଚାକିରି ମିଳିବ ତାହା ନୁହେଁ, ଭାରତରେ ବି ଚାକିରିର ଯଥେଷ୍ଟ ସୁଯୋଗ ଅଛି। ଏକ ସର୍ଭେ ଅନୁସାରେ, ୨୬ ପ୍ରତିଶତ ଭାରତୀୟ ଏକାକୀତ୍ୱ ଅନୁଭବ କରୁଛନ୍ତି। ଏହା ଯୋଗୁଁ ମନୋବିଜ୍ଞାନାର ଚାହିଦା ବଢୁଥିବା କୁହାଯାଉଛି। ଭାରତରେ ପ୍ରତି ୧୦୦,୦୦୦ ଜନସଂଖ୍ୟାରେ ମାତ୍ର ୦.୪୭ ଜଣ ମନସ୍ତତ୍ତ୍ୱବିତ୍ ଅଛନ୍ତି। ଏହି ସଂଖ୍ୟା ବି ଦେଶରେ ମନସ୍ତତ୍ତ୍ୱବିତ୍‌ଙ୍କ ଆବଶ୍ୟକତାକୁ ସୂଚିତ କରୁଛି।

## ଅନ୍‌ଲାଇନ୍ ବ୍ୟାଙ୍କିଂର ସାହାଯ୍ୟ ନେଉଥିଲେ...

**ବର୍ତ୍ତମାନ ସମସ୍ତେ ଅନ୍‌ଲାଇନ୍ ବ୍ୟାଙ୍କିଂକୁ ପ୍ରାଥମିକତା ଦେଉଛନ୍ତି। ଏହା ଦ୍ୱାରା ବ୍ୟାଙ୍କରେ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବାକୁ ପଡୁନି। ଯଦିଓ ଅନ୍‌ଲାଇନ୍ ବ୍ୟାଙ୍କିଂ ଜୀବନକୁ ସହଜ କରିଛି, ତଥାପି ଏହାକୁ ବ୍ୟବହାର କରିବା ସମୟରେ କିଛି ଦିଗ ପ୍ରତି ଧ୍ୟାନ ଦେବା ଦରକାର।**



- ଅନ୍‌ଲାଇନ ବ୍ୟାଙ୍କିଂ ବ୍ୟବହାର କରୁଥିଲେ ଏହାର ଏକ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ରଖିବା ଦରକାର। ପାସ୍‌ୱାର୍ଡ ଏଭଳି ରଖନ୍ତୁ, ଯେଉଁଥିରେ ଅକ୍ଷର, ନମ୍ବର ଓ ଚିହ୍ନର ମିଶ୍ରଣ ଥିବ।
- ସାଧାରଣତଃ କାଫେ ତଥା ସର୍ବସାଧାରଣ ସ୍ଥାନରେ ୱାଇଫାଇର ବ୍ୟବହାର ଲୋକେ ଭାବିଚିନ୍ତି କରି ନ ଥାନ୍ତି। ଯଦି ଅନ୍‌ଲାଇନ୍ ବ୍ୟାଙ୍କିଂ ବ୍ୟବହାର କରୁଛନ୍ତି, ତେବେ ପବ୍ଲିକ୍ ୱାଇଫାଇ ବ୍ୟବହାରରୁ ଦୂରେଇ ରୁହନ୍ତୁ। ହ୍ୟାକରଙ୍କ ପାଇଁ ଏଭଳି ଆକାଉଣ୍ଟ ହ୍ୟାକ୍ କରିବା ସହଜ ହୋଇଯାଏ।
- ନେଣଦେଣର ମେସେଜ ମଧ୍ୟ ବ୍ୟାଙ୍କରୁ ଆସେ। ଯାହାକୁ ଲୋକେ ଅଣଦେଖା କରନ୍ତି। ଏଭଳି ଅଣଦେଖା କରିବା ଠିକ୍ ନୁହେଁ
- ଫୋନ୍‌ରେ ଏସ୍‌ଏମ୍‌ଏସ୍ ଏବଂ ଇମେଲ୍ ଆଲର୍ଟ ଚାଲୁ କରିବା ଦରକାର। ଏଭଳି ହେବା ଦ୍ୱାରା ପଇସାର ନେଣଦେଣ ଯେତେବେଳେ ବି ହେବ, ତୁରନ୍ତ ଜଣାପଡ଼ିବ।
- ବ୍ୟାଙ୍କ ଷ୍ଟେଟମେଣ୍ଟକୁ ନିତିଦିନ ଯାଞ୍ଚ କରିବା ଭଲ।
- ଅଜଣା ଟ୍ରାନ୍‌ଜାକସନ ଉପରେ ଗୁରୁତ୍ୱ ଦେବା ଜରୁରି।

## ସମ୍ଭାବନା

## କେମିତି ବଢ଼ାଇବେ ଶବ୍ଦ ଜ୍ଞାନ

**ଶବ୍ଦ ଜ୍ଞାନ ବଢ଼ାଇବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। ଏହା କଥାବାର୍ତ୍ତାର କୌଶଳ ସୁଧାରିବାରେ ସାହାଯ୍ୟ କରେ। ତେଣୁ ଏହି ଜ୍ଞାନ କିଭଳି ନିଜ ଭିତରେ ବଢ଼ିବ, ସେ ସମ୍ପର୍କରେ ଜାଣିବା।**

- ନିତିଦିନ ଗୋଟିଏ ନୂଆ ଶବ୍ଦ ଶିଖିବା ହେଉଛି ଏ ଲାଗି ଏକ ପ୍ରଭାବି ଉପାୟ।
- ନୂଆ ଶବ୍ଦ ଶିଖିବା ପରେ ଏହାକୁ ବାକ୍ୟରେ ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ।
- ଏହା ଦ୍ୱାରା କେବଳ ଜ୍ଞାନ ବଢ଼ିବ ନାହିଁ, ବରଂ ଶବ୍ଦର ଠିକ୍ ଉପଯୋଗ କରିବା ଶିଖି ହୁଏ।
- ଶବ୍ଦାବଳୀ ଜ୍ଞାନ ବଢ଼ାଇବାର ଭଲ ଉପାୟ ହେଉଛି ବହି ପଢ଼ିବା।
- ଏଭଳି ବହି ପଢ଼ନ୍ତୁ ଯେଉଁଥିରେ ନିଆରା ଓ ନୂତନ ଶବ୍ଦ ଥିବ।
- ମୁଖ୍ୟତଃ ଉପନ୍ୟାସ, ନିବନ୍ଧ, ଖବରକାଗଜ ପଢ଼ିବା ଦ୍ୱାରା ନୂଆ ଶବ୍ଦ ମିଳେ।
- ନୂଆ ଶବ୍ଦ ଶିଖିବା ସହିତ ଏହାର ଅର୍ଥ ବି ଜାଣିବା ଜରୁରି।
- ସେହିପରି ଶବ୍ଦର ସଠିକ୍ ଉଚ୍ଚାରଣ ବି ଜରୁରି।
- ଶିଖିଥିବା ନୂଆ ଶବ୍ଦର ଅଭ୍ୟାସ କରିବା ଦରକାର।
- ଏହାବାଦ୍ ନିତିଦିନ ଜୀବନରେ ନୂଆ ଶବ୍ଦ ବ୍ୟବହାର କରିବା ଉଚିତ।

## ଟ୍ରେଣ୍ଡରେ ପୋର୍ଟେବୁଲ ପ୍ରୋଜେକ୍ଟର

ଆଜିର ସମୟରେ ଲୋକେ ସ୍ମାର୍ଟ ଏବଂ ପୋର୍ଟେବୁଲ ଗ୍ୟାଜେଟ୍‌କୁ ବେଶି ପସନ୍ଦ କରୁଛନ୍ତି। ବିଶେଷକରି ଯୁବପିଢ଼ି ଏବଂ କର୍ମଜୀବୀଙ୍କଠାରେ ଏହାର ଚାହିଦା ବେଶି। ଏହି କ୍ରମରେ ଏବେ ପୋର୍ଟେବୁଲ ବା ମିନି ପ୍ରୋଜେକ୍ଟର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହା ଏମିତି ଏକ ପ୍ରୋଜେକ୍ଟର ଯାହାକୁ ହାତରେ ସହଜରେ ଧରିବା ସମ୍ଭବ ଏବଂ ପକେଟ୍‌ରେ ରଖିବା ସୁବିଧାଜନକ। ଅବଶ୍ୟ ଡିଭାଇସ୍‌ଟି ଛୋଟ ହେଲେ ବି ସ୍କ୍ରିନ୍‌ରେ ଏହା ୮-୧୦୦ ଇଞ୍ଚ ପର୍ଯ୍ୟନ୍ତ ଡିସପ୍ଲେ ପ୍ରଦର୍ଶନ କରିବାର କ୍ଷମତା ରଖିଥାଏ।

ତେବେ ମିନି ପ୍ରୋଜେକ୍ଟରର ବିଶେଷତ୍ୱ ହେଉଛି ଏହାକୁ ଘର କାନ୍ଥରେ କେଉଁଠି ବି ଲଗାଇପାରିବେ। ସାଙ୍ଗମାନଙ୍କ ସହିତ ମୁଭି ନାଇଟ୍‌କୁ ଯିବା ବେଳେ ବି ଏହାକୁ ସାଙ୍ଗରେ ନେଇପାରିବେ। ଅବଶ୍ୟ ଏ ଲାଗି କେବଳ ଏକ ଧଳା ସ୍କ୍ରିନ୍ ପାଖରେ ରହିବା ଜରୁରି। ଅନ୍ୟପଟେ ଏବେ ଅଧିକାଂଶ ମିନି ପ୍ରୋଜେକ୍ଟରରେ ୱାଇଫାଇ ଏବଂ ବ୍ଲୁଟୁଥ୍ ସପୋର୍ଟ ମିଳିଥାଏ। ଏହା ଦ୍ୱାରା ଏହାକୁ ଲାପଟପ୍, ମୋବାଇଲ, ଟାବଲେଟ୍ ଦ୍ୱାରା ସିଧା ସଂଯୋଗ କରାଯାଇପାରିବ। ସେହିପରି କିଛି ମଡେଲରେ ଆଣ୍ଡ୍ରଏଡ୍ ସିଷ୍ଟମ ଥାଏ। ଯାହାକୁ ୟୁଟ୍ୟୁବ୍, ନେଟ୍‌ଫ୍ଲିକ୍ସ ଭଳି ଆପ୍ ମଧ୍ୟ ସିଧା ପ୍ରୋଜେକ୍ଟରରେ ଚାଲିପାରେ।

## ଟ୍ରାଭିସ୍ ହେଡ୍-୧୬୩, ଷ୍ଟିଭେନ୍ ସ୍ମିଥ୍-୧୨୯*

# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ସିଡ୍‌ନୀ ଟେଷ୍ଟ

ସିଡ୍‌ନୀ,୬ା୧(ଏଜେନ୍ସି)

ଅଲ୍‌ରାଉଣ୍ଡର ଟ୍ରାଭିସ୍ ହେଡ୍ ଓ କାମଚଳା ଅଧିନାୟକ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଶତକ ସହାୟତାରେ ସିଡ୍‌ନୀରେ ଇଂଲଣ୍ଡ ସହ ଚାଲିଥିବା ୫ମ ତଥା ଶେଷ ଆସେସ୍ ଟେଷ୍ଟ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ଏହି ଟେଷ୍ଟରେ ଜୋ ରୁଟ (୧୬୦)ଙ୍କ ୪୧ତମ ଶତକ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୩୮୪ ରନ୍ କରିଥିଲା। ଜବାବରେ ଟ୍ରାଭିସ୍ ହେଡ୍‌ଙ୍କ ୧୬୩ ଓ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଅପରାଜିତ ୧୨୯ ରନ୍ ସହାୟତାରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ୫୧୮ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସ୍ମିଥ୍‌ଙ୍କ ସହ ଯୁବ ଅଲରାଉଣ୍ଡର ବିଉ ୱେବ୍‌ଷ୍ଟର ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୨ ରନ୍‌ରେ ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ୨ ଦିନ ବାକିଥିଲାବେଳେ ଅଷ୍ଟ୍ରେଲିଆ ପାଖରେ ୩ଟି ୱିକେଟ ବାକିଥାଇ ୧୩୪ ରନ୍‌ରେ ଆଗୁଆ ରହିଛି। ଇଂଲଣ୍ଡ ପକ୍ଷରୁ କୌଣସି ବୋଲର ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ନ ଥିଲାବେଳେ ବ୍ରାଇଡନ କାର୍ସ ସର୍ବାଧିକ ୩ଟି ଓ ଅଠଧନାୟକ ବେନ୍ ଷ୍ଟୋକ୍ସ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଚଳିତ ଆସେସ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଅପରାଜେୟ ଅଗ୍ରଣୀ ସହ ଆଗୁଆ ସିରିଜ୍ ଜିତିନେଇଛି।



ଏହି ଟେଷ୍ଟରେ ଆଜି ସକାଳେ ଅଷ୍ଟ୍ରେଲିଆ ଦଳ ୨ ୱିକେଟରେ ୧୬୬ ରନ୍‌ରୁ ଖେଳ ଆରମ୍ଭ କରି ଦିନ ସାରା ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ୮ଟି ପାର୍ଟନରସିପ୍‌ରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଥିଲା। ଏହା ମଧ୍ୟରୁ ଦ୍ୱିତୀୟ ୱିକେଟ ଯୋଡିରୁ ସର୍ବାଧିକ ୧୦୫ ଓ ଷଷ୍ଠ ୱିକେଟ ଯୋଡିରୁ ସର୍ବନିମ୍ନ ୨୭ ରନ୍ ମିଳିଥିଲା। ହେଡ୍ ପ୍ରଥମ ୪ଟି ୱିକେଟ ପାର୍ଟନରସିପ୍‌ରେ ୫୦ରୁ ଊର୍ଦ୍ଧ୍ୱ ଲେଖାଏଁ ରନ୍ ହାସଲ କରିଥିଲେ। ଟେଷ୍ଟ କ୍ୟାରିୟରରେ ଦ୍ୱାଦଶ ଶତକ ହାସଲ କରିଥିବା ହେଡ୍ ୧୬୬ଟି ବଲ୍‌ର ସମ୍ମୁଖୀନ ହୋଇ ୨୪ ଚୌକା ଓ ୧ ଛକା ସହ ୧୬୩ ରନ୍‌ରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ କ୍ୟାରିୟରର ୩୭ତମ ଶତକ ହାସଲ କରିଥିବା ସ୍ମିଥ୍ ୨୦୫ ବଲ୍ ଖେଳି ୧୫ ଚୌକା ଓ ୧ଛକା ସହ ୧୨୯ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗତକାଲି ମାର୍ନସ ଲାବୁସେନ ୪୮, ଆଜି କାମେରନ୍ ଗ୍ରୀନ୍ ୩୭ ଓ ବିଉ ୱେବ୍‌ଷ୍ଟର ଅପରାଜିତ ୪୨ ରନ୍ କରିଥିଲେ। ସ୍ମିଥ୍ ଓ ୱେବ୍‌ଷ୍ଟର ଅବିଭକ୍ତ ୮ମ ୱିକେଟ ପାର୍ଟନରସିପ୍‌ରୁ ୮୧ ରନ୍ ଉଠାଇ ଇଂଲଣ୍ଡ ନିକଟରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଇଂଲଣ୍ଡର ବୋଲରମାନେ ବିଶେଷ ପ୍ରଭାବ ପକାଇ ପାରି ନ ଥିଲେ। ତେବେ ଦଳ ପକ୍ଷରୁ ବ୍ରାଇଡନ କାର୍ସ ସର୍ବାଧିକ ୩ଟି ଓ ବେନ୍ ଷ୍ଟୋକ୍ସଙ୍କୁ ୨ଟି ୱିକେଟ ମିଳିଥିଲା।

### ବ୍ରାଡ୍‌ମ୍ୟାନ୍‌ଙ୍କ ପଛକୁ ସ୍ମିଥ୍ ଦ୍ୱିତୀୟ

ସ୍ମିଥ୍ ଏଠାରେ ୩୭ତମ ତଥା ଆସେସ ସିରିଜ୍‌ରେ ୧୩ତମ ଶତକ ହାସଲ କରିଛନ୍ତି। ଆସେସ୍‌ରେ ସର୍ବାଧିକ ୧୯ଟି ଶତକ ଡନ୍ ବ୍ରାଡ୍‌ମ୍ୟାନଙ୍କ ନାମରେ ରହିଛି। ଷ୍ଟିଭ୍ ୱ ୧୦ଟି ଶତକ ହାସଲ କରିଛନ୍ତି। ଇଂଲଣ୍ଡର ଜ୍ୟାକ୍ ହବ୍ସ ୧୨, ୱାଲି ହାମଣ୍ଡ ଓ ଡେଭିଡ୍ ଗୱର ୯ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ତେନ୍ଦୁଲକର ସର୍ବାଧିକ ୫୧, କାଲିସ ୪୫, ପଣ୍ଟିଂ ଓ ରୁଟ୍ ୪୧ଟି ଲେଖାଏଁ, ସାଙ୍ଗାକାରା ୩୮ଟି ଶତକ ହାସଲ କରିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟରେ ସ୍ମିଥ୍ ଚତୁର୍ଥ ବ୍ୟାଟର ଭାବେ ଗୋଟିଏ ଦେଶ ବିପକ୍ଷରେ ୫,୦୦୦ ରନ୍ ପୂରଣ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ସ୍ମିଥ୍ ୯୦ଟି ମ୍ୟାଚ୍‌ରୁ ୫୦୮୫ ରନ୍ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା, ବିରାଟ କୋହଲି ଅଷ୍ଟ୍ରେଲିଆ ଓ ବ୍ରାଡ୍‌ମ୍ୟାନ୍ ଇଂଲଣ୍ଡ ବିପକ୍ଷରେ ଏହି ସଫଳତା ପାଇଛନ୍ତି।

## ଫେବୃଆରୀ ୧୪ରୁ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୬ା୧(ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍)କୁ ନେଇ ଯେଉଁ କଳ୍ପନା ଜଳ୍ପନା ଚାଲିଥିଲା ତାହା ଆଜି ଶେଷ ହୋଇଛି। ଆୟୋଜନର ଅନିଶ୍ଚିତତା ଦେଇ ଗତି କରୁଥିବା ଏହି ଟୁର୍ଣ୍ଣାମେଣ୍ଟ ଏଥର ଫେବୃଆରୀ ୧୪ରୁ ଆରମ୍ଭ ହେବ ବୋଲି ସର୍ବଭାରତୀୟ ଫୁଟବଲ ମହାସଂଘ ସଭାପତି କଲ୍ୟାଣ ଚୌବେ ଘୋଷଣା କରିଛନ୍ତି। ଏଥିରେ ସମସ୍ତ ୧୪ଟି ଯାକ କ୍ଲବ୍ ଅଂଶଗ୍ରହଣ କରିବେ। ହୋମ୍ ଆଣ୍ଡ ଆୱେ ଫର୍ମାଟରେ ୯୧ଟି ମ୍ୟାଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଖେଳାଯିବ। ସେହିପରି ଆଇ-ଲିଗ୍ ମଧ ଖେଳାଯିବ। ଏଥିରେ ୫୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଭବିଷ୍ୟତ ନିର୍ଦ୍ଧାରଣ କରିବା ଲାଗି ଆଜି ଏଆଇଏଫ୍‌ଏଫ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ମୋଟ ଖର୍ଚ୍ଚ ୨୫ କୋଟି ଟଙ୍କା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଖର୍ଚ୍ଚ ହେବ। ଏହାକୁ ପରିଚାଳନା କରିବା ଲାଗି ପ୍ରାୟୋଜକ ମିଳିଲା ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍ ୧୪ କୋଟି ଟଙ୍କା ବ୍ୟୟ କରିବ। ସେହିପରି ଆଇ-ଲିଗ୍ ଲାଗି ୩.୨ କୋଟି ଟଙ୍କା ଏଆଇଏଫ୍‌ଏଫ୍ ଦେବ। ଉଭୟ ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଏକ ଗଭର୍ଣ୍ଣିଂ କାଉନ୍ସିଲ ବୋର୍ଡ ଗଠନ କରାଯାଇଛି।

## ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏଥର ରେକର୍ଡ ପୁରସ୍କାର




ମେଲବୋର୍ଣ୍ଣ, ୬ା୧ (ଏଜେନ୍ସି): ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୪ତମ ସଂସ୍କରଣ ଚଳିତ ମାସ ୧୮ରୁ ଆରମ୍ଭ ହେବ। ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଚଳିତ ସଂସ୍କରଣରେ ରେକର୍ଡ ୭୪.୯ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୬୭୫ କୋଟି ୪୪ ଲକ୍ଷ) ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଗତ ସଂସ୍କରଣଠାରୁ ୧୬ ପ୍ରତିଶତ ଅଧିକ। ୨୦୨୫ ସଂସ୍କରଣରେ ପୁରସ୍କାର ବାବଦକୁ ମୋଟ୍ ୬୪.୮୧ ମିଲିୟନ ଡଲାର ଦିଆଯାଇଥିଲା। ଏଥର ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୨.୭୯ ମିଲିୟନ ଡଲାର (ପ୍ରାୟ ୨୫ କୋଟି ୧୬ ଲକ୍ଷ ଟଙ୍କା) ସାଙ୍ଗରେ ଘରକୁ ନେବେ। ରନର୍ସଅପ୍ ଖେଳାଳି ୧୩ କୋଟି ୩ ଲକ୍ଷ ଟଙ୍କାରେ ସନ୍ତୁଷ୍ଟ ରହିବେ। ସେମିଫାଇନାଲରେ ପରାଜିତ ଖେଳାଳି ୭.୫୭ କୋଟି ଟଙ୍କା, ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଖେଳାଳିଙ୍କୁ ୯୦.୮୫ ଲକ୍ଷ ଟଙ୍କା ମିଳିବ।

## ଲକ୍ଷ୍ୟ ସେନଙ୍କ ବିଜୟ ଅଭିଯାନ

କ୍ୱାଲାଲୁମ୍ପୁର, ୬ା୧ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ମାଲେସିଆ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୬୪'ର ଏକ ମ୍ୟାଚରେ ଲକ୍ଷ୍ୟ ୨୧-୧୬, ୧୫-୨୧, ୨୧-୧୪ ଗେମରେ ହଂକଂର ଜିଆ ହେଙ୍ଗ୍ ଜାସନ ତେହଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ଏକ ଘଣ୍ଟା ୧୦ ମିନିଟ ସମୟ ଲାଗିଥିଲା। ବିଶ୍ୱ ମାନ୍ୟତାର ୧୩ତମ ସ୍ଥାନରେ ରହିଥିବା ଲକ୍ଷ୍ୟ ରାଉଣ୍ଡ-୩୨ରେ ଅନ୍ୟତମ ହଂକଂ ଖେଳାଳି ଲି ଚିଉକ'ଙ୍କୁ ଭେଟିବେ।

## ଏସିଆ ସ୍କୁଲ ରଗବୀରେ ଭାଗନେବ କିସ୍‌ର ଦୁଇ ଦଳ

ଭୁବନେଶ୍ୱର, ୬ା୧ (ସମିସ): ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଚଳିତ ମାସ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏସିଆ ସ୍କୁଲ ରଗବୀ ସେଭେନ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ କିସ୍‌ର ଉଭୟ ବାଳକ ଓ ବାଳିକା ଦଳ ଭାରତରୁ ପ୍ରତିନିଧିତ୍ୱ କରିବେ। ବିଦ୍ୟାଧର ମାଝି ଓ ମାମାଲି ସିଂ ଯଥାକ୍ରମେ ବାଳକ ଓ ବାଳିକା ଦଳର ନେତୃତ୍ୱ ଦିଆଯାଇଛି। ଏସୀୟ ସ୍କୁଲ ରଗବୀରେ ଭାଗନେବାକୁ ଯାଉଥିବା ଉଭୟ ବାଳକ ଓ ବାଳିକା ଦଳକୁ କିସ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ ଗଗନେନ୍ଦୁ ଦାଶ, ଓଡ଼ିଶା ରଗବୀ ଫୁଟ୍‌ବଲ ଆସୋସିଏସନର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମହିଳା ହକି ଇଣ୍ଡିଆ ଲିଗ୍ | ଟାଇଗର୍ସ-ପାଇପର୍ସ ଫାଇନାଲ ମୁକାବିଲା

ରାଞ୍ଚି,୬ା୧(ଏଜେନ୍ସି): ଶ୍ରାଚି ବେଙ୍ଗଲ ଟାଇଗର୍ସ ୭-୬ ସଡନ ଡେଥ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୦ ତାରିଖରେ ଉପରୋକ୍ତ ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ହେବ। ପୂର୍ବରୁ ସର୍ବାଧିକ ପଏଣ୍ଟ ପାଇ ପାଇପର୍ସ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିସାରିଥିଲା। ଆଜିର ମୁକାବିଲା କେବଳ ଏକ ଔପଚାରିକତା ଥିଲା ଏଥିରେ ଦଳ ପରାଜିତ ହୋଇଥିଲେ ମଧ୍ୟ ଫାଇନାଲରେ ପ୍ରବେଶ କରିବାରେ କୌଣସି ଅସୁବିଧା ହୋଇ ନ ଥିଲା। ମାରଙ୍ଗ ଗୋମକେ ଜୟପାଲ ସିଂ ହକି ଷ୍ଟାଡିୟମ୍‌ରେ ଟାଇଗର୍ସ-ପାଇପର୍ସ ମଧ୍ୟରେ ଖେଳାଯାଇଥିବା ମୁକାବିଲା ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ଏହା ପରେ ଖେଳର ମୀମାଂସା ଲାଗି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ମଧ ଖେଳ ୨-୨ ଗୋଲରେ ସମାନ ରହିଥିଲା। ଏହା ପରେ ସଡନ ଡେଥର ସହାୟତା ନିଆଯାଇଥିଲା। ଟାଇଗର୍ସ ଏହାକୁ ୭-୬ ମୁକାବିଲାରେ ଜିତିବା ସହ ବୋନସ ପଏଣ୍ଟ ପାଇ ଫାଇନାଲରେ ପ୍ରବେଶ କରିଥିଲା। ଉଭୟ ଦଳ ମଧ୍ୟରେ ଫାଇନାଲ ମୁକାବିଲା ଆସନ୍ତା ୧୦ରେ ଖେଳାଯିବ।



### ଡ୍ରାଗନ୍ସର ଦ୍ୱିତୀୟ ବିଜୟ

ଚେନ୍ନଇ : ଏଠାରେ ଆଜି ଖେଳାଯାଇଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ସୁରମା ହକି କ୍ଲବ୍‌କୁ ହରାଇ ଦ୍ୱିତୀୟ ବିଜୟ ହାସଲ କରିଛି। ଆୟୋଜକ ଦଳ ଉଦ୍‌ଘାଟନୀ ମୁକାବିଲାରେ ହାଇଦ୍ରାବାଦ୍ ତୁଫାନ୍ସକୁ ୪-୨ ଗୋଲରେ ହରାଇଥିଲା। ଆଜିର ମୁକାବିଲାରେ ଡ୍ରାଗନ୍ସ ପକ୍ଷରୁ ସେଲଭାରାଜ କନକରାଜ, ଉତ୍ତମ ସିଂ ଓ ବ୍ଲେକ୍ ଗୋଭର୍ସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁରମା ପକ୍ଷରୁ ମନିନ୍ଦର ସିଂହ ଓ ହରମନପ୍ରୀତ୍ ସିଂହ ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଆସନ୍ତାକାଲି ଏଚ୍‌ଆଇଏଲ୍ ବନାମ ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ୍ ବନାମ ରାଞ୍ଚି ରୟାଲ୍ସ ମଧ୍ୟରେ ମୁକାବିଲା ହେବ।

## ଫିଟ୍‌ନେସ୍ ପ୍ରମାଣ ଦେଲେ ଆୟର

ଜୟପୁର,୬ା୧(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଏଠାରେ ଆଜି ଅନୁଷ୍ଠିତ ହିମାଚଳ ପ୍ରଦେଶ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ୫୩ ବଲ୍‌ରୁ ୮୨ ରନ୍ କରି ଫର୍ମ ଓ ଫିଟ୍‌ନେସର ପ୍ରମାଣ ଦେଇଛନ୍ତି। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ ୧୫ ରନ୍ କରିଥିଲେ ଓ ଶିବମ ଦୁବେ ୪ଟି ୱିକେଟ ନେଇଥିଲେ। ଫଳରେ ଏହି ମ୍ୟାଚ୍‌ରେ ମୁମ୍ବଇ ୭ ରନ୍‌ରେ ହିମାଚଳକୁ ହରାଇଥିଲା।

**ଅମନଙ୍କ ଦ୍ୱିଶତକ**: ବେଙ୍ଗଲ ବିପକ୍ଷ ମ୍ୟାଚ୍‌ରେ ହାଇଦରାବାଦ୍ ଓପନର ଅମନ ରାଓ ଦ୍ୱିଶତକ ହାସଲ କରିଛନ୍ତି। ସେ ୧୩ଟି ଛକା ସହ ଠିକ୍ ୨୦୦ ରନ୍ କରିବା ଫଳରେ ତାଙ୍କ ଦଳ ବେଙ୍ଗଲକୁ ୧୦୭ ରନ୍‌ରେ ପରାସ୍ତ କରିଛି। ଦଳର ତାରକା ବୋଲର ମହମ୍ମଦ୍ ସିରାଜ ୪ ୱିକେଟ ନେଇଥିଲାବେଳେ ବେଙ୍ଗଲର ଶାହାବାଜ୍ ଅହମ୍ମଦ୍ ଅପରାଜିତ ୧୦୮ ରନ୍ କରିଥିଲେ।

**ପ୍ରସିଦ୍ଧଙ୍କୁ ୫ ୱିକେଟ** : ମୟଙ୍କ ଅଗରୱାଲ ୧୦୦ ଓ ଫର୍ମରେ ଥିବା ଦେବଦତ୍ତ ପାଡିକଲ ୯୧ ରନ୍ କରିବା ଫଳରେ କର୍ଣ୍ଣାଟକ ୧୫୦ ରନ୍‌ରେ ରାଜସ୍ଥାନକୁ ପରାସ୍ତ କରିଛି। କର୍ଣ୍ଣାଟକର ପ୍ରସିଦ୍ଧ କ୍ରିଷ୍ଣା ଶେଷ ୪ଟି ସମେତ ୫ ୱିକେଟ ନେଇଛନ୍ତି।

**ଟାଇ ମ୍ୟାଚ୍** : ଆନ୍ଧ୍ରପ୍ରଦେଶ ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ମୁକାବିଲା ଟାଇ ରହିଛି। ଉଭୟ ଦଳ ୩୨୪ ରନ୍ ଲେଖାଏଁ କରିଥିଲେ।

## ଏଥର ୪ଟି କ୍ରୀଡ଼ାରେ ସିଏମ୍ ଟ୍ରଫି

ଭୁବନେଶ୍ୱର, ୬ା୧ (ସମିସ): ଚାରୋଟି କ୍ରୀଡ଼ାକୁ ନେଇ 'ସିଏମ୍ ଟ୍ରଫି'ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ସିଏମ୍ ଟ୍ରଫିରେ ଏଥର ଫୁଟ୍‌ବଲ (୧୫ ବର୍ଷରୁ କମ୍), ଭଲିବଲ୍ (୧୪ ବର୍ଷରୁ କମ୍), କବାଡ଼ି (୧୬ ବର୍ଷରୁ କମ୍) ଓ ଖୋ ଖୋ' (୧୪ ବର୍ଷରୁ କମ୍)ରେ ଟୁର୍ଣ୍ଣାମେଣ୍ଟ ହେବ। ପ୍ରଥମ ସଂସ୍କରଣରେ କେବଳ ଫୁଟ୍‌ବଲରେ ସିଏମ୍ ଟ୍ରଫି ଖେଳାଯାଇଥିଲା। ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚୟନ କରାଯାଇ ଜିଲ୍ଲାସ୍ତର, ଜୋନାଏ ଏବଂ ଶେଷରେ ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଜାନୁଆରୀ ୭ରୁ ୧୪ ତାରିଖ ମଧ୍ୟରେ କ୍ରୀଡ଼ାବିତ୍‌ମାନେ ସିଏମ୍ ଟ୍ରଫି ଚାମ୍ପିଅନସିପ୍ ପାଇଁ ପଞ୍ଜୀକରଣ କରିପାରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

### ଜୁନିଅର ଜାତୀୟ ଅସିଚାଳନା

## ଫଏଲ୍ ଦଳଗତ ଇଭେଣ୍ଟରେ ହରିୟାଣା ଚାମ୍ପିଅନ

କଟକ,୬ା୧(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୩୩ତମ ଜୁନିଅର ଜାତୀୟ ଅସିଚାଳନା ଚାମ୍ପିଅନସିପ ଜାରି ରହିଛି। ଆଜି ଫଏଲ ଇଭେଣ୍ଟରେ ମୁକାବିଲା ହୋଇଥିଲା। ଦଳଗତ ପର୍ଯ୍ୟାୟରେ ହରିୟାଣା ବାଳିକା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏହି ଇଭେଣ୍ଟରେ ଚଣ୍ଡିଗଡ଼ ଏବଂ ମଣିପୁର ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ଫଏଲ ବାଳିକା ଏକକ ଇଭେଣ୍ଟରେ ହରିୟାଣାର କାନୁପ୍ରିୟା ଚାୱଲା ସ୍ୱର୍ଣ୍ଣ, ପଞ୍ଜାବର ଜସମିନ କୌର ରୌପ୍ୟ, ହରିୟାଣାର ପ୍ରାଚୀ କାଂସ୍ୟ, ଫଏଲ ବାଳକ ଏକକ ଇଭେଣ୍ଟରେ ଏସ୍‌ଏସ୍‌ସିବିର ହିମାଶ ସିଂହ ସ୍ୱର୍ଣ୍ଣ, ହରିୟାଣାର ସଚିନ ରୌପ୍ୟ, ମଣିପୁରର ଅବିନାଶ ମିତେଇ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଅସିଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଭାରତୀୟ ଅସିଚାଳନା ମହାସଂଘର ଅଫିସିଆଲ ରାଜୀବ ଗୋଲ୍ଡି ଏବଂ ସିନେଷ୍ଟାର ଶ୍ରୀତମ ଦାସ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶଥାଉକି, ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେଇଛନ୍ତି। ଚାମ୍ପିଅନସିପ୍ ୧୦ ତାରିଖରେ ଉଦ୍‌ଯାପିତ ହେବ।



## ଜାତୀୟ ସିନିଅର ଭଲିବଲ୍‌ରେ ଓଡ଼ିଶାର କ୍ରମାଗତ ବିଜୟ

ଭୁବନେଶ୍ୱର, ୬ା୧ (ସମିସ): ବାରଣାସୀରେ ଚାଲିଥିବା ଜାତୀୟ ସିନିଅର ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩-୧ ସେଟ୍ (୨୫-୨୧, ୨୫-୨୨, ୨୩-୨୫, ୨୫-୧୮)ରେ ତେଲଙ୍ଗାନାକୁ ହରାଇଦେଇଛି। ଏଥିପୂର୍ବରୁ ପ୍ରଥମ ମୁକାବିଲାରେ ଓଡ଼ିଶା ୩-୦ ସେଟ୍ (୨୫-୨୧, ୨୫-୧୯, ୨୫-୧୬)ରେ ବିହାରକୁ ପରାସ୍ତ କରିଥିଲା। କ୍ରମାଗତ ବିଜୟ ଲାଗି ଓଡ଼ିଶା ପୁରୁଷ ଭଲିବଲ୍ ଦଳକୁ ରାଜ୍ୟ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ, ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

### ବିଜୟ ହଜାରେ ଟ୍ରଫି

# ଶୋଚନୀୟ ପରାଜୟ; ଓଡ଼ିଶାର କ୍ୱାର୍ଟର ଆଶା ଧୂଳିସାତ୍

କଟକ,୬ା୧(ସମିସ)

ଚଳିତ ବିଜୟ ହଜାରେ ଟ୍ରଫିରେ ହ୍ୟାଟ୍ରିକ ବିଜୟ ପରେ କ୍ରମାଗତ ଦୁଇଟି ପରାଜୟ ଯୋଗୁଁ ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା ଧୂଳିସାତ ହୋଇଯାଇଛି। ମଙ୍ଗଳବାର ବେଙ୍ଗାଲୁରୁର ଅଲୁର ଗ୍ରାଉଣ୍ଡରେ ତାରକା ଖଚିତ ଗୁଜରାଟ ୨୩୩ ରନରେ ଓଡ଼ିଶାକୁ

**ଗୁଜୁରାଟଠାରୁ ୨୩୩ ରନରେ ହାରିଲା**

ଶୋଚନୀୟ ଭାବେ ପରାସ୍ତ କରିଛି। ଗୁରୁବାର ରେଳବାଇ ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ୬ଟି ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୧୨ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଡି ଟେବଲର ୫ମ ସ୍ଥାନରେ ରହିଛି। ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ପରେ ଓଡ଼ିଶା ବରିଷ୍ଠ ପୁରୁଷ ଦଳ ପୁର୍ନବାର ବିଜୟ ହଜାରେ ଟ୍ରଫିରେ ମଧ ନିରାଶ କରିଛି।



ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ଗୁଜରାଟକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ୧୮ ବର୍ଷୀୟ ବାମହାତୀ ସ୍ପିନର ସୟଦ ଟି ଅହମ୍ମଦଙ୍କୁ ପଦାର୍ପଣର ସୁଯୋଗ ମିଳିଥିଲା। ତେବେ ଓପନିଂ ଭାଗୀଦାରୀରେ ୧୧୮ ରନ ଯୋଡ଼ି ଗୁଜରାଟ ଓଡ଼ିଶାକୁ ପ୍ରାରମ୍ଭରୁ ଚାପରେ ରଖିଥିଲା। ୱିକେଟକିପର ଓପନର ଉର୍ଭିଳ ପଟେଲ ୬୪ ରନ କରିଥିବାବେଳେ ନବାଗତ ସୌମ୍ୟରଞ୍ଜନ ଲେଙ୍କାଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ଆର୍ଯ୍ୟ ଦେଶାଇ ୫୪ ରନରେ ଗୋବିନ୍ଦ ପୋଦ୍ଦାରଙ୍କ ବଲରେ କ୍ଲିନବୋଲ୍ଡ ହୋଇଥିଲେ। ୧୪୦ ରନରେ ଦୁଇ ଓପନରଙ୍କୁ ହରାଇବା ସତ୍ତ୍ୱେ ମଧ୍ୟକ୍ରମ ବ୍ୟାଟରଙ୍କ ସହାୟତାରେ ଗୁଜରାଟ ୬ ୱିକେଟ ବିନିମୟରେ ୩୩୩ ରନ ସଂଗ୍ରହ କରିଥିଲା। ଷ୍ଟାର୍ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ୬୦ ବଲରୁ ୭୩ ରନର ଦ୍ରୁତ ପାଳି ଖେଳି ବିପ୍ଳବଙ୍କ ବଲରେ ବୋଲ୍ଡ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆହାନ ପୋଦ୍ଦାର ୬୪, ସୌରଭ ଚୌହ୍ୱାନ ୪୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଅଧିନାୟକ ବିପ୍ଳବଙ୍କୁ ୨ଟି ୱିକେଟ ଏବଂ ଦେବବ୍ରତ ପ୍ରଧାନ, ଗୋବିନ୍ଦ ଏବଂ ସୌମ୍ୟଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ପଦାର୍ପଣ ମ୍ୟାଚ୍ ଖେଳୁଥିବା ଅହମ୍ମଦଙ୍କ ୱିକେଟ ଖାତା ଖାଲି ରହିଥିଲା। ୩୩୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଓଡ଼ିଶା ମାତ୍ର ୧୦୦ ରନରେ ଅଲଆଉଟ ହୋଇଥିଲା। ଗୁଜରାଟର ଡାହାଣହାତୀ ମିଡିୟମ ପେସର ଚିନ୍ତନ ଗାଜା ଘାତକ ସାବ୍ୟସ୍ତ ହୋଇଥିଲେ। ସେ ୩୧ ରନରେ ୬ଟି ୱିକେଟ ଦଖଲ କରିଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ସର୍ବାଧିକ ୨୨ରନ କରିଥିବାବେଳେ କାର୍ତ୍ତିକ ବିଶ୍ୱାଳ ୧୬, ସ୍ୱସ୍ତିକ ସାମଲ ୧୪, ରାଜେଶ ମହାନ୍ତି ୧୨ ରନ କରିଥିଲେ। ଅନ୍ୟ ବ୍ୟାଟରଙ୍କ ପାଇଁ ଦୁଇ ଅଙ୍କ ଛୁଇଁବା ସମ୍ଭବପର ହୋଇନଥିଲା।

## ଟାଟା ଷ୍ଟିଲ୍ ଚେସ୍ | ଅପରାଜିତା ଫେୟାର ପ୍ଲେ ଅଫିସର

ଭୁବନେଶ୍ୱର,୬ା୧(ସମିସ): କୋଲକାତାରେ ଆସନ୍ତାକାଲିଠାରୁ ସମ୍ମାନଜନକ ଟାଟା ଷ୍ଟିଲ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଜଣେ ଅନ୍ତର୍ଜାତୀୟ ଖେଳାଳି ଓ ଆର୍ବିଟର ଅପରାଜିତ ଗୋଛିକାରଙ୍କୁ ଫେୟାର ପ୍ଲେ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ ଦ୍ୱାରା ଆୟୋଜିତ ଓ ବିଶ୍ୱ ଚେସ୍ ମହାସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର କିଛି ଶ୍ରେଷ୍ଠ ଖେଳାଳି ଭାଗ ନେଉଛନ୍ତି। ବିଶ୍ୱନାଥନ ଆନନ୍ଦ, ଅର୍ଜୁନ ଏରିଗାଏସୀ, ପ୍ରଜ୍ଞାନନ୍ଦ, ବିଦିଥ ସନ୍ତୋଷ ଗୁଜରାଟୀ, ୱେସ୍‌ଲୀ ସୋ ଓପନର ବିଭାଗରେ, ଦିବ୍ୟା ଦେଶମୁଖ, ଆର୍ ବୈଶାଳୀ, ଡି ହାରିକା ମହିଳା ବିଭାଗରେ ପ୍ରମୁଖ ଖେଳାଳି ରହିଛନ୍ତି। ଖେଳରେ ସ୍ୱଚ୍ଛତା ରକ୍ଷା କରିବା ଅପରାଜିତାଙ୍କ କାମ।



## ଉତ୍କଳ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୯ ରୁ

ଭୁବନେଶ୍ୱର,୬ା୧(ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସରେ ଆସନ୍ତା ୯ ତାରିଖରୁ ଆରମ୍ଭ ହେବ। ଏଥିରେ ୫ଟି ମୁଖ୍ୟ ବିଭାଗ ଓ ୩ଟି ଭେଟେରାନ ବିଭାଗରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପୁରୁଷ ବିଭାଗରେ ଓପନ ଏକକ ଓ ଯୁଗଳ, ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଏକକ, ମହିଳା ଏକକ ବିଭାଗରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ। ଉପରୋକ୍ତ ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ହେଲେ ପ୍ରତି ବିଭାଗ ଲାଗି ୭୦୦ ଟଙ୍କାର ଏଣ୍ଟ୍ରି ଫି' ଦେବାକୁ ହେବ। ଏହା ବ୍ୟତୀତ ୪୦, ୫୦ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ ପୁରୁଷ ଯୁଗଳରେ ମ୍ୟାଚ୍ ଖେଳାଯିବ। ଏଥିରେ ୧,୦୦୦ ଟଙ୍କା ଏଣ୍ଟ୍ରି ଫି ଦେବାକୁ ପଡ଼ିବ। ଟୁର୍ଣ୍ଣାମେଣ୍ଟରେ ମୋଟ ୩, ୫୦,୦୦୦ ଟଙ୍କା ପୁରସ୍କାର ଦିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଆୟୋଜକ କମିଟି ଅଧକ୍ଷ ଡାକ୍ତର ବିଶ୍ୱଜିତ୍ ମିଶ୍ର ଜଣାଇଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS